


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 288 | ଭାଗ ୩୨ | ସଂଖ୍ୟା୨୮୮ | Bhubaneswar | Saturday 11 January 2025 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୧୧ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଅଭୁଲା ସ୍ମୃତି ସାଉଁଟି ଫେରିଲେ ପ୍ରବାସୀ

# ସମ୍ଭାବନା ଓ ସୁଯୋଗର ମହାପର୍ବ ଶେଷ

## ଆପଣମାନେ ବିକଶିତ ଭାରତ ସଂକଳ୍ପର ଅବିଚ୍ଛେଦ୍ୟ ଅଙ୍ଗ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସ୍ଥାନୀୟ ଜନତା ମୈଦାନରେ ଚାଲିଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଯୋଗଦେଇ ପ୍ରବାସୀମାନେ ବିକଶିତ ଭାରତ ସଂକଳ୍ପର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସମ୍ବୋଧନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ପ୍ରବାସୀ ଭାରତୀୟମାନେ ଆମ ଦେଶର ସର୍ବୋତ୍ତମ ପ୍ରତିନିଧି। ସେମାନେ କେବଳ ଏହି ପବିତ୍ର ଭୂମିରେ ଅର୍ଜିତ ଜ୍ଞାନ ଏବଂ କୌଶଳକୁ ନିଜ ସହ ନେଇନାହାଁନ୍ତି, ବରଂ ହଜାର ହଜାର ବର୍ଷ ଧରି ଆମ ସଭ୍ୟତାର ମୂଳଦୁଆ ସାଜିଥିବା ମୂଲ୍ୟବୋଧ ଏବଂ ନୈତିକତା ମଧ୍ୟ ବହନ କରିଛନ୍ତି। ପ୍ରଯୁକ୍ତିବିଦ୍ୟା, ଭେଷଜ, କଳା କିମ୍ବା ଉଦ୍ୟମିତା କ୍ଷେତ୍ରରେ ପ୍ରବାସୀ ଭାରତୀୟମାନେ ଏପରି ଏକ ପ୍ରଭାବ ସୃଷ୍ଟି କରିଛନ୍ତି ଯାହାକୁ ବିଶ୍ୱ ସ୍ୱୀକାର କରିବା ସହ ସମ୍ମାନ ଦେଇଆସିଛି। ଏହି ଅବସରରେ ରାଷ୍ଟ୍ରପତି ପ୍ରବାସୀ ଭାରତୀୟ ସମ୍ମାନ ପାଇଥିବା ୨୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ସେମାନଙ୍କ ସଫଳତାର କାହାଣୀ କେବଳ ଭାରତ ପାଇଁ ଗର୍ବର ବିଷୟ ନୁହେଁ, ବରଂ ଏହା ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କୁ ଉତ୍କର୍ଷତା ଲାଗି ପ୍ରୟାସ କରିବା ନିମନ୍ତେ ପ୍ରେରଣା ଦେଇଆସିଛି। ଏହି ଅବସରରେ ରାଷ୍ଟ୍ରପତି ମହିଳା ଓ ପ୍ରବାସୀ ଭାରତୀୟଙ୍କ ଉପରେ ବିଶେଷ ଧ୍ୟାନ ଦେଇ ରାଷ୍ଟ୍ରର ନେତୃତ୍ୱ ନେବାରେ ଉଲ୍ଲେଖନୀୟ ଅବଦାନ ଦେଇ ବିଶ୍ୱ ମଞ୍ଚରେ ଏକ ଉଚ୍ଚ ମାନଦଣ୍ଡ ସ୍ଥାପନ କରିଥିବାରୁ ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟ ରାଷ୍ଟ୍ରପତି କ୍ରିଷ୍ଟିନ କାଙ୍ଗାଲୁଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

ରାଷ୍ଟ୍ରପତି କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସ ଏକ କାର୍ଯ୍ୟକ୍ରମଠାରୁ ଅଧିକ ବ୍ୟାପକ ହୋଇଯାଇଛି। ଏହା ଏପରି ଏକ ମଞ୍ଚ ➪ପୃଷ୍ଠା-୬

## ପ୍ରବାସୀ ଓଡ଼ିଶା ବିକାଶର ତୃତୀୟ ଇଞ୍ଜିନ୍



ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଓଡ଼ିଆମାନଙ୍କୁ ରାଜ୍ୟ ବିକାଶର ତୃତୀୟ ଇଞ୍ଜିନ୍ ବୋଲି କହିଛନ୍ତି। ପ୍ରବାସୀ ଓଡ଼ିଆମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଆମକୁ ଏକ ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପର ଅବସର ଆଣିଦେଇଛି। ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ୍ ସହ ତୃତୀୟ ଇଞ୍ଜିନ୍ ଭାବେ ପ୍ରବାସୀ ଇଞ୍ଜିନ୍ ଯୋଡ଼ି ହୋଇଛି। ବିଦେଶ ମାଟିରେ ପ୍ରବାସୀମାନେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁ ହୋଇପାରିଛନ୍ତି। ପ୍ରବାସରେ ରହି ମଧ୍ୟ ସେମାନେ ଓଡ଼ିଶାର ବିକାଶ ଓ ଅସ୍ମିତାର ସୁରକ୍ଷା ବିଷୟରେ ଚିନ୍ତା କରୁଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ପ୍ରବାସୀ ଓଡ଼ିଆଙ୍କ ସମସ୍ୟାର ସମାଧାନ ଓ ଓଡ଼ିଶାର ବିକାଶ ପାଇଁ ➪ପୃଷ୍ଠା-୬

## ପ୍ରବାସୀଙ୍କ ଜମି ହଡ଼ପ ସମସ୍ୟାର ସମାଧାନ ହେବ: ଆହୁଜା



ପ୍ରବାସୀ ଭାରତୀୟ ହୁଅନ୍ତୁ ଅବା ଅବସରପ୍ରାପ୍ତ କର୍ମଚାରୀମାନେ ଦେଶ ବାହାରେ ବସବାସ କରୁଥିବାରୁ ସେମାନଙ୍କ ଜମି ହଡ଼ପ ହେଉଥିବା ନେଇ ଏକାଧିକ ଅଭିଯୋଗ ସାମ୍ନାକୁ ଆସିଛି। ଏହାକୁ ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର ସମାଧାନ କରିବା ଦିଗରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରୁଛନ୍ତି। ଏଭଳି ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ ଜଣେ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ➪ପୃଷ୍ଠା-୬

## ଉତ୍କର୍ଷ ଓଡ଼ିଶା ପାଇଁ ପଥପ୍ରଦର୍ଶକ: ସଚିବ



ଆଜି ଉଦ୍‌ଯାପିତ ହୋଇଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା ଗଠନ ଦିଗରେ ପଥପ୍ରଦର୍ଶକ ହେବ ବୋଲି ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି। ସେ କହିଛନ୍ତି କାର୍ଯ୍ୟକ୍ରମ ଏକ ଟିମ୍ ୱାର୍କ ଥିଲା । ଏହାକୁ ଆମେ କଠିନ ପରିଶ୍ରମ ➪ପୃଷ୍ଠା-୬

## ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ସ୍ଥାନୀୟ ଜନତା ମଇଦାନରେ ଚାଲିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେଇଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏନେଇ ଶ୍ରୀ ମାଝୀ ତାଙ୍କ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ଉକ୍ତ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସରେ ଶ୍ରୀ ମୋଦୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ସଫଳ ଏବଂ ସ୍ୱତନ୍ତ୍ର କରିପାରିଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ସମସ୍ତ ପ୍ରବାସୀ ଭାରତୀୟଙ୍କ ମନରେ ନୂଆ ଆଶା, ଉତ୍ସାହ ଏବଂ ଉଦ୍ଦୀପନା ଭରିଦେବା ସହ 'ବିକଶିତ ଭାରତ' ନିର୍ମାଣ ପାଇଁ ଅନୁପ୍ରାଣିତ କରିଛି ବୋଲି ଶ୍ରୀ ମାଝୀ ଦର୍ଶାଇବା ସହ ଏଥିପାଇଁ ବ୍ୟକ୍ତିଗତ ଭାବେ କୃତଜ୍ଞତା ଜଣାଇଛନ୍ତି। ସେହିପରି ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେଇଥିବା ପ୍ରବାସୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ସେ ➪ପୃଷ୍ଠା-୬

## ୨୦୩୬ରେ ବିଶ୍ୱର 'ହାପେନିଂ ପଏଣ୍ଟ୍' ହେବ ଓଡ଼ିଶା




**ଭୁବନେଶ୍ୱର:** ଓଡ଼ିଶାର ପରିଚୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆମେ ନିଜେ ଓ ଅନ୍ୟମାନଙ୍କୁ ସ୍ୱାଭିମାନୀ, ସ୍ୱାବଲମ୍ବୀ ଓ ଆତ୍ମବିଶ୍ୱାସୀ ହେବାର ସଂକଳ୍ପ କରାଇଲେ ହିଁ ଓଡ଼ିଶାର ପରିଚୟ ବିଶ୍ୱ ଦରବାରରେ ବଢ଼ିବ। ଏଥିସହ ୨୦୩୬ରେ ପ୍ରବାସୀ ଓଡ଼ିଆଙ୍କ ଉଦ୍ୟମରେ ଓଡ଼ିଶା ବିଶ୍ୱର 'ହାପେନିଂ ପଏଣ୍ଟ୍' ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପିତ ଉତ୍ସବରେ ପ୍ରବାସୀ ଓଡ଼ିଆଙ୍କ ସହ ଆଲୋଚନା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ ଦେଶ ହେଉ କି ବିଦେଶରେ ପ୍ରବାସୀ ଓଡ଼ିଆଙ୍କୁ ଭେଟିଲେ ତାଙ୍କୁ ଯଥେଷ୍ଟ ଆତ୍ମସନ୍ତୋଷ ମିଳେ। ବାହାରେ ଓଡ଼ିଶାର ପର୍ବପର୍ବାଣୀ ପାଳନ ସହ ବିପତ୍ତି ସମୟରେ ପ୍ରବାସୀ ଓଡ଼ିଆମାନେ ସହଯୋଗର ହାତ ବଢ଼ାଇଛନ୍ତି । ଓଡ଼ିଶା ପ୍ରତି ଅମାପ ଆବେଗ ଓ ମମତା ଥିବା କାରଣରୁ ପ୍ରବାସୀ ଓଡ଼ିଆମାନେ ପ୍ରବାସୀ ଭାରତୀୟ ଦିବସରେ ସାମିଲ ହୋଇ ଏହି ଐତିହାସିକ କାର୍ଯ୍ୟକ୍ରମକୁ କେବଳ ସଫଳ କରିନାହାନ୍ତି ବରଂ ➪ପୃଷ୍ଠା-୬

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ବିଚାରାଧୀନ ମାମଲାରେ ଏକପାଖିଆ ସମ୍ମତି ପ୍ରତ୍ୟାହାର ସମ୍ଭବ

**କଟକ,୧୦।୧(ସଂଚାର ବ୍ୟୁରୋ):** ବିବାହ ବିଚ୍ଛେଦ ମାମଲାରେ ହାଇକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି, ମାମଲା ବିଚାରାଧୀନ ଥିବାବେଳେ ଜଣେ ଏକପାଖିଆ ସମ୍ମତି ପ୍ରତ୍ୟାହାର କରିପାରିବେ। ରାୟ ପୂର୍ବରୁ ଦମ୍ପତିଙ୍କ ମଧ୍ୟରୁ ଜଣେ ଏକପାଖିଆ ସମ୍ମତି ପ୍ରତ୍ୟାହାର କରିପାରିବେ। ବାଲେଶ୍ୱର ପରିବାର ଅଦାଲତଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ରାୟ ସଂରକ୍ଷିତ ବେଳେ ସ୍ତ୍ରୀ ସମ୍ମତି ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ। ରାୟ ପ୍ରକାଶର ୪ ଦିନ ପୂର୍ବରୁ ସ୍ତ୍ରୀ ସମ୍ମତି ପ୍ରତ୍ୟାହାର କରିଥିଲେ। ତେବେ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଥିଲେ ବାଲେଶ୍ୱର ଫ୍ୟାମିଲି କୋର୍ଟ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସ୍ତ୍ରୀ। ହାଇକୋର୍ଟ ସ୍ତ୍ରୀଙ୍କ ଆବେଦନକୁ ଗ୍ରହଣ ମଧ୍ୟ କରିଥିଲେ। ଫ୍ୟାମିଲି କୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ।

## ଅଗ୍ରୀମ ପ୍ରାପ୍ୟ ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା

**ଭୁବନେଶ୍ୱର:** କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଅଂଶ ବାବଦ ପ୍ରାପ୍ୟ ଅଗ୍ରୀମ ଆକାରରେ ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଅର୍ଥ ମନ୍ତ୍ରୀ ଏନ. ସୀତାରମଣଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ମୋଟ ୧ କୋଟି ୭୩ ଲକ୍ଷ ୩୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏଥିରେ ଓଡ଼ିଶାର ଭାଗ ୭୮୩୪.୮୦ କୋଟି ଟଙ୍କା ରହିଛି। କେନ୍ଦ୍ର ସରକାରଙ୍କ ଏପରି ପଦକ୍ଷେପ ରାଜ୍ୟ ବିକାଶରେ ସହାୟକ ହେବା ସହ ଜନସାଧାରଣଙ୍କ ସେବା ସକାଶେ ସରକାରଙ୍କୁ ସଶକ୍ତ କରିବ ବୋଲି ଶ୍ରୀ ମାଝୀ ଟ୍ୱିଟ୍ କରି କହିଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ସେମାନଙ୍କ ପ୍ରାପ୍ୟ ବାବଦରେ ୮୯ ହଜାର ୮୬ କୋଟି ଟଙ୍କା ପ୍ରଦାନ କରିଥିଲେ।

## ପୁଣି ଲଗ୍‌ଇନ୍ କରିହେବ ସୁଭଦ୍ରା ପୋର୍ଟାଲ



**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନାରେ ଆବେଦନ ବେଳେ ଭୁଲରେ ହେଉ କି ଅନ୍ୟ କେଉଁ କାରଣରୁ ହେଉ, ଓପ୍ଟ ଆଉଟ୍ ହୋଇଥିବା ହିତାଧିକାରୀମାନଙ୍କ ପାଇଁ ନୂଆ ବ୍ୟବସ୍ଥା। ଓପ୍ଟ ଆଉଟ୍ ହୋଇଥିବା ଲୋକଙ୍କ ପାଇଁ ସୁଭଦ୍ରା ପୋର୍ଟାଲରେ ପୁଣି ଥରେ ଲଗ୍ ଇନ ସହ ଅପ୍ଟ ଇନର ବ୍ୟବସ୍ଥା କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସୋଶାଲ ମିଡ଼ିଆ ଏକ୍ସରେ ଉଲ୍ଲେଖ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏ ସମ୍ପର୍କରେ ଅନେକ ଗୁଡିଏ ଅଭିଯୋଗ ଆସିବା ପରେ ଏହାକୁ ପ୍ରାଥମିକତା ଦେଇ ସମସ୍ୟାର ସମାଧାନ କରାଯାଇଛି। ବିଶେଷକରି ଭୁଲରେ ଓପ୍ଟ ଆଉଟ୍ ହୋଇଯାଇଥିବା 'ସୁଭଦ୍ରା ହିତାଧିକାରୀ'ଙ୍କ ପାଇଁ ପୋର୍ଟାଲରେ ବ୍ୟବସ୍ଥା ହୋଇଛି। ଯେଉଁମାନେ ଓପ୍ଟ ଇନ୍ କରିବାକୁ ଚାହୁଁଛନ୍ତି ସେମାନେ ପୋର୍ଟାଲରେ ପ୍ରଥମେ ଲଗ୍‌ଇନ୍ କରିବେ ଏବଂ ଓପ୍ଟ ଇନ୍ କରିପାରିବେ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ 'ସୁଭଦ୍ରା' ସହାୟତା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗତ ବର୍ଷ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳି ସାରିଛି। ଡିସେମ୍ବର ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଚର୍ଚ୍ଚା ହେଉଥିବା ବେଳେ ହିତାଧିକାରୀଙ୍କୁ ତାହା ମିଳି ନ ଥିଲା। ତେଣୁ ଚଳିତ ବର୍ଷ ୩ ଥର ସୁଭଦ୍ରା ଯୋଜନା ଟଙ୍କା ମିଳିବ ବୋଲି ଜଣାଯାଇଛି। ଚଳିତ ବର୍ଷ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ । ଏଥିସହ ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ବି ସୁଭଦ୍ରା ଟଙ୍କା ମିଳିବ। ତେଣୁ ଚଳିତ ବର୍ଷ ମହିଳା ହିତାଧିକାରୀମାନେ ୩ ଥର ସୁଭଦ୍ରା ଟଙ୍କା ପାଇବେ ବୋଲି ସୂଚନା ଦେଇଛନ୍ତି ପ୍ରଭାତୀ ପରିଡ଼ା।

## ତେଲେଙ୍ଗାନାରେ ବସ୍ ଦୁର୍ଘଟଣା: ୪ ଓଡ଼ିଆ ମୃତ

**ବୋରିଗୁମା,୧୦।୧ (ସଂଚାର ବ୍ୟୁରୋ):** ତେଲେଙ୍ଗାନାର ସୂର୍ଯ୍ୟାପେଟ-ଖମାମ ରାସ୍ତାରେ ଆଜି ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ଏକ ବସ୍ ପିଟି ହେବାରୁ ଏହି ଦୁର୍ଘଟଣାରେ ୪ ଓଡ଼ିଆଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ସୂଚନା ମିଳିଛି। କଳାହାଣ୍ଡି ସିନାପାଲିରୁ ୩୨ ଜଣ ଶ୍ରମିକଙ୍କୁ ନେଇ ଗତକାଲି ହାଇଦ୍ରାବାଦ ଅଭିମୁଖେ ବାହାରିଥିଲା ବସ୍ । ବସ୍‌ଟି ରାତି ପ୍ରାୟ ୩ଟା ସମୟରେ ସୂର୍ଯ୍ୟାପେଟ-ଖମାମ ରାସ୍ତା ଅତିକ୍ରମ କରୁଥିଲା। ଉକ୍ତ ସମୟରେ ରାସ୍ତା ଉପରେ ଏକ ଟ୍ରକ୍ ଛିଡ଼ା ହୋଇଥିବା ବେଳେ ଦ୍ରୁତଗାମୀ ବସ୍‌ଟି ତାହାକୁ ପଛ ପଟୁ ପିଟିଥିଲା। ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବସ୍ ଡ୍ରାଇଭର, ୨ ମହିଳା ଶ୍ରମିକ ଓ ଜଣେ ପୁରୁଷ ଶ୍ରମିକ ଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ଆଉ କେତେକ ଶ୍ରମିକ ଆହତ ମଧ୍ୟ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।



### କାନ ଡେରିଥା

ସହଦେବ ନାୟକ ହତ୍ୟା
ଘଟଣା
ନିହାତି ଆଘାତ ଦେଇଛି
ଏହାକୁ ନେଇକି ରାଜନୀତି
କରି
ବିଜେଡି ଯେ ଫସି ଯାଇଛି
ମମିତା ଯେ ଝୁରି ହେଉଛି...
ଏତେ ବର୍ଷ ଧରି ନ୍ୟାୟ
ନପାଇ
ନରକ ରେ ପେଷି ହେଉଛି!।

■ ଦେବାଶିଷ

## ୩ ବିଜେଡି ଯୁବନେତାଙ୍କୁ ଖୁବଶୀଘ୍ର ନୋଟିସ୍!



- ପାଇଛନ୍ତି ଭାଇଭାଗ, ନେଇଛନ୍ତି ମଜା
- ପ୍ରୋଟେକ୍ସନ ଦେଇ ଫସିଗଲେ ରାଜନେତା
- ଆଇଟିଓଙ୍କୁ ତଥ୍ୟ ମାଗିଲା ଆଇଟି

**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** କେତେବେଳେ ଭାଇ ବନି ବାର୍ଥ ଡେ ପାର୍ଟିରେ ସାଂପେନ ସ୍ପ୍ରେ କରୁଥିଲେ ତ ଆଉ କେତେବେଳେ ତାରକା ହୋଟେଲରେ କରୁଥିଲେ ଡିନର । ପୂର୍ବ ସରକାର ଥିବା ବେଳେ ସିଏସଆର ପାଣ୍ଠି କୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାରେ ବିନିଯୋଗ ପାଇଁ ସହଯୋଗର ହାତ ବଢ଼ାଉଥିଲେ। ଆଉ ପରେ କିଛି ଅସୁବିଧା ହେଲେ ପଲିଟିକାଲ ପ୍ରୋଟେକ୍ସନ ବି ଦେଉଥିଲେ। ସୁବିଧା ବେଳେ କ୍ରିମ ଖାଇ ବର୍ତ୍ତମାନ ହରଡ଼ଘଣା ରେ ପଡିଛନ୍ତି। ଆମେ କହୁଛୁ, ବିଜୁ ଜନତା ଦଳର ସେହି ୩ କରିତକର୍ମା ଯୁବନେତାଙ୍କ କଥା । ଯେଉଁମାନେ ବର୍ତ୍ତମାନ ସ୍ପେଶାଲ କ୍ରାଇମ ୟୁନିଟ ଓ ଆୟକର ବିଭାଗର ସ୍କାନରରେ। ତଥାକଥିତ ବଣ୍ଟି ଔର ବବଲିଙ୍କ ସହ ଆର୍ଥିକ କାରବାର ନେଇ ପ୍ରମାଣ ପାଇବା ପରେ ଖୁବଶୀଘ୍ର ଏମାନଙ୍କୁ ହେବ ନୋଟିସ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ ଜଣେ କଳାହାଣ୍ଡି ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ଜଣେ କଟକ ଜିଲ୍ଲାର। ତୃତୀୟ ଜଣଙ୍କ ଏବେ ମଧ୍ୟ ଭଦ୍ରକ ଜିଲ୍ଲାରୁ ବିଧାୟକ ଅଛନ୍ତି । ଭଦ୍ରକ ଜିଲ୍ଲାର ବିଜେଡି ବିଧାୟକ ଜଣଙ୍କ ଅନୀଲ ଙ୍କ ବାର୍ଥ ଡେ ପାର୍ଟିରେ ବେଶ ଅୟସ କରିଥିଲେ । କେକ କାଟିବା ସହ ସାଂପେନ ସ୍ପ୍ରେ ମଧ୍ୟ କରିଥିଲେ । ଗଲ୍ଫ କ୍ଲବରେ ହୋଇଥିବା ଏହି ପାର୍ଟିର ସମସ୍ତ ଭିଜୁଆଲ ଓ ସିସିଟିଭି ତଦନ୍ତକାରୀ ସଂସ୍ଥା ହାତରେ ଲାଗିବା ପରେ ଶଙ୍ଖ ମହଲରେ କମ୍ପନ ସୃଷ୍ଟି ହୋଇଛି ।

ସେପଟେ କେବଳ ପୋର୍ସେ ନୁହେଁ, ବିଏମ୍‌ଡବ୍ଲୁ, ମର୍ସିଡିଜ୍ ବେଞ୍ଜ, ଜାଗୁଆର ଭଳି ଦାମୀ ଗାଡିରେ ➪ପୃଷ୍ଠା-୬

## ରାଜଧାନୀରେ ତ୍ରିକୋଣୀୟ ଅଳିଆ ପ୍ରେମ








**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** ଦୁଇ ଦିନ ହେଲା ରାଜଧାନୀର ଅଳିଆ ନଉଠିବା ଓ ସରକାରୀ କଳ ଚୁପ୍ ରହିବା ପଛରେ ତ୍ରିକୋଣୀୟ ପ୍ରେମ ରହିଥିବା ଆଲୋଚନା ହେଉଛି । ଅଳିଆ ଉଠାଉଥିବା ଦକ୍ଷିଣୀ ସଂସ୍ଥା-ସଂସ୍ଥାଙ୍କୁ ଓଡ଼ିଶାରେ ପ୍ରବେଶ କରାଇଥିବା ନେତା ଓ ନେତାଙ୍କୁ ବାଟ ଦେଖାଇଥିବା ବାବୁଙ୍କ ପାଇଁ ଏବେ ସହର ଗନ୍ଧାଇବା ଆରମ୍ଭ କଲାଣି । ଆଲୋଚନା ଅନୁଯାୟୀ ରାଜଧାନୀର ୬୭ଟି ୱାର୍ଡ ମଧ୍ୟରୁ ଅଧାରୁ ଅଧିକ ୱାର୍ଡର ପରିମଳ ଦାୟିତ୍ୱ ରହିଛି ଦକ୍ଷିଣୀ ସଂସ୍ଥାଙ୍କ ହାତରେ । ଦକ୍ଷିଣରୁ ଆସି ରାଜଧାନୀରେ ଝାଡୁମରା ଠିକା ପାଇଥିବା ଏହି ସଂସ୍ଥା ପୂର୍ବ ସରକାରରେ ଯେଭଳି କ୍ଷମତାଶାଳୀ ଥିଲେ ଏବେ ବି ସେହିଭଳି ଅଛନ୍ତି। ସେମାନଙ୍କୁ ଆକଟ କରିବାକୁ କିମ୍ବା ମୁହଁ ଖୋଲି କହିବାକୁ କେହି ସାହସ କରିପାରୁ ନାହାନ୍ତି । ଅବଶ୍ୟକ ସ୍ଥିତି ଏତିକି ବଦଳିଛି ଯେ ପୂର୍ବରୁ ସେମାନେ ସ୍ଥାନୀୟ କର୍ପୋରେଟର ଓ ଅଧିକାରୀମାନଙ୍କୁ ଦକ୍ଷିଣୀ ଭାଷାରେ ଗାଳି କରିବା ସହିତ ନାଲିଆଖି ଦେଖାଉଥିବାବେଳେ ଏବେ ତାହା ପ୍ରାୟତଃ ନାହିଁ । କେଦାରପଲ୍ଲୀ ବସ୍ତିର ସହଦେବ ନାୟକ ହତ୍ୟାକାଣ୍ଡକୁ ନେଇ ରାଜଧାନୀର ପରିମଳ ବ୍ୟବସ୍ଥା ଅଣନିଶ୍ୱାସୀ ହେଉଥିବାବେଳେ ସରକାର ବଦନାମ ହେବାରେ ଲାଗିଛନ୍ତି। ସହରରେ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ ଚାଲିଥିବାବେଳେ ଦୁଇ ଦିନ ଝାଡୁ ମରାନହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବିଜେଡି ବିଧାୟକ ଓ ମେୟର ଏଭଳି କାର୍ଯ୍ୟକୁ ବଳ ଯୋଗାଉଥିବାବେଳେ ସରକାରୀକଳ ବି ମୂକ ଦର୍ଶକ ସାଜିଛନ୍ତି। ତୁରନ୍ତ ଏଥିରେ ସରକାର ହସ୍ତକ୍ଷେପ କରିବାକୁ ଦାବି ଉଠିଲାଣି । ହତ୍ୟାକାଣ୍ଡର କେଇଘଣ୍ଟା ଭିତରେ ପୁଲିସ୍ ଅପରାଧିଙ୍କୁ ଧରିଥିବାବେଳେ ଏବେ କ୍ଷତିଗ୍ରସ୍ତ ପରିବାରକୁ କୋଟିଏ ଟଙ୍କାର କ୍ଷତିପୂରଣ ଦେବାପାଇଁ ବିଜେଡି ➪ପୃଷ୍ଠା-୬

**ଗନ୍ଧେଇଲାଣି ସହର**
**ବଦ୍‌ନାମ ହେଉଛନ୍ତି ସରକାର**

## ସନ୍ନ୍ୟାସୀ ପ୍ରୋ ଏକ ନମ୍ବର ଯୋଗାଡ଼ିଆ!




ଏକ ନମ୍ବର ଯୋଗାଡିଆ !କପ୍ରିୟ ସୋସିଆଲ ମିଡିଆ ଫେସ୍‌ବୁକରେ ଓଡ଼ିଶାର ଆଗଧାଡିର ନେତାମାନଙ୍କ ମଧ୍ୟରେ କିଏ ଆଗରେ ତାହାର ହୋଇଥିବା ଅନୁଧ୍ୟାନରୁ ଜଣାଯାଇଛି ଯେ ସନ୍ନ୍ୟାସୀ ପ୍ରୋ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବି ଯାଙ୍କ ଠାରୁ ଢେର ପଛରେ । ସୋସିଆଲ ମିଡିଆରେ ସକ୍ରିୟ ନେତାଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଜେପି ସାଂସଦ ବୈଜୟନ୍ତ ପଣ୍ଡା, ସାଂସଦ ଅପରାଜିତା ଷଡଙ୍ଗୀ,ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସନ୍ନ୍ୟାସୀ ପ୍ରୋ ।ସନ୍ନ୍ୟାସୀ ପ୍ରୋଙ୍କର ଫେସବୁକରେ ସର୍ବାଧିକ ୨.୪ ନିୟୁତ ଫଲୋର ରହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୧.୬ ନିୟୁତ ଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ୧.୨ ନିୟୁତ, ଅପରାଜିତାଙ୍କର ୩.୪୪






ଲକ୍ଷ, ବୈଜୟନ୍ତ ପଣ୍ଡାଙ୍କର ୧.୮ ନିୟୁତ, ମନମୋହନ ସାମଲଙ୍କର ୧.୧୦ଲକ୍ଷ ଓ ଅଶ୍ୱିନୀ ବୈଷ୍ଣବଙ୍କର ୯.୦୩ଲକ୍ଷ ଫଲୋର ରହିଛନ୍ତି। ତେବେ ସନ୍ନ୍ୟାସୀ ପ୍ରୋ ରାଜନୀତିରେ ସେତେଟା ପୁରୁଣା ନଥିବାବେଳେ କିଭଳି ନିଜ ଫେସବୁକ୍ ଆକାଉଣ୍ଟକୁ ଏତେ ବଢ଼ାଇଲେ ତାହାକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ସନ୍ନ୍ୟାସୀ ପ୍ରୋ ଭଲ ଯୋଗାଡିଆ ହୋଇଥିବାରୁ ସମସ୍ତଙ୍କୁ ଟପି ଯାଇଥିବା ଆଲୋଚନା ହେଉଛି । ସନ୍ନ୍ୟାସୀ ପ୍ରୋ ଇତି ମଧ୍ୟରେ ନିଜ ରଙ୍ଗ ବଦଳେଇ ଶାଗୁଆରୁ ଗେରୁଆ ମୁହାଁ ହୋଇଛନ୍ତି। ବିଜେପି ନେତାଙ୍କ ଆଗରେ ନିଜର ପତିଆରା ପାଇଁ ସନ୍ନ୍ୟାସୀ ପ୍ରୋ କୁଆଡେ ବ୍ୟାପକ ଅର୍ଥ ଶ୍ରାଦ୍ଧ କରି ନିଜର ଫେସବୁକ ଆକାଉଣ୍ଟକୁ ଏଭଳି ଉପରମୁହାଁ କରିଛନ୍ତି । ତେବେ ସନ୍ନ୍ୟାସୀଙ୍କ ଦୟାରୁ ରାଜନୀତିକୁ ଆସିଥିବା ସନ୍ନ୍ୟାସୀ ପ୍ରୋ କେବେ ଗେରୁଆଙ୍କୁ ବାଏ ବାଏ କହି ଲଣ୍ଡାହେବେ ତାହା ଉପରେ ସମସ୍ତଙ୍କ ନଜର ।

# ଖୋଲିଲା ଧାନ ମଣ୍ଡି

**● ଉଦ୍‌ଘାଟନ କଲେ ବିଧାୟକ ● ଆଜିଠୁ ଧାନ କିଣା ଆରମ୍ଭ**

**କେନ୍ଦ୍ରାପଡ଼ା, ୧୦।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲାରେ ଚଳିତ ଖରିଫ ଫସଲ ଧାନକ୍ରୟ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇ ଯାଇଛି ।ପୂର୍ବାହ୍ନ ସମୟରେ ଦୁହୁରିଆ ଜମଧର ସ୍ଥିତ ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ ଦପ୍ତର ମଧ୍ୟରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର



ବେହେରା, ଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ସଭାପତି ସ୍ମୃତି ରଞ୍ଜନ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ବରିଷ୍ଠ ଏଆରସିଏସ୍ ସନ୍ତୋଷ କୁମାର ଦାସ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ସଚ୍ଚିଦାନନ୍ଦ ଜେନା, ବିଜେପି କୃଷକ ମୋର୍ଚ୍ଚାର ସଭାପତି ଶ୍ରୀଧର ପ୍ରଧାନ,ବିକ୍ରମ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଆଜିଠାରୁ ଜିଲ୍ଲାର ୧୨୩ଟି ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ ଆରମ୍ଭ କରାଯାଇଛି । କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟକ ଚାଷୀ, ମିଲର, ଯୋଗାଣ ବିଭାଗର ନିରୀକ୍ଷକ ଓ କୃଷକ ନେତା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାକାଳପଡ଼ା ବିଜେପିରେ ଅଜବ ନୀତି

# ଦୁଇ ଭୋଟର୍ କାର୍ଡ ହାତେଇଥିବା ବ୍ୟକ୍ତିଙ୍କୁ ମଣ୍ଡଳ ସଭାପତି ଦାୟିତ୍ୱ

**ମହାକାଳପଡ଼ା, ୧୦।୧ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀକୁ ନେଇ ଚର୍ଚ୍ଚା ଥମିବାର ନା ନେଉନି। ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ମହାକାଳପଡ଼ା ଏବେ ମଣ୍ଡଳ ସଭାପତି ଚୟନକୁ ନେଇ ଚର୍ଚ୍ଚାକୁ ଆସିଛି। ଜଣେ ବ୍ୟକ୍ତି ଦୁଇ ଗୋଟି ଭୋଟର କାର୍ଡ ହାତେଇ କିପରି ଜୋନ୍ ସଭାପତି ଭାବରେ ନିର୍ବାଚିତ ହେଲେ ତାହାକୁ ନେଇ ଏଇ କେଇଦିନ ହେବ ଉଠୁଛି ପଡୁଛି ସାମାଜିକ ଗଣମାଧ୍ୟମ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ମହାନଦୀ ମଣ୍ଡଳ(୨୧) ପାଇଁ ପ୍ରଦୀପ ବେହେରାଙ୍କୁ ମଣ୍ଡଳ ସଭାପତି ଭାବରେ ଦାୟିତ୍ୱ ମିଳିଛି। ମହାକାଳପଡ଼ା ବିଜେପିର ବିଧାୟକଙ୍କ ଅନୁମୋଦନ କ୍ରମେ ମହାକାଳପଡ଼ା ର ୭ ଗୋଟି ମଣ୍ଡଳ ପାଇଁ ସଭାପତି ଚୟନ ପ୍ରକ୍ରିୟା କରାଯାଇଥିଲା। ହେଲେ ଏବେ ୨୧ ନମ୍ବର ମଣ୍ଡଳ ସଭାପତିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ପ୍ରଦୀପ କୁମାର ବେହେରା ଭିନ୍ନ ଭିନ୍ନ ଜିଲ୍ଲାରେ ଭୋଟ ପରିଚୟ ପତ୍ର ହାତେଇ ଥିବା ଭୋଟର




କାର୍ଡ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଜଣଙ୍କ ନାମରେ ପାଖାପାଖି ୩ ଗୋଟି ଭୋଟର କାର୍ଡର ତଥ୍ୟ ପୁରା ମହାକାଳପଡ଼ା କାହିଁକି ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ସଂଶୋଧନ ଭୋଟର ପ୍ରକାଶନ ତାରିଖ ୫ ଜାନୁୟାରୀ ୨୦୨୪ ଅନୁସାରେ ପ୍ରଦୀପଙ୍କ ଭୋଟର କାର୍ଡ ତାଲିକା ବରଖାସ୍ତ ହୋଇଛି ଯାହାର ପରିଚୟପତ୍ର ନମ୍ବର ଏମଡିଏନ୨୩୪୨୮୦୬ ରହିଛି । ସେହିପରି ଆଉ ଏକ ପରିଚୟ ପତ୍ର ଯାହା ମହାକାଳପଡ଼ା ର ରହିଛି ତାହାର ନମ୍ବର ଏସଏକ୍ସବି ୧୬୫୩୪୯୨ ରହିଛି । ସବୁଠାରୁ ବଡ଼ କଥା ଜଗତସିଂହପୁର ଜିଲ୍ଲା ରେ ମଧ୍ୟ ପ୍ରଦୀପଙ୍କ ନାମରେ ରହିଛି ଭୋଟର ତାଲିକା । ଯାହାର ନମ୍ବର ଡିସିଏକ୍ସ୩୧୪୩୯୯୭ ରହିଛି। ଜଣେ ବ୍ୟକ୍ତି କିପରି ଏକାଧିକ ଭୋଟର କାର୍ଡ ହାତେଇଛନ୍ତି ଓ ଭିନ୍ନ ଭିନ୍ନ ଜାଗାରେ ମତଦାନ କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି। ନିର୍ବାଚନ ଆଇନକୁ ଉଲଂଘନ କରୁଥିବା ଜଣେ ବ୍ୟକ୍ତଙ୍କୁ କିଏ ଓ କେଉଁ ଆଧାରରେ ମଣ୍ଡଳ ସଭାପତି ଭାବରେ ଦାୟିତ୍ୱ ଦେଇଛନ୍ତି ତାହାକୁ ନେଇ ମଧ୍ୟ ସୋସିଆଲ ମିଡିଆରେ ପ୍ରଶ୍ନ ଉଠୁଛି।

ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ ର ଆବାହକ ପ୍ରତାପ ମହାନ୍ତି କହିଛନ୍ତି ସେ ବ୍ୟକ୍ତି ଏକାଧିକ ଭୋଟର କାର୍ଡ ହାତେଇବା ଏକ ଦଣ୍ଡନୀୟ ଅପରାଧ। ଯାହା ନିର୍ବାଚନ ଆଇନକୁ ଉଲଂଘନ କରୁଛି। ଏମିତି ନିୟମ ଉଲଙ୍ଘନ କରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚନ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦରକାର। ସେହିପରି ପୂର୍ବତନ ବିଜେପି ବ୍ଲକ୍ ସଭାପତି ପ୍ରତାପ ତ୍ରିପାଠୀ କହିଛନ୍ତି ସେ ବ୍ୟକ୍ତିଙ୍କର ଭୋଟର ତାଲିକା ହିଁ ପ୍ରମାଣ କରୁଛି ସେ ଜଗତସିଂହପୁର ଜିଲ୍ଲାର ବାସିନ୍ଦା। ହେଲେ ତାଙ୍କୁ ମହାକାଳପଡ଼ାରେ ଜୋନ୍ ସଭାପତି ଦାୟିତ୍ୱ ଦେଇ ଦଳ ବିଜେପି କର୍ମୀ ମାନଙ୍କ ମନୋବଳ ଭାଙ୍ଗୁଛି। ଯଦି ଏହିଭଳି ବ୍ୟକ୍ତିଙ୍କୁ ମଣ୍ଡଳ ସଭାପତି କରାଯାଏ ତେବେ ମଣ୍ଡଳର ସଙ୍ଗଠନ ବଢ଼ିବା ପରିବର୍ତ୍ତେ ତଳକୁ ତଳକୁ ଯିବ ଏଥିରେ ସନ୍ଦେହ ନାହିଁ।

## କାମ ନାଁରେ ଠିକାଦାର ରାସ୍ତା ବନ୍ଦ ରଖିବା ଘଟଣା

# ସଂଚାରରେ ଖବର ପ୍ରକାଶିତ ହେବା ପରେ ତ୍ୱରାନିତ ହେଲା କାର୍ଯ୍ୟ

**କେନ୍ଦ୍ରାପଡା, ୧୦।୧ (ସଂଚାର ବ୍ୟୁରୋ):** ଠିକାଦାର ଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଏକ ମାସ ଧରି ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା । ବାରମ୍ବାର ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଏନେଇ କହୁଥିଲେ ମଧ୍ୟ କୌଣସି କର୍ଣ୍ଣପାତ

### ଖାଲରେ ବାଲି ଭର୍ତ୍ତି କଲେ ଠିକାଦାର

କରୁନଥିଲେ । ବହୁ ଅସୁବିଧାର ସମ୍ମୁଖୀନ ହେବା ପରେ ଶେଷରେ ସଂଚାରକୁ ଜଣାଇଥିଲେ। ଶୁକ୍ରବାର ଏହି ସମ୍ପର୍କିତ ଖବର ସଂଚାରରେ ପ୍ରକାଶିତ ହେବା ପରେ ଶେଷରେ ଠିକାଦାରର ମନମାନି ଭାଙ୍ଗିଛି । ଖବର ପ୍ରକାଶିତ ହେବାର କିଛି ଘଣ୍ଟା ମଧ୍ୟରେ ଉକ୍ତ ସ୍ଥାନକୁ ତ୍ୱରାନିତ କରିଥିବା ଦେଖିବାକୁ ମିଳିଛି। ସମସ୍ୟା ଦୂର ହେବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ସଂଚାର ଖବର କାଗଜ କୁ ଧନ୍ୟବାଦ୍ ଜଣାଇଛନ୍ତି ।

ସୂଚନା ଯୋଗ୍ୟ ଗରଦପୁର ବ୍ଲକ ପାଟକୁରା ମୁଖ୍ୟ ବଜାରର ମଧ୍ୟରେ



ଥିବା ପାଟକୁରା ଥାନା ସମ୍ମୁଖରେ ଡ୍ରେନେଜ୍ ବିଭାଗ ଦ୍ୱାରା ନୂତନ ହେଉଥିବା କାର୍ଯ୍ୟରେ ଗାତ ଖୋଳି କଂକ୍ରିଟ ୱାଲ୍ କରିବାର ମାସେ ରୁ ଉର୍ଦ୍ଧ ସମୟ ବିତିଯାଇଥିଲା ହେଲେ କାର୍ଯ୍ୟ ସରୁନଥିଲା । ଯାହା ଫଳରେ ମୁଖ୍ୟ ପଥ ସମ୍ପୂର୍ଣ ବନ୍ଦ୍ ହୋଇ ପଡ଼ିଥିଲା । ଠିକାଦାରଙ୍କ ମନମାନି ପାଇଁ ଅଞ୍ଚଳବାସି ଏଭଳି ସମସ୍ୟା ଭୋଗୁଥିବା ଅଭିଯୋଗ କରିଥିଲେ। ଖାଲିଜେ ପଥଚାରୀ ହଇରାଣ ହେଉଥିଲେ ତାହା ନୁହେଁ ଏହା ସହ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ବଜାର, ସାପ୍ତାହିକ ପରିବା ହାଟ ମଧ୍ୟ ଏଥିଲାଗି ସମସ୍ୟା ଭୋଗୁଥିଲେ। ପାଟକୁରା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏହି ସ୍ଥାନରେ ସରକାରୀ ମେଡିକାଲ୍,ବିଭିନ୍ନ କାର୍ଯ୍ୟାଳୟ, ଥାନା, ବ୍ୟାଙ୍କ୍ ଆଦି ଅଛି। ଏନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ କହୁଥିଲେ ସୁଦ୍ଧା ଏଥିରେ କେହି କର୍ଣ୍ଣପାତ କରୁନଥିଲେ । କିନ୍ତୁ ଏହା କେବଳ ସଂଚାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ମଦ ଜବତ: ଦୁଇ ମହିଳାଙ୍କ ସମେତ ୮ଜଣ କୋର୍ଟ ଚାଲାଣ

**କେନ୍ଦ୍ରାପଡା, ୧୦।୧ (ସଂଚାର ବ୍ୟୁରୋ):** ଦିନକୁ ଦିନ କେନ୍ଦ୍ରାପଡା ଜିଲ୍ଲାରେ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ଏହି ମଦ ଚାଲାଣରେ କିଛି ବ୍ୟକ୍ତି ନିୟମିତ ମଦ ନେଇ ଚୋରା ବେପାରୀଙ୍କ ନିକଟରେ ପହଞ୍ଚାଉଛନ୍ତି। ଏହି ମଦ ମାଫିଆଙ୍କ ଉପରେ ନଜର ରଖିଛି ଅବକାରୀ ବିଭାଗ। କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହେଉଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉକରି ୭ଶହ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଓ ୩ ଗୋଟି ମଟରସାଇକେଲ୍ ଜବତ କରିବା ସହ ଏଥିରେ ସଂପୃକ୍ତ ଥିବା ଦୁଇ ମହିଳାଙ୍କ ସମେତ ୮ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ଏମାନେ ହେଲେ ଜମ୍ବୁ ଗ୍ରାମର ସୁବ୍ରତ ସାମନ୍ତ, ବଳରାମ ମଣ୍ଡଳ, ଶିବାନୀ ମଣ୍ଡଳ, କାଜଲ ମଣ୍ଡଳ, କଲିପାଳ ଗ୍ରାମର ସୁବ୍ରତ କାଣ୍ଡି, ବଡନାରଣପୁରର ସରୋଜ ବେହେରା, ଗଗନ ସ୍ୱାଇଁ, ଭାଗବତ ସାହୁ ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।



# ସଂଯୁକ୍ତ କିସାନ ମୋର୍ଚ୍ଚାର ସମାବେଶ




**ଚାଷୀଙ୍କୁ ଫସଲ ବୀମା, ମୃତ ଚାଷୀଙ୍କୁ ୨୦ ଲକ୍ଷ ଟଙ୍କା, କ୍ଷୟକ୍ଷତି ସହାୟତା ଦାବି**

**କେନ୍ଦ୍ରାପଡା, ୧୦।୧ (ସଂଚାର ବ୍ୟୁରୋ) :** ଶୁକ୍ରବାର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଆଗରେ ୫ଦଫା ଦାବିନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ଧାରଣା ଦେବା ସହିତ ଚେତାବନୀ ଦେଇଛନ୍ତି । ସଂଯୁକ୍ତ କିଷାନ ମୋର୍ଚ୍ଚା ରାଜ୍ୟବ୍ୟାପୀ ଚେତାବନୀ ସମାବେଶ ପରୀପେକ୍ଷୀରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଭାଗଚାଷୀଙ୍କୁ କ୍ଷତିପୂରଣ ରାଜ୍ୟବ୍ୟାପୀ ମଣ୍ଡି ଖୋଲିବା ଏବଂ ମୃତ କୃଷକ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ ଆହୁତ ଦାବି କରି ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଡିସେମ୍ବର ଶେଷ ସପ୍ତାହରେ ହୋଇଥିବା ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲ କ୍ଷତି ହୋଇଛି । ଫସଲ କ୍ଷତି ହେବା ଦ୍ୱାରା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ସରକାର ଚାଷୀ ଏବଂ ଭାଗଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଅଜୟ ସାମଲ ସଭାପତିତ୍ୱ କରିଥିବାବେଳେ ବିକ୍ଷୋଭର ଆବାହକ ଗୟାଧର ଧଳ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ରମଣୀ ରଂଜନ ରାଉତରାୟ, ପ୍ରଫୁଲ୍ଲ ଦାସ, ଫକୀର ଖଟୁଆ, ସୁହାନା ବେଗମ୍, ସୂର୍ଯ୍ୟକାନ୍ତ ପରିଡା, ଆଦିକନ୍ଦ ରାଉଳ, ଜଗତ୍ ଜୀବନ ଦାସ, ପ୍ରକାଶ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ୫ଦଫା ଦାବିଗୁଡିକ ପୂରଣ ନ ହେଲେ ସଂଯୁକ୍ତ କିଷାନ ମୋର୍ଚ୍ଚା ବିକ୍ଷୋଭ ପ୍ରଦର୍ଶନ ଓ ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ଦେଉ ନ ଥିଲେ କଳାକାର ଭତ୍ତା

# ଖବର ପ୍ରକାଶିତ ପରେ ମିଳିଲା ଭତ୍ତା

**ସଂଚାର ମହା ପ୍ରଭାବ**

**କେନ୍ଦ୍ରାପଡା, ୧୦।୧ (ସଂଚାର ବ୍ୟୁରୋ) :** ଗତ ନଭେମ୍ବର ମାସରୁ କଳାକାରଙ୍କ ଭତ୍ତା ପ୍ରଦାନ ବନ୍ଦ ହୋଇଯାଇଥିଲା । ଭତ୍ତା ଟଙ୍କା ନମିଳିବାରୁ ଚିନ୍ତାରେ ଥିଲେ ବରିଷ୍ଠ କଳାକାର। ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ହେଲେ ଶୁଣୁନଥିଲେ ଅଧିକାରୀ। ଭତ୍ତାକୁ ଭରସା କରି ଗୁଜରାଣ ମେଣ୍ଟାଉଥିବା କଳାକାରମାନେ ଦୁର୍ଦ୍ଦିନରେ ଦିନ କାଟୁଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ପାଖାପାଖି ୧୬୬୯ ଜଣ କଳାକାରମାନେ ରାଜରାସ୍ତାକୁ ବାହାରି କ୍ଷୋଭ ପ୍ରକାଶ କରିବା ପରେ ସମ୍ପୂର୍ଣ ଘଟଣାକୁ ସଂଚାର ସାମ୍ନାକୁ ଆଣିଥିଲା। ଏନେଇ ଖବରର ଶୀର୍ଷକ "ତିନିମାସ ହେଲା କଳାକାର ଭତ୍ତା ବନ୍ଦ" ସମ୍ପର୍କିତ ସଂଚାର ଖବର କାଗଜ ରେ ପ୍ରକାଶିତ ହେବା ପରେ ପୂର୍ବ ବକୟା ଏକ ମାସର ଭତ୍ତା ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି । କିନ୍ତୁ ଆହୁରି ଦୁଇ ମାସର ବକୟା ଅର୍ଥରାଶି ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ବେଳେ ଖୁବ୍ ଶୀଘ୍ର ସମ୍ପୂର୍ଣ ଅର୍ଥ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୧ ହଜାର ୬୭୯ ହିତାଧିକାରୀ ୨୦୧୮ରୁ କଳାକାର ଭତ୍ତା ପାଉଛନ୍ତି। ଭତ୍ତା ବାବଦରେ ସେମାନଙ୍କୁ ମାସିକ ୧୨୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଥିଲା ୨୦୨୪ ମାର୍ଚ୍ଚରୁ ଭତ୍ତା ଅର୍ଥ ବୃଦ୍ଧି କରାଯାଇ ୨ ହଜାର ଟଙ୍କା କରାଯାଇଥିଲା ସେହିପରି ୮୦ ବର୍ଷରୁ ଅଧିକ ବୟସର କଳାକାରମାନଙ୍କୁ ୨୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଥିଲା। ହେଲେ, କଳାକାରମାନଙ୍କୁ ଗତ ନଭେମ୍ବର, ଡିସେମ୍ବର ଓ ଜାନୁଆରି ମାସରେ ଭତ୍ତା ଅର୍ଥ ପ୍ରଦାନ କରାଯାଇ ନଥିଲା। ନଭେମ୍ବର ମାସରେ ଜୀବିତ ପ୍ରମାଣପତ୍ର ଦାଖଲ କରିବା ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କୁ କୁହାଯାଇଥିଲା। ଗେଜେଟେଡ୍ ଅଫିସର୍‌ଙ୍କ ଦସ୍ତଖତରେ ବ୍ଲକ୍ ଓ ଜିଲ୍ଲା କାର୍ଯ୍ୟାଳୟ ମାଧ୍ୟମରେ ଉକ୍ତ ପ୍ରମାଣପତ୍ର ଦାଖଲ କରାଯାଉଥିଲା ବେଳେ ଚଳିତ ବର୍ଷ କଳାକାରମାନେ ନିଜେ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ବିଭାଗରେ ପହଞ୍ଚି ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଥିଲା ତଦନୁସାରେ କଳାକରମାନେ ପ୍ରମାଣପତ୍ର ଦାଖଲ କରିଥିଲେ। ଏହାସହ ସଂସ୍କୃତି ଅଧିକାରୀ କଳାକାରଙ୍କ ପ୍ରଦତ୍ତ ଫୋନ୍ ନମ୍ବରରେ ଫୋନ୍ କରି କଳାକାର ଜୀବିତ ଥିବା ସମ୍ପର୍କରେ ଯାଞ୍ଚ କରିଥିଲେ। ଏସବୁ ସତ୍ତ୍ୱେ ତିନିମାସ ଧରି ଭତ୍ତା ମିଳିନଥିଲା । ଯାହା ଫଳରେ କଳାକାରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଶେଷରେ କଳାକାରମାନେ ଏକତ୍ରିତ ହୋଇ ପ୍ରତିବାଦ କରିବା ପରେ ଏହି ସମ୍ପର୍କିତ ଖବର ସଂଚାର ପ୍ରକାଶିତ କରିଥିଲା ଶେଷରେ ଜିଲ୍ଲା ପ୍ରଶାସନ ଏକ ମାସର ଭତ୍ତା ପ୍ରଦାନ କରିଛି । ଆକାଉଣ୍ଟ ଯାଞ୍ଚ କରି ଭତ୍ତା ଅର୍ଥ ରାଶି ଆସିଥିବା ଜାଣିବା ପରେ ବରିଷ୍ଟ କଳାକାର ମାନେ ସଂଚାର ର ପ୍ରୟାସ ପାଇଁ ପୁରା ଟିମ୍ କୁ ଧନ୍ୟବାଦ୍ ଜଣାଇଛନ୍ତି।

# ପୂର୍ବତନ ଟ୍ରଷ୍ଟି ଓ ସମ୍ପୃକ୍ତ ସଦସ୍ୟଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କର: ଓସା



**ମା’ ଦରିଆ ରାମଚଣ୍ଡୀ ମନ୍ଦିରର ଦୁର୍ନୀତି ଓ ଅନିୟମିତତା ଘଟଣା**

**ମହାକାଳପଡ଼ା, ୧୦।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକର ବର୍ତ୍ତମାନର ବହୁ ଚର୍ଚ୍ଚିତ ପ୍ରସିଦ୍ଧ ଶକ୍ତିପୀଠ ମା ଦରିଆ ରାମଚଣ୍ଡୀ ମନ୍ଦିରର ଦୁର୍ନୀତି ଓ ଅନିୟମିତତା ଘଟଣାରେ ପୂର୍ବତନ ଟ୍ରଷ୍ଟି ଓ ସଦସ୍ୟମାନଙ୍କ ପାଇଁ ଅଡୁଆ ବଢ଼ିଛି। ମନ୍ଦିରରର ବାର୍ଷିକ ଆୟବ୍ୟୟ ରେ ବ୍ୟାପକ ଅନିୟମିତତା ଓ ଅର୍ଥ ହରିଲୁଟ ଅଭିଯୋଗ ଦର୍ଶାଇ ପୂର୍ବତନ ଟ୍ରଷ୍ଟି ମଥୁରୀ ଚରଣ ସେନାପତି ଓ ଅନ୍ୟ ସଦସ୍ୟମାନଙ୍କ ବିରୋଧରେ ପ୍ରଶାସନ ତରଫରୁ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଅପରାଧିକ ମାମଲା ରୁଜୁ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ (ଓସା) ତରଫରୁ ଦାବି ହୋଇଛି। ଓସାର କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ମହାନ୍ତିଙ୍କ ପ୍ରତିନିଧିତ୍ୱରେ ଆଜି ସଦସ୍ୟମାନେ ମହାକାଳପଡ଼ା ତହସିଲଦାର ଶିବ ମଲ୍ଲୀକଙ୍କୁ ତହସିଲ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ଜିଲ୍ଲାପାଳ କେନ୍ଦ୍ରାପଡ଼ା, ଦେବୋତ୍ତର କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ରର ନକଲ ପ୍ରଦାନ କରିଛନ୍ତି।

## ଆଧାର କାର୍ଡ ପାଇଁ ଭତ୍ତା ଓ ରାସନ୍ ଚାଉଳ ନ ମିଳିବା ଘଟଣା

# ଘରେ ପହଞ୍ଚିଲା ଆଧାର ଟିମ୍

**ମହାକାଳପଡ଼ା, ୧୦।୧ (ସଂଚାର ବ୍ୟୁରୋ) :** ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ପ୍ରୟାସରେ ଆଜି ଜଗବନ୍ଧୁ ପଲାଇ ଙ୍କ ଆଧାର କାର୍ଡ ପଞ୍ଜିକରଣ କରାଯାଇଅଛି। ଆଧାର ଟିମ୍ ଜଗବନ୍ଧୁ ପଲାଇ ଙ୍କ ଘରେ ପହଞ୍ଚି ତାଙ୍କର ଆଧାର ପଞ୍ଜିକରଣ କରିଛନ୍ତି। ଯାହା ରାଜନୈତିକ ଦଳର କାଢୁଆ ନେତା ଓ କର୍ମୀ କରି ପାରୁନଥିଲେ,ତାହା ଆଜି ଆମ ପ୍ରୟାସ କରିକି ଦେଖାଇଛି। ଯେଉଁଥିପାଇଁ ଗ୍ରାମବାସୀ ସଂଚାର ଖବରକାଗଜ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି।

ରାସନ୍ କାର୍ଡରେ ନାଆଁ ଅଛି ହେଲେ ଆଧାର କାର୍ଡ ନଥିବାରୁ ତାଙ୍କୁ ରାସନ୍ ଚାଉଳ ମିଳୁନି। ଦୀର୍ଘ ୮ ମାସ ହେବ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଅଛନ୍ତି ହିତାଧିକାରୀ। ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ଆଧାର ନଥିବାରୁ ଭତ୍ତା ଆବେଦନ



ମଧ୍ୟ ହୋଇପାରୁନି। ସମ୍ପୁର୍ଣ୍ଣ ପାଗଳ ହୋଇ ମଧ୍ୟ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ପାରିନାହାନ୍ତି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡା (ଗୁହାଳକଣି) ଗ୍ରାମର ଜଗବନ୍ଧୁ ପଲାଇ ଜଣେ ମାନସିକ ବିକାରଗ୍ରସ୍ତ (ପାଗଳ)। ଦୀର୍ଘଦିନ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡିଛନ୍ତି। ହାତ ଗୋଡ଼ ବନ୍ଧା ହୋଇ ସେମିତି ବିଛଣାରେ ପଡି ଚିତ୍କାର କରୁଛନ୍ତି। ଯେଉଁଠି ପଡି ରହିଛନ୍ତି ସେଇଠି ଖାଉଛନ୍ତି ଓ ଶୋଉଛନ୍ତି। ଏମିତି ଅବସ୍ଥାରେ ତାଙ୍କୁ ଅନ୍ୟତ୍ର ନେବା ସମ୍ଭବ ହେଉନି। ଯାହା ଫଳରେ ତାଙ୍କର ଆଧାର କାର୍ଡ ଆୱେଦନ ହୋଇ ପାରିନି। ଆଧାର କାର୍ଡ ନଥିବାରୁ କୌଣସି ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି ଜଗବନ୍ଧୁ। ଆଧାର କାର୍ଡ ନଥିବାରୁ ଡିଲର ଚାଉଳ ଦେବାକୁ ମନା କରିଛି।

ଏନେଇ "ସଂଚାର"ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ ତରଫରୁ ସଦସ୍ୟମାନେ ପ୍ରୟାସ କରିଥିଲେ। ଖବର ପ୍ରକାଶ ଓ ୟୁଥ୍ ଗ୍ରୁପ ସଦସ୍ୟ ମାନଙ୍କ ଉଦ୍ୟମରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଆଜି ଜଗବନ୍ଧୁ ପଲାଇଙ୍କ ବାସଭବନରେ ଆଧାର କର୍ମଚାରୀ ମାନେ ପହଞ୍ଚି ଆଧାର ପଞ୍ଜିକରଣ କରିଛନ୍ତି। ଯାହା ଦୀର୍ଘ ବର୍ଷ ଧରି ହୋଇ ପାରୁ ନଥିଲା ତାହା ସଂଚାର ଓ ୟୁଥ୍ ଗ୍ରୁପ ର ପ୍ରୟାସ ପାଇଁ ହୋଇ ପାରିଲା। ସେଥିପାଇଁ ଗ୍ରାମବାସୀ ମହାକାଳପଡ଼ା ୟୁଥ୍ ଗ୍ରୁପ ଓ ସଂଚାର ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।

## ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା

# ସାହିତ୍ୟ ନିରୁତା ମଣିଷର କଥା କହେ

**କେନ୍ଦ୍ରାପଡା, ୧୦।୧ (ସଂଚାର ବ୍ୟୁରୋ) :** ଟେଲିକମ ଗ୍ରାଉଣ୍ଡ ପରିସରରେ ଦ୍ୱାବିଂଶ କେନ୍ଦ୍ରାପଡା ରାଜ୍ୟସ୍ତରୀୟ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା ଅପରାହ୍ନରେ ନେତାଜୀ ମଡେଲ ସ୍କୁଲ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ ବିଚିତ୍ରା ଓ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସୁବ୍ରତ କୁମାର ଜେନାଙ୍କ ସଂଯୋଜନାରେ ଏହି କୁଇଜ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍କୁଲର ପିଲାମାନେ ଭାଗ ନେଇଥିଲେ। ଉତ୍ତର ଦେଇଥିବା ପ୍ରାୟ ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରୁପେ ପୁସ୍ତକ ପ୍ରଦାନ କରାଯାଇଥିଲା। ଶୁକ୍ରବାର ହୋଇଥିବା କାର୍ଯ୍ୟକ୍ରମରେ କେମ୍‌ର ସଦସ୍ୟ ଅଭିମନ୍ୟୁ ରାଉତ, ସ୍ୱପ୍ନାଂଶୁ ଦାସ, ପ୍ରତାପ ସ୍ୱାଇଁ, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ଦାସ, ଅମ୍ରିନ ଶାହାଦତ୍, ଗୀତା ସ୍ୱାଇଁ, ଶିବ ଚରଣ ସାମଲ, ଶାନ୍ତନୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟା ୬ଟାରେ କେନ୍ଦ୍ରାପଡାର ମୌସୁମୀ ସାହିତ୍ୟ ଓ ସଂସ୍କୃତ ପରିଷଦ ପକ୍ଷରୁ କବିତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କବି ସୌଭାଗ୍ୟ ଦାସଙ୍କ କବିତା ପୁସ୍ତକ ‘ବ୍ରହ୍ମ ସ୍ମୃତି’ ଉନ୍ମୋଚିତ ହୋଇଥିଲା

# ଆଇନ୍ ମହାବିଦ୍ୟାଳୟ ଆଲୁମିନ୍ ଆସୋସିଏସନ୍‌ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ



**କେନ୍ଦ୍ରାପଡା, ୧୦।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଦିନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟ ପରିସରରେ ଆଲୁମିନି ଆସୋସେସନ ତାର ନୂତନ କାର୍ଯ୍ୟାଳୟ ଗୃହ କମିଟିର ସଭାପତି ପ୍ରଦୀପ ଦାଶଙ୍କ ସଭାପତିତ୍ୱ ଓ ସମ୍ପାଦକ ଯୁବ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁଙ୍କ ନେତୃତ୍ୱରେ କରାଯାଇଥିବା ବେଳେ । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀଭାବେ ଆଇନ୍ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସୁପୁତ୍ର ସୁଜିତ କୁମାର ମହାନ୍ତି ଫିତା କାଟି ଶୁଭ ଉଦଘାଟନ କରିଥିଲେ । ଆଲୁମିନ୍ କମିଟିର ମୂଖ୍ୟ ଉପଦେଷ୍ଟା ଭଗବତୀ ପ୍ରସାଦ ଦାସ, ଆଇନ୍ ମାହା ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ବଳ ପ୍ରମୂଖ ମଞ୍ଚାସୀନ ଅତିଥିମାନେ ନିଜ ନିଜର ଅଭି ଭାଷଣ ରଖିସାରିବା ପରେ ମଞ୍ଚ ସମ୍ମୁଖରେ ବସିଥିବା ସମସ୍ତ ବରିଷ୍ଠ ଆଇନଜୀବୀ ଏବଂ କନିଷ୍ଠ ଆଇନଜୀବୀ ପ୍ରତାପ କୁମାର ଦାସ, ପ୍ରଦ୍ୟୁମ୍ନ କୁମାର ରାଉତ, ସୁଶ୍ରୀ କୁମାରୀ ନାୟକ, ନୀହାରିକା ପଟ୍ଟନାୟକ, ନେହୁର କୁମାର ସାହୁ, ଖଗେଶ୍ୱର ଲେଙ୍କା, ସୁଶାନ୍ତ କୁମାର ନାଥ, ଧନେଶ୍ୱର ସାହୁ, ସାରଦା କୁମାର ନାୟକ, ହାଡିବନ୍ଧୁ ସିଂ, ସେକ୍ ଅଜିମୁଦ୍ଦିନ୍, ରାଜ କିଶୋର , ମହାନ୍ତି, ବିଭୂତି ଭୂଷଣ କର, ମମତାମୟୀ ସାମଲ, ଅମ୍ରିତା ମିଶ୍ର ଓ ବ୍ରଜବନ୍ଧୁ ରାଉତ ପ୍ରମୁଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ଆଗାମୀ ଦିନରେ କିପରି ଏହି ଆଲୁମିନି ଆସୋସେସନକୁ ଅଧିକରୁ ଅଧିକ ଆଗକୁ ଉନ୍ନତି କରାଯାଇ ପାରିବ ଏବଂ କିପରି ଏହି ସଂଘ ମାଧ୍ୟମରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯାଇ ପାରିବ ସେବିଷୟରେ ମୂଖ୍ୟତଃ ନିଜ ନିଜର ବହୁ ମୂଲ୍ୟବାନ ମତାମତ ରଖିଥିବା ଦେଖିବାକୁ ମିଳିଥିଲା ।

# ରାଜନଗର ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



**ରାଜନଗର, ୧୦।୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକରେ ଆଜି ନୂତନ ବିଡିଓ ଭାବେ ଶୋଭନ ଶ୍ରୀତମ ପଣ୍ଡା ଯୋଗଦେଇଛନ୍ତି। ବିଡିଓ ଶ୍ରୀ ପଣ୍ଡା ପୂର୍ବରୁ ବଣେଇ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ବ୍ଲକରେ ବିଡିଓ ନିଶାନ ମିଶ୍ର ଅକ୍ଟୋବର ମାସରେ ବଦଳି ହୋଇଗଲା ପରେ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ଅସ୍ଥାୟୀ ଭାବେ ଜିଲ୍ଲାପାଳ ବିଡିଓ ଦାୟିତ୍ୱ ପ୍ରଦାନ କରିଥିଲେ। ଆଜି ନୂତନ ବିଡିଓ ଶ୍ରୀ ପଣ୍ଡା କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ରାଜନଗର ପଞ୍ଚାୟତ ସମିତି ୫ମ ସାଧାରଣ ବୈଠକ

**ପଞ୍ଚାୟତ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ହେବ ସିଡିଆର ଅର୍ଥ ବିନିଯୋଗ**

**ରାଜନଗର, ୧୦।୧ (ସଂଚାର ବ୍ୟୁରୋ) :** ରାଜନଗର ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ବୈଠକରେ ଯୋଗଦେଇ ରାଜନଗର ବାତ୍ୟା ବନ୍ୟା ପ୍ରବଣ ଅଞ୍ଚଳ। ବାତ୍ୟା ଦାନାର ସଫଳ ମୁକାବିଲା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିକାଶମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେ ନେଇ ମତ ରଖିଥିଲେ। ବୈଠକରେ ପାନୀୟ ଜଳ, ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଖାଦ୍ୟ ବଣ୍ଟନ, ବାତ୍ୟା ଦାନାରେ କ୍ଷତିଗ୍ରସ୍ତ ଭିତିଭୂମିର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ନିମ୍ନମାନର ଛତୁଆ ପ୍ରଦାନ ଓ ସିଡିପିଓ ବୈଠକରେ ଅନୁପସ୍ଥିତ ଥିବାନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।




ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ବାତ୍ୟା ଦାନା କ୍ଷୟକ୍ଷତି ଯୋଗୁଁ ପଞ୍ଚାୟତ ସମିତିକୁ ଆସିଥିବା ଅନୁଦାନ ଅର୍ଥ ପଞ୍ଚାୟତ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ କରାଯିବାକୁ ଗୃହରେ ପ୍ରସ୍ତାବ ଆଗତ କରିଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟରେ କୌଣସି ଅଣପ୍ରତିନିଧିଙ୍କ ହସ୍ତକ୍ଷେପ ଗ୍ରହଣୀୟ ହେବ ନାହିଁ ବୋଲି ସେ ପ୍ରସ୍ତାବ ଆଣିଥିଲେ। ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟା ଆର୍ତ୍ତବନ୍ଧୁ ମହାନ୍ତି, ସରପଞ୍ଚ ବୀଣାପାଣୀ ମହାନ୍ତି ପ୍ରମୁଖ ସମର୍ଥନ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସ୍ୱଚ୍ଛତା ରକ୍ଷା ପାଇଁ ବିଗତ ଦିନରେ ପଞ୍ଚାୟତ ସମିତି ବୈଠକରେ ଲୋକାଭିମୁଖୀ ପ୍ରସ୍ତାବ ଗୃହୀତ ହୋଇଥିଲା। ପଞ୍ଚାୟତସମିତି ଅଧିନରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଦସ୍ତାବିଜ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଦୃଷ୍ଟିଗୋଚର ନିମନ୍ତେ ଉପସ୍ଥାପିତ ହୋଇଆସୁଛି। ଏହି ପରମ୍ପରାକୁ ବଜାୟ ରଖିବାକୁ ସେ ପ୍ରସ୍ତାବ ଆଣିଥିଲେ। ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ା, ମହୁଲିଆ ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ପ୍ରସ୍ତାବ ଦୃଢ଼ୀକରଣ ପାଇଁ ମତ ରଖିଥିଲେ। ବୈଠକରେ ମେଗା ପାନୀୟଜଳ ପ୍ରକଳ୍ପ କାମ ବିଳମ୍ବିତ ହେଉଥିବାରୁ ପ୍ରାୟ ସମସ୍ତ ପ୍ରତିନିଧି ନଳକୂପ ଖନନ ପାଇଁ ଦାବୀ ରଖିଥିଲେ। ଆଜିର ବୈଠକ ପାଇଁ ସାଂସଦଙ୍କ ପ୍ରତିନିଧି ଭାବେ ଯୋଗଦେଇଥିବା ବିକ୍ରମ ବାରିକ ରାଜନଗରରେ ପାନୀୟ ଜଳ ସମସ୍ୟା ଥିବାରୁ ନଳକୂପ ଖନନ ପାଇଁ ସାଂସଦଙ୍କୁ ଜଣାଇବେ ବୋଲି କହିଥିଲେ।



# ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ଦର୍ଶକ ବିମୋହିତ

**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** ଆଜି ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଓଡ଼ିଶୀ, କଥକ ଏବଂ ଭାରତନାଟ୍ୟମ୍ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଛି।

ଆଜି ଚତୁର୍ଥ ସନ୍ଧ୍ୟାର ପ୍ରଥମ ଚରଣରେ ଅଗ୍ନିମିତ୍ର ବେହେରା ଓ ତାଙ୍କର ସାଥୀବୃନ୍ଦଙ୍କ ଦ୍ୱାରା ଶିବବନ୍ଦନା ଉପସ୍ଥାପିତ କରାଯାଇଥିଲା। ପରେପରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ନୃତ୍ୟଶିଳ୍ପୀ ସତ୍ୟପ୍ରକାଶ ସାହୁ। ଆଦିତ୍ୟ ପିଭି ଓ ପାର୍ଶ୍ୱର୍ନାଥ ଉପାଧ୍ୟାୟଙ୍କ ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ । ପରିଶେଷରେ ନୂଆଦିଲ୍ଲୀରୁ ଆସିଥିବା କଥକ ଶିଳ୍ପୀ ଆଦିତି ମଙ୍ଗଳଦାସ ଏବଂ ଗ୍ରୁପଙ୍କ ଦ୍ୱାରା ଦଳଗତ କଥକ ନୃତ୍ୟ ପରିବେଷଣ କରାଯାଇଥିଲା। ଶାସ୍ତ୍ରୀୟ ନୃତ୍ୟର ପରିବେଷଣରେ ମୁକ୍ତେଶ୍ୱର ପ୍ରାଙ୍ଗଣର ଶୋଭା ଓ ସୁଷମା ବହୁଗୁଣିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ପ୍ରଫେସର ନିବେଦିତା ମହାନ୍ତି, ଓଡ଼ିଶା ଗବେଷଣା କେନ୍ଦ୍ରର ମୁଖ୍ୟ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ, ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଦୁଇଦିନିଆ ପ୍ରଦର୍ଶନୀ

**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଜନତା ମଇଦାନରେ ଚାଲିଥିବା ପ୍ରବାସୀ ଭାରତୀୟ ଦିବସ (ପିବିଡି) ପ୍ରଦର୍ଶନୀ ଆସନ୍ତାକାଲିଠାରୁ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତଙ୍କ ପାଇଁ ଜାନୁଆରୀ ୧୨ ସନ୍ଧ୍ୟା ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଶନିବାର ଏହି ପ୍ରଦର୍ଶନୀ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ପ୍ରଦର୍ଶନୀ ପ୍ରବାସୀ ଭାରତୀୟ ଦିବସ ପାଳନର ଏକ ଅଂଶ, ଯାହା ବିଭିନ୍ନ କ୍ଷେତ୍ରରେ ଭାରତୀୟ ପ୍ରବାସୀଙ୍କ ଅବଦାନକୁ ସମ୍ମାନିତ କରିଥାଏ। ପରିଦର୍ଶକମାନେ ବିଶ୍ୱସ୍ତରୀୟ ଭାରତୀୟ ସମ୍ପ୍ରଦାୟର ସଫଳତା ସହିତ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରୁଥିବା ପ୍ରଦର୍ଶନୀ ସହିତ ଜଡିତ ହେବାର ଅନନ୍ୟ ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଆଲୋଚନା ଏବଂ ସାଂସ୍କୃତିକ ଆଦାନପ୍ରଦାନ ପାଇଁ ଏକ ମଞ୍ଚ ପ୍ରଦାନ କରି ଭାରତ ଏବଂ ଏହାର ପ୍ରବାସୀଙ୍କ ମଧ୍ୟରେ ସଂଯୋଗକୁ ମଜବୁତ କରିବା। ଏହା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ କଳାରେ ଭାରତର ପଦକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରେ, ପ୍ରଦର୍ଶିତ କରେ ଯେ ପ୍ରବାସୀମାନେ ଦେଶର ପ୍ରଗତିରେ କିପରି ଅବଦାନ ଦେଇପାରିବେ। ଛାତ୍ରଛାତ୍ରୀମାନଙ୍କୁ ଯୋଗଦେବାକୁ ଉତ୍ସାହିତ କରାଯାଏ, କାରଣ ପ୍ରଦର୍ଶନୀ ଭାରତର ବିକାଶ ଏବଂ ନବସୃଜନ ବିଷୟରେ ଶିକ୍ଷାଗତ ଅନ୍ତର୍ଦୃଷ୍ଟି ପ୍ରଦାନ କରେ। ଏହା ପରମ୍ପରା ଏବଂ ଆଧୁନିକତାର ସନ୍ଧିକୁ ଅନୁସନ୍ଧାନ କରିବାର ଏକ ସୁଯୋଗ, ଯାହା ଭାରତର ବିକଶିତ ବିଶ୍ୱ ପରିଚୟକୁ ପ୍ରତିଫଳିତ କରେ। ଏ ସଂକ୍ରାନ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ପ୍ରବାସୀ ଦିବସ ସମ୍ମିଳନୀ ଆୟୋଜିତ ହେଉଥିବା ସ୍ଥଳରେ ଆମର ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟକୁ ଗର୍ବିତ କରୁଥିବା ଅନେକ ପ୍ରେରଣାଦାୟକ ଓ ସମୃଦ୍ଧ ମଡେଲ ସ୍ଥାନ ପାଇଥିବାରୁ ଆଜି ଏହି ପ୍ରଦର୍ଶନୀକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲାଯିବା ସକାଶେ ନିଷ୍ପତ୍ତି ନିଆଯାଇଛି। ସାଧାରଣ ଲୋକ ବିଶେଷ କରି ଯୁବ ବର୍ଗଙ୍କୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ଏହି ପ୍ରସ୍ତାବ ଦେଇଥିଲେ। ପର୍ଯ୍ୟଟନଠାରୁ ଆରମ୍ଭ କରି ବିଜ୍ଞାନ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀରେ ବହୁ ଶିକ୍ଷଣୀୟ ଜିନିଷ ରହିଥିବାରୁ ଏହି ପ୍ରଦର୍ଶନୀ ସମସ୍ତେ ଦେଖିବା ଉଚିତ୍ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। ଏହାଛଡ଼ା ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ମଧ୍ୟ ଉଠାଇପାରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।



ପ୍ରବାସୀ ଭାରତୀୟ ଦିବସ

## ଟ୍ୱିନ୍ ସିଟି କ୍ରାଇମ୍

### ଚୋରର ଏ କି ଭାଗ୍ୟ..?



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଜଗନ୍ନାଥ ମାହାକୁଡ ଙ୍କର ଏତଲା ଆଧାରରେ ଜଟଣୀ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ କାଲି ତା ୯ରିଖରେ ଅଭିଯୁକ୍ତ ଜିତୁ ଅଭିଯୋଗକାରୀଙ୍କର ବାଲିଛକ ମୁଣ୍ଡା ସାହି ରେ ଥିବା ଘରୁ ତାଲା ଭାଙ୍ଗି ସେଠାରୁ ପ୍ରାୟ ୨୦ କେଜି ଓଜନର ଲୁହା ପାଇପ୍ ଚୋରି କରି ନେଇ ଯାଇଥିଲେ। ଜଟଣୀ ଥାନା ପୁଲିସ ତଦନ୍ତ କରି ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଅଭିଯୁକ୍ତ ଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ଚୋରି ସାମଗ୍ରୀ ବିକ୍ରୟରୁ ମିଳିଥିବା ୪୦୦ ଟଙ୍କା ଓ କବଡିଆ ଦୋକାନରୁ ଲୁହା ପାଇପ୍ ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ଚୋରି କରିଥିବା ନେଇ ନିଜର ଅପରାଧ ସ୍ୱୀକାର କରିବା ସହ ଜଣେ କବାଡି ବାଲାକୁ ଚୋରି ଲୁହା ପାଇପ୍ ବିକ୍ରୟ କରିଥିବା ଦର୍ଶାଇଥିଲେ ।

### ପଞ୍ଚାୟତିରାଜ ଅଫିସର କହି ଠକୁଥିଲା



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ପୂର୍ଣ୍ଣ ଚନ୍ଦ୍ର ପରିଡା ଙ୍କର ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅଭିଯୁକ୍ତ ଙ୍କ ସହିତ ତାଙ୍କର ଜଣେ ବନ୍ଧୁ ଙ୍କ ଜରିଆରେ ପରିଚିତ ହୋଇଥିଲେ। ଅଭିଯୁକ୍ତ ଜଣକ ନିଜକୁ ପଞ୍ଚାୟତରାଜ ବିଭାଗର ବିଭାଗୀୟ ଅଫିସର ପରିଚୟ ଦେବା ସହ ଉକ୍ତ ବିଭାଗର ଏକ ଜାଲି ପରିଚୟ ପତ୍ର ମଧ୍ୟ ବ୍ୟବହାର କରୁଥିଲେ । ଅଭିଯୁକ୍ତ ଜଣକ ସରକାରୀ ଚାକିରି ଯୋଗାଇ ଦେବାର ମିଥ୍ୟା ପ୍ରତିଶୃତି ଦେଇ ଅଭିଯୋଗକାରୀଙ୍କର ବିଶ୍ୱାସ ଭାଜନ କରାଇଥିଲେ ଓ ଅଭିଯୋଗକାରୀ ମଧ୍ୟ ତାଙ୍କୁ ବିଶ୍ୱାସ କରି ବିଭିନ୍ନ ଜରିଆରେ ସମୁଦାୟ 12,00,000/- ଟଙ୍କା ଦେଇଥିଲେ। ପରବର୍ତୀ ସମୟରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ସହିତ ଯୋଗାଯୋଗ ବନ୍ଦ କରି ଦେବା ସହ ତାଙ୍କର ମୋବାଇଲ ଫୋନ କୁ ବ୍ଲକ ମଧ୍ୟ କରି ଦେଇଥିଲେ । ଶେଷରେ କୌଣସି ଉପାୟ ନପାଇ ଅଭିଯୋଗକାରୀ ଏନେଇ କ୍ୟାପିଟାଲ ଥାନା ରେ ଲିଖିତ ଅଭିଯୋଗ କରିଥିଲେ । କ୍ୟାପିଟାଲ ଥାନା ପୁଲିସ ତଦନ୍ତ କରିବା ସହ ଚଢଉ ଜରିଆରେ ଅଭିଯୁକ୍ତ ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

### ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୁଲିସ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କାଲି ତା ୯ ରିଖରେ ଲକ୍ଷ୍ମୀସାଗର ଥାନାଧ୍ୟାକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପୁଲିସ ଟୀମ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ମାନେ ଝାରପଡା ମେଳଣ ପଡିଆ ପଛ ପାର୍ଶ୍ୱରେ ଥିବା କଂସେଇ ଖାନା ନିକଟରେ ଏକତ୍ରିତ ହୋଇ ଡକାୟତି କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଥିବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ସୂଚନା ଆଧାରରେ ପୁଲିସ ଟୀମ ଆବଶ୍ୟକୀୟ ପଦକ୍ଷେପ ନେବା ସହ ତୁରନ୍ତ ଘଟଣା ସ୍ଥଳ କୁ ଯାଇଥିଲେ ଓ ଅଭିଯୁକ୍ତ ମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଏହି ଚଢଉ ସମୟରେ ଅଭିଯୁକ୍ତ ମାନଙ୍କର ଅନ୍ୟ ଜଣେ ସହଯୋଗୀ ଘଟଣା ସ୍ଥଳ ରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ସେମାନଙ୍କର ଅପରାଧ ସ୍ୱୀକାର କରିବା ସହ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଓସ୍କାର ସିଟିରୁ ଚୋରି କରିବା ନିମନ୍ତେ ଯୋଜନା କରୁଥିବାର ଦର୍ଶାଇଥିଲେ। ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ଡକାୟତି ନିମନ୍ତେ ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଥାନା କୁ ଆଣିଥିଲେ । ଅଭିଯୁକ୍ତ ମାନଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତ ଯାଞ୍ଚ ବେଳେ ଅଭିଯୁକ୍ତ ନାଗୁ ଓ ଏଲ ପ୍ରଭାସ ଦୁହେଁ ପେଷାଦାର ଅପରାଧୀ ଓ ସେମାନଙ୍କ ନାମରେ ଲକ୍ଷ୍ମୀସାଗର ଥାନା ରେ ପୂର୍ବରୁ ୪ ଟି ଅପରାଧିକ ମାମଲା ରହିଥିବାର ଜଣା ପଡିଛି ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ସହ ଲୁଟ୍



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଅଭିଯୋଗକାରିଣୀ ପଦ୍ମିନୀ ସିଙ୍ଗ ଙ୍କର ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଙ୍କର ପୁଅ ଆହତ ସଂଗ୍ରାମ ସିଙ୍ଗ, ଶୈଳେଶ୍ରୀ ବିହାର ହନୁମାନ ମନ୍ଦିର ନିକଟରେ ଥିବା କଳିଙ୍ଗ ଯୁଥ କ୍ଲବର କେୟାର ଟେକର ଭାବରେ କାମ କରନ୍ତି । ଗତ ତା ୨ ମଧ୍ୟ ରାତ୍ରି ପ୍ରାୟ ୧୨.୩୦ ରେ ସଂଗ୍ରାମ ଉକ୍ତ କ୍ଲବ ରେ ଥିବା ସମୟରେ ଅଭିଯୁକ୍ତ ଦେବାଶିଷ ତାଙ୍କର କିଛି ସହଯୋଗୀ ଙ୍କ ସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟଣା ସ୍ଥଳ ରେ ପହଞ୍ଚିଥିଲେ ଓ ସଂଗ୍ରାମଙ୍କୁ ଗାଳି ଗୁଲଜ କରିଥିଲେ । ଏହା ସହିତ ଅଭିଯୁକ୍ତ ମାନେ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରି ଘଟଣା ସ୍ଥଳ ରେ ଭଙ୍ଗାରୁଜା କରିଥିଲେ ଓ ସଂଗ୍ରାମଙ୍କୁ ଧମକ ଦେବା ସହ ତାଙ୍କର ଏକ ସୁନା ଚେନ ଚୋରୀ କରି ନେଇ ଯାଇଥିଲେ । ମାମଲାର ତଦନ୍ତ ସମୟରେ ଅଭିଯୁକ୍ତ ଗିରଫଦାରି ଏଡାଇବା ପାଇଁ ଲୁଚି ରହିଥିବା ସ୍ଥଳେ ବିଶ୍ୱସ୍ତ ସୂତ୍ରରୁ ଖବର ଚନ୍ଦ୍ରଶେଖରପୁର ଥାନା ପୁଲିସ ଅଭିଯୁକ୍ତ ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ଏଫ୍ଏକ୍ୟୁ ମାନର ଧାନ ଦର ହିଁ ୩୧୦୦: ମନ୍ତ୍ରୀ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ମଣ୍ଡିରେ ଧାନ ସଂଗ୍ରହ ଠିକଠାକ୍ ଚାଲିଛି। ଅବଶ୍ୟ କେତେକ ସ୍ଥାନରେ ସମସ୍ୟା ସାମନାକୁ ଆସିଛି। କେତେକ ସ୍ଥାନରେ ଯେକୌଣସି ଧାନ ଆଣିଲେ ଚାଷୀଙ୍କୁ ୩୧୦୦ ଟଙ୍କା ଦିଆଯିବ ବୋଲି କହି ବିଭ୍ରାନ୍ତ କରାଯାଉଛି। ଚାଷୀମାନେ ଏଫ୍ଏକ୍ୟୁ ଧାନ ପାଇଁ ହିଁ କ୍ୱିଣ୍ଟାଲ୍ ୩୧୦୦ ଟଙ୍କା ପାଇବେ। ତେଣୁ ସେମାନେ ମଣ୍ଡିକୁ ଏହି ମାନର ଧାନ ହିଁ ଆଣନ୍ତୁ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି ଯେ ବର୍ଷାରେ ଧାନ ରଙ୍ଗ ପରିବର୍ତ୍ତନ ହେଲେ ବି ମଣ୍ଡିରେ ଏହାକୁ ଗ୍ରହଣ କରିବାରେ କୌଣସି ସମସ୍ୟା ରହିବ ନାହିଁ। କିନ୍ତୁ ବେଶୀ ଖରାପ ହୋଇଥିଲେ ଧାନ ଗ୍ରହଣ କରିବା ସମ୍ଭବପର ନୁହେଁ। କ୍ଷତି ହୋଇଥିବା ଧାନ ସକାଶେ କ୍ଷତିପୂରଣ ଦିଆଯାଉଛି। ୧୨ ଘଣ୍ଟା ଭିତରେ ଚାଷୀଙ୍କ ପାଖରେ ଟଙ୍କା ପହଞ୍ଚୁଛି। ୨୩ ଲକ୍ଷ ମେଟ୍ରିକ ଟନ୍ ଧାନ ପାଇଁ ଟଙ୍କା ଦିଆଯାଇସାରିଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଆଳୁ ଦର ବୃଦ୍ଧି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଯୋଗାଣ ମନ୍ତ୍ରୀ କହିଛନ୍ତି ଆଳୁରେ ଆମେ ସ୍ୱୟଂସଂପୂର୍ଣ୍ଣ ହେବା ସକାଶେ ସମସ୍ତ ପ୍ରକାର ଉଦ୍ୟମ ଚାଲିଛି ଓ ଖୁବ୍ଶୀଘ୍ର ଏହା ସାକାର ହେବ। ଏଥିପାଇଁ ଆଉ ମାତ୍ର ଅଳ୍ପ ଦିନ ଅପେକ୍ଷା କରିବାକୁ ପଡ଼ିବ। ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ଆଳୁ ଯୋଗାଣ ନେଇ କୌଣସି ବିବାଦ ନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ହିସାବରେ ନିୟମ କରୁଛନ୍ତି ଓ ଆମେ ଆମ ହିସାବରେ ନିୟମ କରୁଛୁ ବୋଲି ମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।



# ମକର ମେଳା ପାଇଁ ଟି-ସେତୁରେ କଟକଣା

**କଟକ,୧୦।୧(ସଂଚାର ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଆସନ୍ତା ୧୪ରେ ମକର ସଂକ୍ରାନ୍ତି ଅବସରରେ ଆଠଗଡସ୍ଥିତ ପ୍ରଭୁ ସିଂହନାଥ ପୀଠରେ ମକର ମେଳା ଓ ଅନ୍ୟାନ୍ୟ ଉତ୍ସବ ଆୟୋଜିତ ହେବ। ଏହି ମେଳାରେ କଟକ ସମେତ ଆଖପାଖ ଜିଲ୍ଲାରୁ ପୂଜାର୍ଚ୍ଚନା ନିମନ୍ତେ ପାଖାପାଖି ୨ ଲକ୍ଷ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସିଂହନାଥ ପୀଠକୁ ସଂଯୋଗ କରୁଥିବା ବୈଦେଶ୍ୱର-ବଡ଼ମ୍ବା ଟି-ସେତୁ ଉପରେ କଟକଣା ଲଗାଯାଇଛି। ଏହି ଉତ୍ସବ ସମୟରେ ଉକ୍ତ ସେତୁ ଉପରେ ଯାନବାହନ ଯାତାୟାତ ନିମନ୍ତେ କଟକଣା ଜାରି କରାଯିବା ସହ ନୟାଗଡ ପଟୁ ବଡମ୍ବା ଆସୁଥିବା ସମସ୍ତ ଯାନବାହନଗୁଡ଼ିକୁ ସିଦ୍ଧମୂଳା ସେତୁ ଦେଇ ବଡମ୍ବା ଅଭିମୁଖେ ଯିବାକୁ ପଡ଼ିବ। ସେହିଭଳି ବଡମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଯାଉଥିବା ଯାନବାହନଗୁଡ଼ିକ ଜାତମୁଣ୍ଡିଆ ସେତୁ ଦେଇ ଗତି କରିବେ। ଏହି ମେଳା ସମୟରେ ଯାନବାହାନ ଚଳାଚଳର ନିୟନ୍ତ୍ରଣ, କଟକଣା ଓ ଗତିପଥ ପରିବର୍ତ୍ତନ ସମ୍ବନ୍ଧରେ ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

● ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ

# ୨୭ଜଣଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଜନତା ମଇଦାନରେ ଚାଲିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀର ଆଜି ଶେଷ ଦିନ ହୋଇଥିବା ବେଳେ ଏଥିରେ ରାଷ୍ଟ୍ରପତି ଯୋଗଦେଇ ଏହାକୁ ଉଦ୍ଯାପନ କରିଛନ୍ତି। ଏହି ଅବସରରେ ସେ ପ୍ରବାସୀଙ୍କୁ ସମ୍ବୋଧନ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ତେବେ ଏହା ପୂର୍ବରୁ ସେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ସ୍ଥାନ ପାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିବା ଜଣାପଡ଼ିଛି। ଷ୍ଟଲ ବୁଲିବା ସହ ରାଷ୍ଟ୍ରପତି ଜନତା ମଇଦାନରେ ମଧ୍ୟାହ୍ନଭୋଜନ ମଧ୍ୟ କରିଥିଲେ। ମଧ୍ୟାହ୍ନଭୋଜରେ ଷ୍ଟାର୍ଟରରେ ରାଷ୍ଟ୍ରପତି ପନିର ଟିକା, ବେବିକର୍ନ୍ନ, କୋଳଥ ଡାଲି, ପାଳଙ୍ଗ ସୁପ୍, ଗ୍ରୀନ ସାଲାଡ, କର୍ନ୍ନ ମଟର ସାଲାଡ, ବିଲାତି-ଖଜୁରୀ ଖଟା, ପାମ୍ପଡ ଆଦି ଖାଇଥିଲେ। ସେହିପରି ମେନ କୋର୍ସରେ ରାଷ୍ଟ୍ରପତି ଖେଚୁଡ଼ି, ଘିଅ ଭାତ, ଡାଲମା, ଭେଣ୍ଡି ଭଜା, ଛତୁ ବେସର, ଲାଉ ଚଣାଡାଲି ତରକାରି, ଆଳୁ ପୋସ୍ତ ଓ ରୁଟି ଖାଇଥିବା ଜଣାପଡ଼ିଛି। ଏହି ଅବସରରେ ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରିଛନ୍ତି। ଆମେରିକାର ୩, ରୁଷର ୨ ସମେତ ଅଷ୍ଟ୍ରେଲିଆ, ଜାପାନ, ସ୍ପେନ ଆଦି ବିଭିନ୍ନ ଦେଶର ୨୭ ଭାରତୀୟ ବଂଶଭୋବ ସମ୍ମାନିତ ହୋଇଛନ୍ତି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ସମ୍ମାନ ପାଇବାକୁ ଥିବା ବ୍ୟକ୍ତି ବିଶେଷଙ୍କ ନାଁ ଘୋଷଣା ହୋଇଥିଲା। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଆପଣମାନଙ୍କ ପାଇଁ କେବଳ ଭାରତବାସୀ ଗର୍ବିତ ନୁହଁନ୍ତି ବରଂ ନିୟୁତ ନିୟୁତ ଲୋକ ଆପଣମାନଙ୍କୁ ଆଦର୍ଶ ମାନୁଛନ୍ତି। ବିକଶିତ ଭାରତ ନିର୍ମାଣରେ ଆପଣମାନଙ୍କ ସହଯୋଗ ଜରୁରୀ। ଭାରତ ସରକାର ଏନ୍ଆରଆଇମାନଙ୍କ ପାଇଁ ବହୁତ ଯୋଜନା କରିଛନ୍ତି। ପ୍ରଦର୍ଶନୀ କକ୍ଷରେ ପ୍ରାଚୀନ ଓଡ଼ିଶା ଇତିହାସ ଠାରୁ ଆରମ୍ଭ କରି ଆଧୁନିକ ଓଡ଼ିଶା ଇତିହାସ, ପାଇକ ବିଦ୍ରୋହଠାରୁ ନେଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିବାର ଗୌରବମୟ ଯାତ୍ରାକୁ ଖୁବ୍ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସାହିତ୍ୟ ଓ ସଂସ୍କୃତିର ଝଲକ ପ୍ରଦର୍ଶନୀ କକ୍ଷରେ ଦେଖିବାକୁ ମିଳୁଛି।

# ପୁଷ୍ପଲତା ମିଶ୍ରଙ୍କ 'ଅବ୍ୟକ୍ତ ଭାବନା' ଉନ୍ମୋଚିତ

**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରର ୟୁନିଟ ୧ ରେ ଥିବା ମଦର୍ସ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ସୁନ୍ଦର ମୋ ଭାଷା ସାହିତ୍ୟ ଜମ୍ବିରା କେନ୍ଦୁଝରର ତ୍ରୟୋଦଶ ବାର୍ଷିକ ଅନନ୍ୟା ମହୋତ୍ସବରେ ଭୁବନେଶ୍ୱର ପୂର୍ବତନ ପ୍ରଧାନ ଆଚାର୍ଯ୍ୟା, ସୁସାହିତ୍ୟିକା, ସମାଜସେବୀ ପୁଷ୍ପଲତା ମିଶ୍ରଙ୍କ ମନୋବିଜ୍ଞାନ ଆଧାରିତ ପୁସ୍ତକ 'ଅବ୍ୟକ୍ତ ଭାବନା' ଉନ୍ମୋଚିତ ହୋଇଛି। ଏହି ଉତ୍ସବର ମୁଖ୍ୟ ବୌଦ୍ଧିକ ମଞ୍ଚର ସଭାରେ ଆନ୍ତର୍ଜାତିକ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସୁସାହିତ୍ୟିକ ଡଃ ନାରାୟଣ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଶା ପ୍ରତିଭା ଡଃ ପ୍ରସନ୍ନ ପାଟଶାଣୀ ଉଦ୍ଘାଟକ, ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟିକ ଶଶଧର ପଣ୍ଡା ମୁଖ୍ୟ ଅତିଥି, ସଂସ୍କୃତି କଳା ପରିଷଦ ଓଡିଶା ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ନିର୍ବାଚନ ସହ ଶାସନ ସଚିବ ପ୍ରମୋଦ କୁମାର ସାହୁ, ସହ ପ୍ରତି ଋତ୍ୱିକ୍ ନୃସିଂହ ଚରଣ ସେନାପତି, ବିଏମ୍ସିର ପୂର୍ବତନ ବିତ୍ତ ଅଧିକାରୀ ବିଜୟ କୁମାର ମିଶ୍ର ବିଶିଷ୍ଟ ଅତିଥି, ବିଡିଓ ହାଟଡିହି ସୋମ୍ୟଶ୍ରୀ ପାଣିଗ୍ରାହୀ ମୁଖ୍ୟ ବକ୍ତା ଓ ଯାଜପୁରର ପୂର୍ବତନ ସହ ଜିଲ୍ଲାପାଳ ଡଃ ଅଲେଖ ପ୍ରସାଦ ମହାରଣା, ଅଧ୍ୟାପିକା ପୁଷ୍ପିତା ପହି, ଶିକ୍ଷାବିତ୍ ଅପର୍ଣ୍ଣା ଦାଶ, ଶିକ୍ଷାବିତ୍ ରମେଶ ଟାକ୍ରୀ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ହୋତା, ନିର୍ଦ୍ଦେଶକ ଚନ୍ଦନ ମହାପାତ୍ର, ବିଶ୍ୱରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଶ୍ରୀମତୀ ମିଶ୍ରଙ୍କୁ ତାଙ୍କର ସାହିତ୍ୟ କୃତି ପାଇଁ 'ଅନନ୍ୟା କବି ଭାରତୀ ସମ୍ମାନ'ରେ ସମ୍ମାନିତ କରାଯାଇଛି।



# ବିଚାର ବିଭାଗୀୟ ତଦନ୍ତ ଦାବି କଲା ବିଜେଡି



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ପୁଲିସ ମିତ୍ର ଓ ସଫେଇ କର୍ମଚାରୀ ସଙ୍ଘର ସଭାପତି ସହଦେବ ନାୟକଙ୍କୁ ଦିବାଲୋକରେ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଛି ବୋଲି ଆଜି ବିଜୁ ଜନତା ଦଳ ଅଭିଯୋଗ ବାଢିବା ସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ବିଜେଡିର ମୁଖପାତ୍ର ଶ୍ରୀ ଗୌତମବୁଦ୍ଧ ଦାସ ଓ ଦଳର ମିଡ଼ିଆ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି କହିଥିଲେ, ଏହି ଜଘନ୍ୟ ହତ୍ୟାକାଣ୍ଡରେ ପୋଲିସ ପାଞ୍ଚ ଜଣଙ୍କୁ ଗିରଫ କରି ଘଟଣାର ସମାଧାନ କରିଦେଇଛି ବୋଲି ଦାବି କରୁଛି, କିନ୍ତୁ ସମଗ୍ର ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଛି। କେବଳ ପାଞ୍ଚ ଜଣ ଅଭିଯୁକ୍ତ ନୁହେଁ, ଏଥିରେ ସମ୍ପୃକ୍ତ ସମସ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଧରାଯିବାର ଆବଶ୍ୟକ ରହିଛି। ଏହି ଘଟଣାରେ ନଭେମ୍ବର ମାସରେ ସହଦେବ ନାୟକ ଦେଇଥିବା ଏକ ବୟାନର ଭିଡିଓ ପ୍ରଦର୍ଷିତ କରିଥିଲେ, ଯେଉଁଥିରେ ସହଦେବ ନାୟକଙ୍କ ଘରକୁ ପୋଲିସର ଏକ ସ୍ପେସିଆଲ ସ୍କ୍ୱାଡ୍ ଯାଇ ତାଙ୍କ ଘରେ ବ୍ରାଉନସୁଗାର ରଖି ତାଙ୍କୁ ଫସାଇବାକୁ ଚେଷ୍ଟା କରୁଥିଲେ।

# ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ବିରୋଧରେ ବିକ୍ଷୋଭ

**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ ସାମାଜିକ ସଂଗଠନ 'ଘୃଣା ବିରୁଦ୍ଧରେ ସ୍ୱର' ପକ୍ଷରୁ ଆବାହକ ମାନସ ଚୌଧୁରୀଙ୍କ ନେତୃତ୍ୱରେ ଆଜି ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ମୁହଁରେ କଳାପଟି ବାନ୍ଧିବା ସହ ହାତରେ 'ଘୃଣା ବିରୁଦ୍ଧରେ ସ୍ୱର' ଲେଖାଥିବା ପତାକା ଧରିଥିଲେ। ଏହି ବିକ୍ଷୋଭରେ ନିର୍ଯାତିତ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କ ଉପରେ ହୋଇଥିବା ବର୍ବର ଅତ୍ୟାଚାର ପାଇଁ ନ୍ୟାୟ ଦାବି କରାଯାଇଥିଲା। ବିକ୍ଷୋଭରେ ଗଜପତି ଜିଲ୍ଲାର ଔପଦା, ବାଲେଶ୍ୱର ଜିଲ୍ଲାର ରେମୁଣା ଓ ସୋର ଓ ଯାଜପୁର ଜିଲ୍ଲାର ପୀଡ଼ିତମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଚୌଧୁରୀ କହିଛନ୍ତି ଯେ ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଅସୁରକ୍ଷିତ ଓ ନିର୍ଯାତିତ। ସେମାନେ ଘରୁ ବାହାରକୁ ଯିବାକୁ ଡରୁଛନ୍ତି। ଏଠାରେ ସାଲବେଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ରଚନା କରିଥିଲେ ଏବଂ ଖ୍ରୀଷ୍ଟିଆନ ମଧୁବାବୁ ଜଗନ୍ନାଥଙ୍କର ଜଣେ ମହାନ ଭକ୍ତ। ଅନ୍ୟପକ୍ଷରେ ସନାତନ ଧର୍ମର ମୌଳିକ ମନ୍ତ୍ର ହେଉଛି 'ବସୁଧୈବ କୁଟୁମ୍ବକମ୍'। ସମଗ୍ର ବିଶ୍ୱକୁ ନିଜ ପରିବାର ଭାବେ ଗ୍ରହଣ କରୁଥିବା ହିନ୍ଦୁ ଧର୍ମର କିଛି ସ୍ୱୟଂଘୋଷିତ ପ୍ରବର୍ତ୍ତକ ସଂଖ୍ୟାଲଘୁଙ୍କ ଉପରେ ଯୋଜନାବଦ୍ଧ ଆକ୍ରମଣ କରୁଛନ୍ତି। ଆମ ସମ୍ବିଧାନ ସବୁ ଧର୍ମର ଲୋକଙ୍କୁ ଜୀବନ ଯାପନ କରିବାର ସମାନ ଅଧିକାର ଦେଇଛି।




# ଡଙ୍ଗରିଆ କନ୍ଧଙ୍କୁ ଆମେରିକା ପ୍ରଦର୍ଶନୀ ପାଇଁ ନିମନ୍ତ୍ରଣ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ନୂଆପଡ଼ା-ଛତିଶଗଡ଼: ଧଳା ରଙ୍ଗର ଚାଦରକୁ ଧଡିରେ ଅତି ସୂକ୍ଷ୍ମ କାମ । କାରୁକାର୍ଯ୍ୟ ଏମିତି ହୋଇଛି ଯେ ମେସିନ୍ ବୁଣାକୁ ମାତ୍ ଦେଇଦେବ। ସତରେ ଏ କାରିଗରର ପରିଶ୍ରମକୁ ସଲାମ। ଏ ଚାଦର (ଶାଲ୍) ଖଣ୍ଡେ ଦେହରେ ପଡିଗଲେ ଆଉ କ'ଣ ଦରକାର । ହ୍ୟାଣ୍ଡଲୁମ୍କୁ ନିଜ ଫ୍ୟାଶନରେ ସାମିଲ କରିଥିବା ବର୍ତ୍ତମାନର ଯୁବପିଢି ବି ଏ ଚାଦରର ପ୍ରଶଂସା ନକରି ରହି ପାରୁନାହାନ୍ତି। ବିଦେଶୀ ଅତିଥିଙ୍କ ପ୍ରଥମ ପସନ୍ଦ ପାଲଟିଛି ଦେଶୀ ଚାଦର। ପ୍ରବାସୀଙ୍କ ମୁହଁରେ କେବଳ ଡଙ୍ଗରିଆ କନ୍ଧଙ୍କ ଶାଲ୍ର ପ୍ରଶଂସା। ପ୍ରତିଦିନ ଡଙ୍ଗରିଆ କନ୍ଧଙ୍କ ଷ୍ଟଲରେ ଭିଡ ଜମାଉଛନ୍ତି ପ୍ରବାସୀ। ଏହି ଷ୍ଟଲରେ ବସି ଆଦିବାସୀ କଳାକୃତିର ପ୍ରଦର୍ଶନ କରୁଛନ୍ତି ଡଙ୍ଗରିଆ କାରିଗର। ପ୍ରବାସୀ ମହାକୁମ୍ଭ ମେଳାରେ ସଭିଏଁ ବ୍ୟସ୍ତ ଥିବାବେଳେ ସେମାନେ କିନ୍ତୁ ଏକାଗ୍ରତାର ସହ ଚାଦର ବୁଣିବାରେ ବ୍ୟସ୍ତ । ସାଙ୍ଗରେ ଆଣିଛନ୍ତି ବିଭିନ୍ନ ରଙ୍ଗବେରଙ୍ଗର ସୂତା । ଆଉ ଆଖି ପଲକ ପକାଇବା କ୍ଷଣି ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ଚାଦର। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଥିବା ଡଙ୍ଗରିଆ କନ୍ଧଙ୍କ ଷ୍ଟଲ୍ ପ୍ରବାସୀଙ୍କ ପ୍ରଥମ ପସନ୍ଦ ପାଲଟିଥିବା ଚର୍ଚ୍ଚା ହେଉଛି। ଡଙ୍ଗରିଆ କନ୍ଧମାନେ ଶାଲ୍ ସହ ମାସ୍କ, ବେଲ୍ଟ, ଉତ୍ତରୀୟ, ମୁଣା ସେମାନେ ପ୍ରସ୍ତୁତ କରି ଏଠାରେ ବିକ୍ରି କରୁଛନ୍ତି। ଡଙ୍ଗରିଆଙ୍କ ପ୍ରସ୍ତୁତ ବାନ୍ଧକଳା କପଡାଗୁନ୍ଦା ବା ଶାଲ୍ ପ୍ରବାସୀଙ୍କୁ ଏତେ ମାତ୍ରାରେ ପସନ୍ଦ ହେଉଛି ଯେ ଆମେରିକାରେ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀରେ ସାମିଲ କରିବା ସକାଶେ ସେମାନଙ୍କୁ ପ୍ରବାସୀ ଭାରତୀୟ ନିମନ୍ତ୍ରଣ କରିଛନ୍ତି। ସାରା ବିଶ୍ୱରେ ଓଡିଶାର ଆଦିବାସୀ ଲୋକକଳା ଏବଂ ହସ୍ତଶିଳ୍ପର ସ୍ୱତନ୍ତ୍ର ପରିଚିତି ରହିଛି। ପ୍ରବାସୀ ଭାରତୀୟମାନେ ରାୟଗଡା ଜିଲ୍ଲା ନିୟମଗିରିର ଡଙ୍ଗରିଆ କନ୍ଧଙ୍କ କଳା ନୈପୁଣ୍ୟତାର ନିଚ୍ଛକ ନିଦର୍ଶନ ଦେଖୁଛନ୍ତି। ବିଲୁପ୍ତପ୍ରାୟ ଡଙ୍ଗରିଆଙ୍କ ହାତ ତିଆରି ଶାଲ୍ ପ୍ରବାସୀ ଭାରତୀୟ ଦିବସରେ ସାମିଲ ହୋଇଥିବା ବେଳେ ପ୍ରବାସୀଙ୍କ ପସନ୍ଦ ନିଶ୍ଚିତ ଭାବେ ଏହି ବ୍ୟବସାୟ ସହ ଜଡ଼ିତ କନ୍ଧଙ୍କୁ ସ୍ୱତନ୍ତ୍ର ଉତ୍ସାହ ଯୋଗାଇଦେବ ବୋଲି ଆଶା କରାଯାଉଛି।

### ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ଗିରଫ ପରେ ମୁକୁଳିଲେ ବିଶାଳ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ସ୍ୱର୍ଗତଃ ନବ ଦାସଙ୍କ ପୁଅ ଓ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ଭାଇ ବିଶାଳ ଦାସଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏହାକୁ ଆଧାର କରି ଛତିଶଗଡ଼ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ତେବେ ଆଜି ବିଶାଳ ଓ ତାଙ୍କ ସହ ଗିରଫ ହୋଇଥିବା ଆଉ ୧୩ ଜଣ ଜନପ୍ରତିନିଧିଙ୍କୁ ପୁଲିସ୍ ମୁକ୍ତ କରିଥିବା ଜଣାପଡ଼ିଛି। ସରେଇପାଲି ଥାନା ପୁଲିସ ତାଙ୍କ ନାମରେ ଏହି ମାମଲାଟି ଦାୟର କରିଥିବା ବେଳେ ବିଶାଳଙ୍କ ସହ ମୋଟ ୧୩ ଜଣଙ୍କ ନାଁରେ ମଧ୍ୟ ମାମଲା ଦାୟର୍ ହୋଇଥିଲା। ସରେଇପାଲିର ହୋଟେଲ ରାଧିକା ମ୍ୟାନେଜରଙ୍କ ଏତଲାକୁ ଭିତ୍ତି କରି ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଧାରା ୩୩୧ (୪) ଓ ୧୯୧ (୨)ରେ ମାମଲା ରୁଜୁ ହୋଇଥିଲା। ବିଶାଳ ହୋଟେଲ୍ରେ ଅନଧିକାର ପ୍ରବେଶ କରିବା ସହ ସେଠାରେ ସହ ଭଙ୍ଗାରୁଜା କରିଥିବା ନେଇ ମ୍ୟାନେଜର ଅଭିଯୋଗ କରିଥିଲେ। ଛତିଶଗଡ଼ରେ ବିଶାଳଙ୍କୁ ଅଟକ ରଖାଯାଇଥିଲା। ଆଜି କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ରହିଥିଲେ ହେଁ ମୁକ୍ତ ହେବା ପରେ କିର୍ମିରା ସରପଞ୍ଚ ଓ ସମିତି ସଭ୍ୟମାନେ ସେଥିରେ ଅଂଶଗ୍ରହଣ କରିପାରିନାହାନ୍ତି। ବିଶାଳଙ୍କୁ ଗିରଫ କରାଯିବା ଘଟଣା ନେଇ ଭଉଣୀ ଦୀପାଳି କଡ଼ା ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ ଯେ ତାଙ୍କ ଭାଇକୁ ଅଟକ ରଖାଯିବା ସମ୍ପୂର୍ଣ୍ଣ ଭାବେ ବେଆଇନ। ଏପରି ପଦକ୍ଷେପ ନେଇ ପୁଲିସ୍ ଗଣତନ୍ତ୍ରର ହତ୍ୟାକାରୀ ସାଜିଛି। ଲଇକେରା ପୁଲିସ ଅଟକ ରଖି ଛତିଶଗଡ଼ ପୁଲିସକୁ ହସ୍ତାନ୍ତର କରିଥିଲା। ଅଟକ ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଭେଟିବାକୁ ବିଶାଳ ଯାଇଥିଲେ। ଏହାପରେ ରାତି ୧ଟାରୁ ତାଙ୍କ ଭାଇକୁ ବି ସେମାନେ ଅଟକ ରଖିଛନ୍ତି। ସେମାନେ ନିଜସ୍ୱ ମତରେ ଆସିଥିବା କହିବା ପରେ ବି ପୁଲିସ୍ କାହିଁକି ବିଶାଳଙ୍କୁ ଅଟକ ରଖିଥିଲା ବୋଲି ଦୀପାଳି ଅଭିଯୋଗ କରିଥିଲେ। ତେବେ ଅନାସ୍ଥା ଭୋଟ୍ରୁ ସେମାନଙ୍କୁ ଭାଗ ନେବାରୁ ବଞ୍ଚିତ କରିବା ସକାଶେ ପୁଲିସ୍ ଉଦ୍ଦେଶ୍ୟମୂଳକ ଭାବେ ସ୍ଥାନୀୟ ରାଜନେତାଙ୍କ ପ୍ରଭାବରେ ପଡ଼ି ଏପରି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି। ସେହିପରି ଏକ ଭିଡିଓ ବାର୍ତ୍ତା ଜାରି କରି ତାଙ୍କ ଗିରଫଦାରୀ ପାଇଁ ବିଶାଳ ଓଡ଼ିଶା ସରକାର ଓ ଉତ୍ତରାଞ୍ଚଳ ଆଇଜିଙ୍କୁ ଦାୟୀ କରିବା ସହ ଆଗାମୀ ଦିନରେ ଏପରି ଅଗଣତାନ୍ତ୍ରିକ କାର୍ଯ୍ୟକଳାପରୁ ବିରତ ରହିବା ସକାଶେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ବିଶାଳଙ୍କ ବେଆଇନ ଗିରଫଦାରୀ ପ୍ରତିବାଦରେ ଝାରସୁଗୁଡ଼ା ବିଜେଡି ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅନ୍ୟପକ୍ଷରେ ଏହି ଗିରଫଦାରୀ ନେଇ ହସ୍ତକ୍ଷେପ କରିବା ସକାଶେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ।

SANCHAR
ସଂଚାର

୪ ଶନିବାର ୧୧ ଜାନୁଆରୀ ୨୦୨୫, ଭୁବନେଶ୍ୱର
Saturday 11 January 2025 Bhubaneswar


# କୃଷିରେ ପୁଞ୍ଜିନିବେଶ

ସାରା ଦେଶରେ ଏବେ ଏକ ପ୍ରକାର ଟ୍ରେଣ୍ଡ ଚାଲିଛି। ସବୁ ରାଜ୍ୟରେ ବିଦେଶରୁ ବା ଦେଶ ଭିତରୁ ପୁଞ୍ଜି ସଂଗ୍ରହ ନିମନ୍ତେ ଉଦ୍ୟମ କରୁଛନ୍ତି। ଅନେକ ପ୍ରସ୍ତାବ ମଧ୍ୟ କାର୍ଯ୍ୟକାରୀ ହେଉଛି। ଓଡ଼ିଶା ମଧ୍ୟ ଏଥିରେ ପଛରେ ପଡ଼ିନି। ଗତ ୨୫ ବର୍ଷ ଭିତରେ ଓଡ଼ିଶାରେ ଅନେକ ଶିଳ୍ପ ଗୋଷ୍ଠୀ ପୁଞ୍ଜିନିବେଶ କରିଛନ୍ତି। କିନ୍ତୁ ଏସବୁ ପୁଞ୍ଜି କେବଳ ଶିଳ୍ପ ବିକାଶ ଲାଗି ହୋଇଛି। ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ଅଧିକାଂଶ ନିବେଶକାରୀ ଗୁରୁତ୍ୱ ଦେଉଛନ୍ତି। ପର୍ଯ୍ୟଟନ ଶିଳ୍ପ ଏବଂ ଭିତ୍ତିଭୂମି ବିକାଶ ଲାଗି ମଧ୍ୟ ଅଳ୍ପ କିଛି ନିବେଶ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷି କ୍ଷେତ୍ରରେ ଟଙ୍କାଟିଏ ବି ପୁଞ୍ଜି ନିବେଶ ହୋଇନାହିଁ। କାରଣ ଭାରତରେ କୃଷିକୁ ଶିଳ୍ପର ମାନ୍ୟତା ମିଳିନି ବା ଏଠାରେ ବ୍ୟବସାୟ ଭିତ୍ତିରେ କୃଷି କାର୍ଯ୍ୟ ହେଉନି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏହାର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କୃଷି ବିକାଶ ବିନା ରାଜ୍ୟର ଆର୍ôଥକ ବିକାଶ ଅସମ୍ଭବ। କିନ୍ତୁ ଏହାକୁ କେହି ଗୁରୁତ୍ୱ ଦେଉ ନାହାଁନ୍ତି କିମ୍ବା ଏ କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି କିଛି ଯୋଜନା ହେଉନି। ଫଳ ସ୍ୱରୂପ ଖାଦ୍ୟ ସଙ୍କଟ ସୃଷ୍ଟି ହେଉଛି। ଓଡ଼ିଶାରେ ଆଳୁ ପିଆଜ ଦର ବୃଦ୍ଧି ଏହାର ଏକ ଛୋଟିଆ ଉଦାହରଣ ଯଦି ଓଡ଼ିଶାରେ କୃଷି ଉତ୍ପାଦନ ବଢ଼ନ୍ତା ଏବଂ ବଳକା ଖାଦ୍ୟ ଶସ୍ୟ ବିଦେଶକୁ ରପ୍ତାନୀ ହୋଇପାରନ୍ତା ତେବେ ରାଜ୍ୟର ଆର୍ôଥକ ଉନ୍ନତି ସମ୍ଭବ ହୋଇପାରନ୍ତି। କହିବା ବାହୁଲ୍ୟ ଯେ, ଓଡ଼ିଶାରେ କୃଷି ସହିତ ସର୍ବାଧିକ ବ୍ୟକ୍ତି ଜଡ଼ିତ। କୃଷି ହେଉଛି ସେମାନଙ୍କର ମୁଖ୍ୟ ଆୟ। କୃଷି କ୍ଷେତ୍ରରେ ସର୍ବାଧିକ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷରେ ନିଯୁକ୍ତି ସୁବିଧା ପାଇଛନ୍ତି। ଏ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମଧ୍ୟ ରହିଛି। ଯଦି କୃଷିକୁ ବ୍ୟବସାୟିକ ଉଦ୍ଦେଶ୍ୟରେ କରାଯାଏ ଏବଂ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଏ ତେବେ ରାଜ୍ୟର ଅର୍ଥନୈତିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ହୋଇପାରିବ। ଏଥିଲାଗି କିଛି ବର୍ଷ ତଳେ କେନ୍ଦ୍ର ସରକାର ଏକ ନୂଆ କୃଷି ଆଇନ ପ୍ରଣୟନ କରିଥିଲେ। କିନ୍ତୁ ପଞ୍ଜାବ ଓ ହରିୟାନାର ଅନେକ ତଥାକଥିତ ଚାଷୀ ଏହାକୁ ବିରୋଧ କରି ଆନ୍ଦୋଳନ କଲେ। ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଲା। କିଛି ଦେଶ ବିରୋଧୀ ଶକ୍ତି ଏହାର ସୁଯୋଗ ନେଇ ଭାରତରେ ଅରାଜକତା ସୃଷ୍ଟି ନିମନ୍ତେ ଉଦ୍ୟମ କଲେ। ପରିସ୍ଥିତି ଏପରି ହେଲା ଯେ, ଖୋଦ ପ୍ରଧାନମନ୍ତ୍ରୀ ଏଥିଲାଗି ପଞ୍ଜାବର ଚାଷୀଙ୍କ ନିକଟରେ ଏଥିଲାଗି କ୍ଷମା ପ୍ରାର୍ଥନା କରିବା ସହିତ କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ। ଅଳ୍ପ କିଛି ମୁଷ୍ଟିମେୟ ଦଲାଲ ବା ବିଭ୍ରାନ୍ତର ଶିକାର ହୋଇଥିବା ଅବୁଝା ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଁଇଲେ। ଏହା ଏକ ଦୁର୍ଭାଗ୍ୟଜନକ ବିଷୟ ଥିଲା। ଯଦି ଏହି ଆଇନ କାର୍ଯ୍ୟକାରୀ ହୋଇଥାଆନ୍ତା ତେବେ ଭାରତରେ କୃଷି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସୁଯୋଗ ସୃଷ୍ଟି ହୋଇଥାଆନ୍ତା। କୃଷି କ୍ଷେତ୍ରରେ ପୁଞ୍ଜିନିବେଶର ଅର୍ଥ ହେଲା ବ୍ୟବସାୟିକ ଭିତ୍ତିରେ ଚାଷ କରିବାକୁ ସୁଯୋଗ ଦେବା। କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଏବଂ ବଜାର ବ୍ୟବସ୍ଥା କରିବା ଦ୍ୱାରା କୃଷିର ବିକାଶ ହୋଇପାରିବ। ଭାରତରେ ଅଧିକାଂଶ କୃଷକ ହେଉଛନ୍ତି ଛୋଟ ଚାଷୀ। କାହା ପାଖରେ ଅଧିକ ଜମି ନାହିଁ। କିନ୍ତୁ ବ୍ୟବସାୟ ଉଦ୍ଦେଶ୍ୟରେ ଚାଷ କରିବାକୁ ହେଲେ ଏକକାଳୀନ ଶହ ଶହ ଏକର ଜମିରେ ସମାନ ଚାଷ ହେବା ଉଚିତ। ଅନେକ ଚାଷୀ ଏକାଠି ହେଲେ ଏହା ସମ୍ଭବ ହୋଇପାରିବ। ସେମାନଙ୍କୁ ଏକାଠି ଏକ ପ୍ରକାର ଫସଲ ଉତ୍ପାଦନ ନିମନ୍ତେ ଚାଷ କରିବାକୁ ପଡ଼ିବ। ଉତ୍ପାଦିତ ଫସଲ କ୍ରୟ ନିମନ୍ତେ ପୂର୍ବରୁ ଚୁକ୍ତି ହୋଇଥିବା ଆବଶ୍ୟକ। ଏ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସୁଯୋଗ ବା ଆବଶ୍ୟକତା ରହିଛି। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଶହ ଶହ ଏକର ଜମିରେ ଯଦି ଏକପ୍ରକାର ଫସଲ ହେବ ତେବେ ଏଥିରେ ଲାଭର ସମ୍ଭାବନା ରହିଛି। ଏଥିଲାଗି ଘରୋଇ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। କୃଷକମାନେ ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବ ନାହିଁ। ଏଭଳି ଯୌଥ ଚାଷ ଚିନ୍ତାଧାରା ଦେଇ ନରେନ୍ଦ୍ର ମୋଦି ସରକାର ନୂଆ କୃଷି ଆଇନ ପ୍ରଣୟନ କରିଥିଲେ। କିନ୍ତୁ ଏହାକୁ ବୁଝାଇବାରେ ସରକାର ବିଫଳ ହେଲେ। ଆଜି ଏହାର ଆବଶ୍ୟକତା ଅନୁଭବ କରାଯାଉଛି। ଓଡ଼ିଶା ସରକାର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଓଡ଼ିଶାକୁ ଘରୋଇ ନିବେଶକାରୀଙ୍କୁ ନିମନ୍ତ୍ରଣ କରୁଛନ୍ତି। କିଛିଟା ସଫଳତା ମଧ୍ୟ ମିଳିବ। କିନ୍ତୁ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ଯଦି ଯୋଜନା ହୋଇପାରନ୍ତା ତେବେ ଏହା ଦ୍ୱାରା ଅଧିକ ଲାଭ ମିଳିପାରନ୍ତା। ଏବେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ଶସ୍ତା କାର୍ଯ୍ୟକ୍ରମ, କଲ୍ୟାଣକାରୀ ଯୋଜନାରେ କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। କେବଳ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଫଳରେ ରାଜସ୍ୱ ନିଅଣ୍ଟ ହେଉଛି ଏବଂ ବିକାଶ ମୂଳକ କାର୍ଯ୍ୟ ବା ବୃହତ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପାଣ୍ଠି ମିଳୁନି। ତେଣୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଘରୋଇ ପୁଞ୍ଜିନିବେଶର ଆବଶ୍ୟକତା ପଡୁଛି। ଯଦି ସରକାର ଲୋକଙ୍କ ଟିକସ ଅର୍ଥକୁ ବରବାଦ ନକରନ୍ତେ ତେବେ ଘରୋଇ ପୁଞ୍ଜିନିବେଶର ଆବଶ୍ୟକତା ପଡ଼ନ୍ତା ନାହିଁ। ଶିଳ୍ପ ତୁଳନାରେ କୃଷି ବିକାଶ ନିମନ୍ତେ ଖୁବ କମ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ସରକାର ଏଥିପ୍ରତି ଧ୍ୟାନ ଦେଲେ କୃଷି ବିକାଶ ହୋଇପାରନ୍ତା ଏବଂ କୃଷକଙ୍କୁ ଆଉ ଆତ୍ମହତ୍ୟା କରିବାକୁ ପଡ଼ାନ୍ତା ନାହିଁ ବା ବିଦେଶରୁ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡ଼ାନ୍ତା ନାହିଁ। ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟରେ ଖରିଫ ଫସଲ ନଷ୍ଟ ହେବା ପରେ ଅନେକ ଚାଷୀ ଦୁଃଖରେ ମ୍ରିୟମାଣ ହୋଇ ପ୍ରାଣ ହରାଉଛନ୍ତି ବା ଆତ୍ମହତ୍ୟା କରୁଛନ୍ତି। କାରଣ ଚାଷ ପାଇଁ ସେମାନେ ଋଣ କରିଛନ୍ତି ଫସଲ ହାନୀ ହେଲେ ଏହାକୁ କିପରି ପରିଶୋଧ କରିବେ ସେହି ଚନ୍ତାରେ ସେମାନେ ବିଚଳିତ। ଯଦି ଘରୋଇ ପୁଞ୍ଜିନିବେଶରେ ଯୌଥ ଚାଷ ହୋଇପାରନ୍ତା ତେବେ କୌଣସି ଚାଷୀଙ୍କୁ ବ୍ୟକ୍ତିଗତ ଭାବେ କ୍ଷତିଗ୍ରସ୍ତ ହେବାକୁ ପଡ଼ାନ୍ତା ନାହିଁ ବା କେହି ଆତ୍ମହତ୍ୟା କରନ୍ତେ ନାହିଁ। ନିବେଶକାରୀ ଚାଷୀଙ୍କ ବୀମା ବିଷୟ ବୁଝନ୍ତା। ଚାଷୀଙ୍କୁ ଆଉ ଋଣ କରିବାକୁ ପଡ଼ାନ୍ତା ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ବା ଅନ୍ୟ ବିପର୍ଯ୍ୟୟରୁ ଫସଲକୁ ସୁରକ୍ଷା ପ୍ରଦାନ କରିବା ନିବେଶକାରୀ କମ୍ପାନୀର ଦାୟିତ୍ୱ ହୁଅନ୍ତା। ଚାଷୀ ଏତେ ବ୍ୟତିବ୍ୟସ୍ତ ହୁଅନ୍ତା ନାହିଁ ବା ଅଭାବୀ ବିକ୍ରିର ଶିକାର ହୁଅନ୍ତା ନାହିଁ। ଚାଷକୁ ଶିଳ୍ପର ମାନ୍ୟତା ମିଳିପାରନ୍ତା। ଅନେକ କୃଷି ଭିତ୍ତିକ ଶିଳ୍ପ କାରଖାନା ଗଢ଼ି ଉଠନ୍ତା ଏବେ ସମୟ ଆସିଛି ସରକାର ଏ ସମ୍ପର୍କରେ ଗୁରୁତ୍ୱର ସହିତ ଚିନ୍ତା କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

**ମହାଶୟ,**

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ଦେଖାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏହା ଏକ ରାଜନୈତିକ ସ୍ଲୋଗାନ ହୋଇଗଲାଣି। ଅତୀତରେ ବିଜେଡି ସରକାର ସମୟରେ ମଧ୍ୟ ରାଜ୍ୟରେ ହତ୍ୟା, ଅପହରଣ ଏବଂ ଡକାୟତି ତଥା ବଳାତ୍କାର ଭଳି ଘଟଣା ଘଟୁଥିଲା। ଏବେ ରାଜଧାନୀ ଭୁବନେଶ୍ୱରରେ ଏକ ଜଘନ୍ୟ ହତ୍ୟା କାଣ୍ଡ ଘଟିଛି। ସ୍ପଷ୍ଟ ଦିବାଲୋକରେ ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ହଠାତ ୩ଜଣ ଦୁର୍ବୃତ୍ତ ଆକ୍ରମଣ କରି ତାଙ୍କ ମୁଣ୍ଡ-ଗଣ୍ଡି ଅଲଗା କରିଦେଲେ। ସମସ୍ତ ଅପରାଧୀ ଧରାପଡ଼ିଛନ୍ତି ସତ୍ୟ, ମାତ୍ର ସେମାନଙ୍କୁ ଉପଯୁକ୍ତ ଦଣ୍ଡ ମିଳିବ କି ନାହିଁ ସନ୍ଦେହ। ଆମ ଆଇନ ବ୍ୟବସ୍ଥାରେ ଅନେକ ଫାଙ୍କ ରହିଛି। ଅପରାଧୀ ଏହି ଫାଙ୍କ ଦେଇ ସହଜରେ ଗଳି ଯାଉଛନ୍ତି। ଏହାକୁ ରୋକିବାକୁ ପଡ଼ିବ। କଠିନ ଦଣ୍ଡ ଅଭାବରୁ ସମାଜରେ ଏପରି ଜଘନ୍ୟ ଅପରାଧ ଦେଖିବାକୁ ମିଳୁଛି। ସମାଜରେ ଶୃଙ୍ଖଳା ଏବଂ ନାଗରିକଙ୍କ ସୁରକ୍ଷା ନିମନ୍ତେ ଯୁବ ଗୋଷ୍ଠୀଙ୍କୁ ଶିକ୍ଷା ଏବଂ ସଂସ୍କାରର ଆବଶ୍ୟକତା ରହିଛି।

**ଶଶିଭୂଷଣ ବେହେରା**
ବୀରସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

## ସମୃଦ୍ଧ ଓଡ଼ିଶାରେ ଆମ ଧର୍ମପଦ

# ସମୃଦ୍ଧ ସମ୍ଭାବନାରେ ପ୍ରତିବିମ୍ବ ଓଡ଼ିଶା



**ପ୍ରଫେସର ଡାକ୍ତର ସମ୍ରାଟ କର**

ବିଶାଳ ପ୍ରାକୃତିକ ବିଭବଠାରୁ ଗୌରବପୂର୍ଣ୍ଣ ସଂସ୍କୃତି, କଳା, ଐତିହ୍ୟ ଓ ନିଜର ଦୀପ୍ତିମାନ ପରିଚୟକୁ ନେଇ ସମୃଦ୍ଧ ଆମ ଓଡ଼ିଶାରେ ଆୟୋଜିତ ହେଉଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ଏଠାରେ ସୂଚନାଥାଉକି ଭାଷାକୁ ନେଇ ତିଆରି ହୋଇଥିବା ସ୍ୱତନ୍ତ୍ର ପ୍ରଦେଶଟି ଆଜି ଶତବାର୍ଷିକ ପାଳନ କରିବାକୁ ଯାଉଥିବାବେଳେ ଏହି ପ୍ରବାସୀ ସମ୍ମିଳନୀ ଆମ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ନିଶ୍ଚିନ୍ତ ଭାବେ ସମପଯୋଗୀ। ଏହା ପୂର୍ବରୁ ଓଡ଼ିଶା ୨୦୧୮ ଓ ୨୦୨୩ରେ ହକି ବିଶ୍ୱକପକୁ ବେଶ ସଫଳ ଓ ନିଖୁଣ ଭାବରେ ଆୟୋଜିତ କରି ସଫଳତା ଓ ପ୍ରଶଂସା ସାଉଁଟି ଥିବାପରେ ଭୁବନେଶ୍ୱରରେ ଏପରି ଏକ ବୈଷୟିକ ସମ୍ମିଳନୀ ନିଶ୍ଚିନ୍ତ ଭାବରେ ଆମ ଓଡ଼ିଶା ପାଇଁ ଗର୍ବ ଗୌରବ ନୁହେଁ ବରଂ ଆମ ଜାତିର ନୂଆ କୀର୍ତ୍ତିମାନ ମାଇଲ ଖୁଣ୍ଟ। ଓଡ଼ିଶା ଆଜି ସମଗ୍ର ବିଶ୍ୱରେ ନିଜକୁ ଗୌରବ ମଣ୍ଡିତ କରିବାରେ ସଫଳ ହୋଇଛି ଏବଂ ରାଜ୍ୟର ପ୍ରାକୃତିକ ପର୍ଯ୍ୟଟନ, କଳା ସଂସ୍କୃତି, ଭାସ୍କର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଦର୍ଶନ ଜରିଆରେ ପ୍ରବାସୀ ଭାରତୀୟଙ୍କୁ କୃତାର୍ଥ କରି ନିଜ ଉଦାର ଓ ଆତିଥ୍ୟତାର ଗୌରବକୁ ସାର୍ଥକ ମନେ କରୁଛି। ଆଜି ଆନ୍ତର୍ଜାତିକ ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବ ହେଉ ବା ଆଦିବାସୀ ମେଳା, ଏକାମ୍ର ମହୋତ୍ସବ ହେଉ ବା ପୁଷ୍ପ ପ୍ରଦର୍ଶନୀ, ଚିଲିକାରେ ଜାତୀୟ ବିହଙ୍ଗ ଉତ୍ସବ ହେଉ ବା ରାଜାରାଣୀ ସଙ୍ଗୀତ ନୃତ୍ୟ ମହୋତ୍ସବ ସବୁଠି ଆଉ ସବୁ କ୍ଷେତ୍ରରେ ଓଡ଼ିଶାର ମହାନ ସାଂସ୍କୃତିକ ଚେତନା, ହସ୍ତ ଓ କୁଟୀର ଶିଳ୍ପ, ପାରମ୍ପରିକ ଖାଦ୍ୟ, କଳା ନୈପୁଣ୍ୟ, ପୋଷାକ, ପରିଧାନ, ଆଭୂଷଣ ଆଦି ସମସ୍ତର ସବିଶେଷ ଝଲକ ପ୍ରବାସୀ ଭାରତୀୟଙ୍କୁ ଦେବା ପାଇଁ ରାଜ୍ୟ ସରକାର ନିଜ ଶ୍ରେଷ୍ଠତାର ସାଧୁ ଉଦ୍ୟମ କରିଛନ୍ତି। ଯାହାଦ୍ୱାରା ବଣ ମଲ୍ଲୀ ପରି ଲୋକଲୋଚନର ପଛ ପଟେ ରହିଯାଉଥିବା ଆମ ମହାନ ଉତ୍କଳୀୟ ଉତ୍କର୍ଷ ଓ ଆଦିବାସୀ କଳା ସଂସ୍କୃତି ବିଶ୍ୱ ଦରବାରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରି ସମ୍ଭାବନାର ନୂଆ ଉଜ୍ଜ୍ୱଳତା ସୃଷ୍ଟି କରିବେ।

ଓଡ଼ିଶାର ଅର୍ଥନୀତି ଭାରତର ସବୁଠୁ ଦ୍ରୁତଗତିରେ ବଢ଼ୁଥିବା ଅର୍ଥନୀତି। ଅର୍ଥନୀତି ଅଭିବୃଦ୍ଧି ହାର ୧୦% ଉପରେ ଅଛି। ଆମେ ବକ୍ସାଇଟ, କ୍ରୋମାଇଟ, ଆଲୁମିନିୟମ, ନିକେଲ, ବିରଳ ମୃତ୍ତିକା, କୋଇଲା ଉତ୍ପାଦନରେ ଭାରତରେ ପ୍ରଥମ ସ୍ଥାନରେ ଅଛୁ। ଖାଦ୍ୟ ପ୍ରକ୍ରିୟାକରଣରେ ଓଡ଼ିଶା ପୂର୍ବ ଭାରତର ହବ୍। ଓଡ଼ିଶାରେ ଦକ୍ଷତା ବିକାଶ ଏକ ବ୍ରାଣ୍ଡ ପାଲଟିଛି। କେବଳ ଏତିକି ନୁହେଁ ଓଡ଼ିଶା ସରକାର ବଦଳିଛି। ଡବଲ ଇଞ୍ଜିନ ସରକାର ଆସିଛି। ଓଡ଼ିଶାରେ ଯାହା ହେବ ସେଥିରେ ଭାରତ ସରକାରଙ୍କ ସହଯୋଗ ରହିବ। ପୂର୍ବ ଓ ଉତ୍ତର ଭାରତରେ ଦେଶର ଏକ ତୃତୀୟାଂଶ ଲୋକ ରହୁଥିବାବେଳେ ଏହି ବଜାର ପାଇଁ ଓଡ଼ିଶା ପ୍ରବେଶ ଦ୍ୱାର ହେବ। ଓଡ଼ିଶାର ଭୌଗୋଳିକ ସ୍ଥିତି, ସାମୁଦ୍ରିକ ବେଳାଭୂମି, ବିମାନ, ରେଳ, ବନ୍ଦର, ସଡ଼କ ଭିତ୍ତିଭୂମି ପୂର୍ବ ଭାରତରେ ସବୁଠୁ ଶ୍ରେଷ୍ଠ। ତେଣୁ ଓଡ଼ିଶାରେ ହିଁ ନିବେଶ ପାଇଁ ପୁଞ୍ଜିପତିମାନେ ଏହି ରାଜ୍ୟକୁ ପସନ୍ଦ କରି ସେମାନେ ଭଲ ଭାବେ ବୁଝିଲେଣି ଯେ ଓଡ଼ିଶାରେ ନିବେଶ ମାନେ ଭବିଷ୍ୟତ ପାଇଁ ନିବେଶ।

ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଯୋଜନାରେ ପୂର୍ବୋଦୟକୁ ଫୋକସ କରାଯାଉଛି। ଏଥିରେ ଓଡ଼ିଶା ଆଗରେ ଅଛି। ଓଡ଼ିଶାକୁ କାହିଁକି ପୁଞ୍ଜିନିବେଶ ପାଇଁ ପସନ୍ଦ କରିବେ ଦର୍ଶାଇବାକୁ ଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଯାହା କହିଥିଲେ, ତାହା ହେଉଛି 'ଓଡ଼ିଶା ଦେଶର ଦ୍ୱିତୀୟ ଖଣିଜ ପଦାର୍ଥ ବହୁଳ ରାଜ୍ୟ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ସମ୍ଭବତଃ ଦେଶର ସବୁଠୁ ଶାନ୍ତ ରାଜ୍ୟ, ଅଶାନ୍ତ ସୃଷ୍ଟି କରିବାକୁ କୌଣସି ସାମାଜିକ ଦୃଶ୍ୟପଟ୍ଟ ନାହିଁ, ସ୍ଥିର ସରକାର ଦେବାରେ ଓଡ଼ିଶାର ଇତିହାସ ଅଛି, ଯୋଗାଯୋଗ ଦୃଷ୍ଟିରୁ ଓଡ଼ିଶାରେ ଆକର୍ଷଣୀୟ ଭିତ୍ତିଭୂମି ଅଛି। ରେଳ, ବନ୍ଦର, ବିମାନ, ସଡ଼କ ଭିତ୍ତିଭୂମି ପର୍ଯ୍ୟାପ୍ତ ଅଛି। ଦକ୍ଷ ମାନବ ସମ୍ବଳ



ବିଶେଷକରି ଶିଳ୍ପ ଉପଯୋଗୀ କୁଶଳୀ ଓ ଅଣକୁଶଳୀ ସମ୍ବଳ ଅଛି। ଆପଣମାନେ ଶିଳ୍ପ ପ୍ରତିଷ୍ଠା କରିବାକୁ ବା ପୁଞ୍ଜି ନିବେଶ କରିବାକୁ ଯେଉ ସବୁ ଆବଶ୍ୟକତା ଅଛି ବୋଲି ଭାବୁଛନ୍ତି ତାହା ଏଥିରେ ପୂରଣ ହେଉଥିବ ବୋଲି ଭାବୁଛି। ସେହିପରି ଭାରତ ବିଶ୍ୱରେ ପଞ୍ଚମ ସର୍ବବୃହତ ଅର୍ଥନୀତି ହୋଇଥିବାବେଳେ ଓଡ଼ିଶା ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ (୧ଲକ୍ଷ ୫୦ ହଜାର) ଡଲାର ଅର୍ଥନୀତିରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏବେଠୁ ମୂଳଦୁଆ ପଡ଼ିବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆମେ ସବୁ ପ୍ରକାରର ପ୍ରସ୍ତୁତି ଆରମ୍ଭ କରିଦେଇଛୁ। ତେଣୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଅର୍ଥ ଭବିଷ୍ୟତ ପାଇଁ ନିବେଶ ହେବ।'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରେଡ ବାଣିଜ୍ୟ, ଟେକ୍ନୋଲୋଜି ଓ ଟୁରିଜିମ ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଶିଳ୍ପ, ବାଣିଜ୍ୟ, ପରିବହନ, ନିଯୁକ୍ତି ଆଦି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ଏପରି ଆୟୋଜନ ନିଶ୍ଚିତ ସହାୟକ ହେବ। ଓଡ଼ିଶାର ଯୁବଶକ୍ତିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରାଯାଇପାରିବ। କେନ୍ଦ୍ର ସରକାରଙ୍କର ପୂର୍ବୋଦୟ ଅଭିଯାନରେ ଓଡ଼ିଶାର ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସମଗ୍ର ବିକାଶ ଓ ବିପୁଳ ନିଯୁକ୍ତି ପାଇଁ ଲାଭଦାୟକ ହେବ। କୌଣସି ଦେଶ ଏକାକୀ ବିକଶିତ ହୋଇନି। ସବୁ ଦେଶ ବିକାଶ ପାଇଁ ଅନ୍ୟର ସହଯୋଗ ଲୋଡ଼ିଛନ୍ତି। ଓଡ଼ିଶାରେ ବ୍ୟାପକ ପୁଞ୍ଜିନିବେଶ ଓ ଶିଳ୍ପାୟନ ଜରିଆରେ ରାଜ୍ୟର ବିଶେଷକରି ଯୁବ ବର୍ଗ ସ୍ୱାବଲମ୍ବୀ ହୋଇ ନୂଆ ଓଡ଼ିଶା ଗଠନ କରିବାକୁ ସମର୍ଥ ହେବେ। ଆଲୁମିନିୟମ ହେଉ ବା ଆଇଟି ଶିଳ୍ପ, ଇସ୍ପାତ ଠାରୁ କ୍ରୋମ ସବୁ କ୍ଷେତ୍ରରେ ବିଶ୍ୱରେ ଓଡ଼ିଶା ନିଜ ସ୍ୱତନ୍ତ୍ରତା ରଖିବା ପରେ ଏବେ ସେମିକଣ୍ଡକ୍ଟର ଶିଳ୍ପର ଭିତ୍ତିଭୂମି ବିକାଶରେ ବ୍ରତୀ ହୋଇଛି। ଉତ୍କର୍ଷର ଭୂମି କୁହାଯାଉଥିବା ଆମ ମହାନ ଉତ୍କଳର ଯେଉଁ ନିଖୁଣ କାରୁକାର୍ଯ୍ୟ ମନ୍ଦିର ଠାରୁ ଆରମ୍ଭ ହୋଇଛି ତାହା କେବଳ ସେଇଠି ଅଟକି ନାହିଁ। ଏଥିରେ ଅନ୍ତର୍ଭୁକ୍ତ ରହିଛି ଆମ ଓଡ଼ିଶାର ଆଦ୍ରଭୂମି, ବିଶାଳ ବେଳାଭୂମି ଓ ମାଳଭୂମି। ଏହି ପ୍ରାକୃତିକ ସୌନ୍ଦର୍ଯ୍ୟର ଅପରୂପ ଗନ୍ତାଘରଟି ଅନେକ ଜୀବନ ଜୀବିକାର, ରୋଜିରୋଟିକୁ ଅପେକ୍ଷା କରିଥିବା ଅନେକଙ୍କ ପାଇଁ ଯେ ଅପାର ସମ୍ଭାବନା ସୃଷ୍ଟି କରିପାରିବ ତାହାକୁ ଆମ ପ୍ରବାସୀ ଭାରତୀୟ ହୃଦୟଙ୍ଗମ କରିପାରିଲେ ବିକଶିତ ଓଡ଼ିଶା ୨୦୩୬ର ସ୍ୱପ୍ନ ସାକାର ହେବାର ପଥ ସୁସ୍ପଷ୍ଟ ଓ ସୁଗମ ହୋଇପାରିବ। ଆଜି ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶ୍ୱସ୍ତରୀୟ ମର୍ଯ୍ୟାଦା ପାଇଛି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପୂର୍ବଭାରତ ରାଜ୍ୟ ସମୂହର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଶା ଭରସାର କେନ୍ଦ୍ର ପାଲଟିଛି। ସେହିପରି ପ୍ରାଚୀନ ଉତ୍କଳୀୟ ସଂସ୍କୃତି ବିକାଶକୁ ଆଗେଇ ନେବାରେ ଓଡ଼ିଶାର ଅନୁପୂରକ ଚିତ୍ର ବିଦେଶରେ ମହାନ ସନାତନ ସଂସ୍କୃତିର ସ୍ମରଣୀୟ ଉଦଘୋଷଣ ବସୁଧୈବକ କୁଟୁମ୍ବକମ ସନ୍ଦେଶକୁ ଆହୁରି ଗୌରବପୂର୍ଣ୍ଣ ଓ ମହିମାପୂର୍ଣ୍ଣ କରିପାରିବାର ସକ୍ଷମ ହୋଇପାରିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ମାଣ୍ଡିଆ ହେଉ ବା ଚାଉଳ ତାହା ଏବେ ଶ୍ରୀଅନ୍ନରେ ପରିଚିତ ପାଇ ବିଶ୍ୱାୟନର ଜୟ ଯାତ୍ରାରେ ନିଜକୁ ମହିମାନ୍ୱିତ କରିଛି। ଏହି ଜାତି କଳିଙ୍ଗ ବୀରର ବୀରତ୍ୱର ପରାକାଷ୍ଠାରେ ଯେଉଁ ଅଖଣ୍ଡ ସାମ୍ରାଜ୍ୟ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା ତାହାପୁଣି ଶାନ୍ତି, ଅହିଂସାର ମନ୍ତ୍ର ଦେଇ ବିଶ୍ୱକୁ ଆଲୋକ ଦେଖାଇଛି। ଜାତିସଂଘର କାନ୍ଥରେ ଆମ ମହାନ ମାନବିକତାର ମନ୍ତ୍ର ଓ ସଂସ୍କୃତି ଲିପିବଦ୍ଧ ହୋଇ କଳିଙ୍ଗ ସାଧବ ପୁଅ ସାତ ସମୁଦ୍ର ତେର ନଈ ପାର ହୋଇ ଯେଉଁ ଦୁଃସାହସିକ ନୌବାଣିଜ୍ୟର ଅନନ୍ୟ ପରମ୍ପରା, ଅମାପିକ ସାହାସ ଓ ଉଦାହରଣ ସୃଷ୍ଟି କରିଥିଲେ ତାହା ହେଉଛି ଏହି ମାଟିର ଗୌରବ। ଏହି ଜାତି, ଏ ରାଜ୍ୟକୁ ଆହୁରି ବିକାଶିତ ଓ ଗୌରବ ମଣ୍ଡିତ କରିବାରେ ଆମ ପ୍ରବାସର ଧର୍ମପଦ ମାନଙ୍କର ଅନେକ ଦାୟିତ୍ୱ ରହିଛି। ସେମାନଙ୍କ ସହଯୋଗ ଓ ଭଲ ପାଇବା ଆମ ରାଜ୍ୟର ଇତିହାସ ଭବିଷ୍ୟତ ଓ ବର୍ତ୍ତମାନ ପାଇଁ ନିଶ୍ଚିନ୍ତ ଓ ଏକ ସ୍ୱର୍ଣ୍ଣିମ ନିର୍ଣ୍ଣାୟକ ହେବ ଏହା ହିଁ କାମନା। ଆମେ ପ୍ରବାସୀ ଭାରତୀୟଙ୍କ ସହଯୋଗରେ ବିକଶିତ ଭାରତ ଗଢ଼ିବାକୁ ଚାହୁଁଛୁ।


**ଅର୍ଥନୈତିକ ସଚିବ, ଆଇଏମଏ, ଓଡ଼ିଶା ଶାଖା**
**ମୋବାଇଲ୍: ୯୧୩୨୪୩୩୩୩୩**


# ଦୀକ୍ଷା

**ଅତନୁ କୁମାର ଜେନା**

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଆଶୀର୍ବାଦ ଅର୍ଥ ଅନୁଶାସନବାଦ। ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ। ଜୀବନର ସୁଖ ସ୍ୱାଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି। ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ୍ୟ ପ୍ରବୃତ୍ତି। ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ। ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ - ଯିଏ ଆଚରଣ କରି ଜାଣିଛନ୍ତି। ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀ'। କହିଲେ ମୁଁ ବୁଝେ ଗୁରୁଙ୍କ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ, ତାଙ୍କ ପାଖରେ ଆତ୍ମ ସମର୍ପଣ ଓ ସେହି ମାଧ୍ୟମରେ ଦକ୍ଷତାର ଅନୁଶୀଳନ, ନୀତି ଯାହାଙ୍କ ଜୀବନରେ ମୂର୍ତ୍ତ, ତାଙ୍କୁ ବାଦ ଦେଇ ଯଦି ସେହି ନୀତିଗୁଡ଼ିକୁ ଅନୁସରଣ କରିବାକୁ ଯାଉଁ, ତାହାହେଲେ ସେହି ନୀତି ଗୁଡ଼ିକ ନାମରେ ବିଳମ୍ବ ମନଗଢ଼ା ଧାରଣାକୁ ହିଁ ଅନୁସରଣ କରିଚାଲିବୁ। ଏଥିରେ ଅଭିହିତ ବା ଖିଆଲ ହିଁ ଆମ୍ଭ ମାନଙ୍କ ପାଖରେ ଗୁରୁପନବାକ୍ୟ ହୋଇଉଠେ। ଏଥିରେ କନ୍ତୁ କିଛି ଲାଭ ହୁଏନାହିଁ। କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ତାଙ୍କର ପ୍ରେରଣା ଭିତରେ ଦେଇ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ଯେ କେତେ ପରିମାଣରେ ତୀବ୍ର ଗତି ସମ୍ପନ୍ନ ହୁଏ ତାହା ବର୍ଣ୍ଣନା କରିହୁଏ ନାହିଁ। ତୁମେ ଯଦି ତୁମର ମା'ଙ୍କୁ କୃପାର ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚାଲ ଓ ତୁମର ମା ଯଦି ସେଥିରେ ସମ୍ମତି ପ୍ରଦାନ କରନ୍ତି ତାହାହେଲେ ସେହି ଚାଲିବାଟା ବହୁତ ସୁଖକର ଲାଗେ।

ପ୍ରକୃତ ଦୀକ୍ଷାରେ ମଣିଷ ହିତରେ ଦକ୍ଷତାର ସଞ୍ଚାର ହୁଏ, ଅବଶ୍ୟ ଯଦି ଠିକ୍ ଠିକ୍ ଅନୁଯାୟୀ ଅନୁଶୀଳନ କରେ। କଳକୀ ଅବତାର ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆମ୍ଭମାନଙ୍କ ଦେଶରେ ଧର୍ମ ନାମରେ ନକରି ପାନକାର ବୁଦ୍ଧିଟି ପ୍ରବଳ। କର୍ମ ବା ଅନୁଶୀଳନ ନକରି ଅଲୌକିକ ଭାବରେ ପ୍ରତ୍ୟାଶା ପୂରଣର ଧନ୍ଦା ରଖି ଯଦି ମଣିଷ ଦୀକ୍ଷା ନିଏ, ତାହାହେଲେ କିଛୁ କିଛି ହିଁ ହୁଏ ନାହିଁ। ସେଥିରେ ମଣିଷ ଆହୁରି ଅକର୍ମଣ୍ୟ ଓ ଅଳସୁଆ ହୋଇପଡ଼େ।

ତାହାଛଡ଼ା ପ୍ରତ୍ୟାଶା ମାଧ୍ୟମରେ ଗୁରୁଙ୍କ ପାଖରୁ ଦୀକ୍ଷାନେଲେ ସେଥିରେ ପ୍ରତ୍ୟାଶା ହୁଏ ମୁଖ୍ୟ, ଗୁରୁ ବା ଇଷ୍ଟ ହୁଅନ୍ତି ଗୌଣ। ଗୁରୁ ଯଦି ଗୌଣ ହୁଅନ୍ତି, ତାଙ୍କୁ ଅନୁସରଣ କରିବାର ବୁଦ୍ଧି ହୁଏନାହିଁ। ତେଣୁ ମଣିଷର ବୁଦ୍ଧି ମଧ୍ୟ ହୁଏନାହିଁ। ଇଷ୍ଟଙ୍କର ଅନୁସରଣ ଓ ଅନୁପୂରତାକୁ ହିଁ ମୁଖ୍ୟ କରି ଧରିଲେ ମଙ୍ଗଳ ସୁନିଶ୍ଚିତ।

କେହି କେହି ବ୍ୟକ୍ତି ଦୀକ୍ଷା ନନେଇ ଗୁରୁଙ୍କର ନୀତି ଗୁଡ଼ିକ କେବଳ ଅନୁସରଣ କରନ୍ତି ଓ ଗୁରୁଙ୍କୁ ମଧ୍ୟ ଭଲପାନ୍ତି। ତେଣୁ ଦୀକ୍ଷା ନେବାର ପ୍ରୟୋଜନ କ'ଣ? ଏହି ପ୍ରସଙ୍ଗରେ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ତୁମେ ଯେପରି ଭାବରେ ଯେଉଁ ଆଦର୍ଶରେ ଯେତେ ପରିମାଣରେ ସୁନିଷ୍ଠ ହେବ ସେତେ ପରିମାଣରେ ତୁମ ଭିତରେ ଅଗ୍ନି ଓ ଦୀପ୍ତି ସୃଷ୍ଟି ହେବ। ନିଷ୍ଠା ସହିତ ରହିଛି ଶିଷ୍ୟ ହେବା। ଶିଷ୍ୟ ହେବା ସହିତ ଶୃଙ୍ଖଳା ସ୍ୱତଃ ଆସିଯାଏ। ଶିଷତ୍ୱର ବୁଦ୍ଧି ନରହିଲେ ନିଜ ପସନ୍ଦ ବିରୋଧୀ ନିର୍ଦ୍ଦେଶ ମୁଣ୍ଡପାତି ମାନିନେବାକୁ ଇଚ୍ଛାହୁଏ ନାହିଁ, ବାଛି ବାଛି ନିଜର ପସନ୍ତ ହେଉଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବାକୁ ଇଚ୍ଛାହୁଏ, ଗୁରୁଭକ୍ତି ଥିବା ସତ୍ତ୍ୱେ ମଧ୍ୟ ଯେଉଁଠାରେ ନିଜର ଚାହିଦା ଓ ପସନ୍ଦ ସହିତ ଦ୍ୱନ୍ଦ ଉପୁଜେ ସେଠାରେ ଅମାନ୍ୟ କରିବାର ବୁଦ୍ଧିଥାଏ। ସନ୍ତାନ ଭାବରେ ମଧ୍ୟ ଦମ୍ଭ ଥାଏ ଯଦି ସନ୍ତାନତ୍ୱ ସହିତ ଶିଷତ୍ୱ ନଥାଏ। ସ୍ୱାମୀ ବିବେକାନନ୍ଦ କହିଛନ୍ତି - ଦ୍ୱିଧା ଓ ସନ୍ଦେହର ଲେଶମାତ୍ର ନରଖି ଗୁରୁ ଆଜ୍ଞା ପାଳନ କରିବା ହିଁ ଆଧ୍ୟାତ୍ମିକ ଜୀବନରେ ସାଫଲ୍ୟତାର ଏକମାତ୍ର ପଥ। ଗିରିଦାର ଓ ସହଦାର, ତୁମେ ଯଦି ଆତ୍ମ ସମର୍ପଣ କର ଅନ୍ୟମାନେ ତୁମକୁ ମାନି ଚାଲିବା ପାଇଁ ପ୍ରେରଣା ପାଇବେ। ତାହା ନକରି କେବଳ ପଦକ୍ଷେପ ନେଲେ ସେହି ପଦକ୍ଷେପ ମାନି ଚାଲିବା ପାଇଁ ଆଗ୍ରହ ଅନ୍ୟ ଭିତରେ ସଞ୍ଚାରିତ ହେବନାହିଁ। ବାଧ୍ୟବାଧ୍ୟକତାରେ ଯଦି କେହି ମାନିଚାଲେ ତାହା ମଧ୍ୟ ତାପାଖରେ ବିରକ୍ତିକର ଖଟଣି ପରି ମନେ ହେବ। ଯେଉଁଳି ମୁହୂର୍ତ୍ତରେ ତୁମେ ନିଷ୍ଠା ସମ୍ପନ୍ନ ହେଲ ସେହି ମୁହୂର୍ତ୍ତରେ ଦମ୍ଭ ବା ଅହଂକାର ତୁମ ପାଖରୁ ବିଦାୟ ନେବ। ସେତେବେଳେ ଆସିବ ମୂର୍ତ୍ତ ଆଦର୍ଶଙ୍କ ପାଇଁ ଗୌରବବୋଧ। ଏହାକୁ କୁହନ୍ତି ଅଭିବାତ୍ୟ ଓ ଅଭିବାତ୍ୟର ନିଦର୍ଶନ ହେଲା ଉନ୍ନତ ଆଚରଣ ଓ ଏହି ଆଭିଜାତ୍ୟ ହିଁ ଜୀବନର ନିର୍ଯ୍ୟାସ।

ଜନୈକ ଭକ୍ତ ପ୍ରଶ୍ନ କଲେ ଯଦି ଜଣେ ସଦ୍‌ଗୁରୁ ଲାଭ କରିନଥାଏ କିନ୍ତୁ ଆକୁଳ ଆଗ୍ରହରେ ଭଗବାନକୁ ଡାକେ ଓ ଭଗବାନଙ୍କ ପଥରେ ଚାଲେ ସେ କ'ଣ ଜୀବନରେ ଅନୁଗ୍ରହ ପାଇପାରିବ ନାହିଁ? ଏହି ପ୍ରସଙ୍ଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଈଷତ୍ ହସି କହଲେ-ଧ୍ରୁବ ପଦ୍ମପଲାସ-ମୋଚନଙ୍କ ପାଇଁ ପାଗଳ ହୋଇଯାଇଥିଲେ। ଦିନରାତି ତାଙ୍କୁ ବ୍ୟାକୁଳ ହୋଇ ଡାକନ୍ତି। ତାଙ୍କର ସେହି ଡାକ ଶୁଣି ପଦ୍ମ-ପଲାଶ-ମୋଚନଙ୍କର ସିଂହାସନ ଟଳମଳ ହୋଇଗଲା। ସେ ସେତେବେଳେ ନାରଦଙ୍କୁ ଡାକି କହିଲେ - ନାରଦ! ତୁମେ ଧ୍ରୁବଙ୍କୁ ଦୀକ୍ଷା ଦିଅ ତା'ନହେଲେ ତ ମୁଁ ଦେଖା ଦେଇପାରୁନାହିଁ। ସେତେବେଳେ ନାରଦ ଆସି ଦୀକ୍ଷା ଦେଲେ, ତାପରେ ପଦ୍ମ-ପଲାଶ-ମୋଚନ ଆବିର୍ଭୂତ ହେଲେ। ଶ୍ରୀ ଶ୍ରୀ ଠାକୁର ନିଶ୍ଚୟାତ୍ମକ....... କହିଲେ - ପରମପିତାଙ୍କୁ କେହି ଯଦି ଆନ୍ତରିକ ଭାବରେ ଚାହେଁ ଓ ଖୋଜାଖୋଜି କରେ ତାହାହେଲେ ପରମପିତାଙ୍କ ଦୟାରେ ତାର ଯୋଗଯୋଗ ମଧ୍ୟ ହୋଇଯାଏ। ପାଇବାକୁ ହେଲେ କରିବାକୁ ହେବ। କରି ହୁଅ ଓ ହୋଇ ପାଅ।

ପୁନର୍ବାର ଶ୍ରୀ ଶ୍ରୀ ଠାକୁର ଭାବାବେଗରେ ପ୍ରକାଶକଲେ - ମଣିଷ ଜୀବନର ଅସଲ ଚାହିଦା ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗ ନେଇ ଚାଲିବା। ସଦ୍‌ଗୁରୁଙ୍କର ଦୀକ୍ଷା ନେବା ପାଇଁ ଯେଉଁମାନଙ୍କର ଆପତ୍ତି ଥାଏ ସେମାନଙ୍କ ପ୍ରବୃତ୍ତିର ଅନୁଚରର ହୁଅନ୍ତି। ବିବାହିତ ସ୍ତ୍ରୀ ଓ ରକ୍ଷିତା ମଧ୍ୟରେ ଯେତିକି ଫରକ ଜଣେ ଦୀକ୍ଷିତ ଓ ଯୁଗଗ୍ରାହୀ ମଧ୍ୟରେ ମଧ୍ୟ ସେତିକି ଫରକ। ହିନ୍ଦୁମାନେ ଦୀକ୍ଷାକୁ ଜୀବନର ଅମୃତ ବୋଲି ମନେ କରନ୍ତି। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ମନେରଖ - ଅଚାର୍ଯ୍ୟଙ୍କ ପାଖରେ ନିଷ୍ଠା ନିପୁଣ ଅନୁରାଗ ରହିଲେ ପ୍ରୀତି-ପଚ୍ଛଳ ସମ୍ବେଦନା ନେଇ ଦୀକ୍ଷା ମନୁଷ୍ୟକୁ ଦକ୍ଷ କରିତୋଳେ। ଧୃତି ଓ କୃତି ଦୁଇଟି ହିଁ ଦୀପ୍ତ ହୋଇଉଠେ। ଏହା ସହିତ ମନୁଷ୍ୟର ସଂହତି ଓ ଦକ୍ଷତା ମଧ୍ୟ ବଢ଼ିଯାଏ। ସଦ୍‌ଗୁରୁ ନିର୍ଦ୍ଦେଶିତ ଦୀକ୍ଷା ହେଉଛି ଯତ୍ର କାଳ ବିଚାରଣା।

କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ପ୍ରାଣ ଶକ୍ତିର ଏକ ଅଖଣ୍ଡତା ରହିଛି ଯଦିଓ ତାହା ଶରୀରର ବିଭିନ୍ନ ଅଂଶ ଓ ଅଙ୍ଗ ପ୍ରତ୍ୟଙ୍ଗ ଭିତର ଦେଇ ନାନା ଭାବରେ କ୍ରିୟାକର, ପାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଯେପରି ଜୀବନ୍ତ ନଥାଏ, ସେହିପରି ଏକକେନ୍ଦ୍ରିକତା ବାଦ ଦେଇ ସଙ୍ଗତିପୂର୍ଣ୍ଣ ଜୀବନ୍ତ ଜୀବନଦର୍ଶନ ଗଢ଼ି ଉଠିପାରେନାହିଁ। ପୁଣି ଯାହାଙ୍କୁ କେନ୍ଦ୍ର ଚାଲିବେ ସେ ସମାଧାନ ପ୍ରାପ୍ତ ଓ ସଂହତ ମନୁଷ୍ୟ ହେବା ଆବଶ୍ୟକ। ତାକୁ ହିଁ ଆମ୍ଭେମାନେ କହୁଁ ଗୁରୁ ବା ଇଷ୍ଟ ବା ଆଚାର୍ଯ୍ୟ। ତେଣୁ ଗୁରୁଗ୍ରହଣ ବା ଇଷ୍ଟ ଗ୍ରହଣ ଆମ୍ଭମାନଙ୍କ ଜୀବନରେ ଅପରିହାର୍ଯ୍ୟ।


**ଦେହୁଁଡ଼ା, ସୁଲତାନପୁର, ଭୋଗରାଇ, ବାଲେଶ୍ୱର**
**ମୋବାଇଲ୍: ୯୪୩୮୩୬୯୫୯୯**


# ଶୃଙ୍ଖଳିତ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ସତର୍କତା

**ଡାକ୍ତର ଶୁଭଶ୍ରୀ ମିଶ୍ର**



ନୂଆ ବର୍ଷ ଅତିବାହିତ ହେବାର ଗୋଟିଏ ସପ୍ତାହ ପର ସମୟ ବିତିଗଲାଣି। ଏ ସବୁ ଭିତରେ ନିଜ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀର ପୁନଃ ମୂଲ୍ୟାୟନ କରିବାର ପ୍ରକୃଷ୍ଟ ସମୟ ପହଞ୍ଚିଛି। ଅନେକ ଲୋକ ଏ ନେଇ ଅନେକ ସଂକଳ୍ପ ବା ରିଜୋଲିସନ କରିଥାନ୍ତି। ତେବେ କହିବାକୁଗଲେ ଏହି ଶୃଙ୍ଖଳିତ ଜୀବନଶୈଳୀ ପାଇଁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଜର ଦୃଢ଼ ମାନସିକତା। ନୂଆ ବର୍ଷ ଆସିଲେ ଆମେ ପୁରୁଣା ବଦଭ୍ୟାସ ଛାଡ଼ି ନୂଆ ସୁଅଭ୍ୟାସ ଲାଗି ସଂକଳ୍ପ ନେଉ। ଇଏ କେବଳ ଓଡ଼ିଶା କି ଭାରତର କଥା ନୁହେଁ, ପୃଥିବୀ ସାରା ଲୋକ ଏକ ଧାରାରେ ଅଭ୍ୟସ୍ତ। ନବ ବର୍ଷ ସଂକଳ୍ପ ବା ନିଉଇୟର ରିଜୋଲ୍ୟୁସନସ୍ ଗ୍ରହଣ କରିବା ଏକ ଲୋକପ୍ରିୟ ଚିନ୍ତାଧାରା। ତେବେ ଏକ ଆକଳନ ଅନସୁାରେ ୮୦% ଲୋକ ନୂଆ ବର୍ଷର ସଂକଳ୍ପ ବଜାୟ ରଖିବାରେ ବିଫଳ ହୁଅନ୍ତି ଏବଂ ଫେବୃଆରୀ ମାସର ମଧ୍ୟଭାଗ ପରେ ଅଧିକାଂଶ ଏଥିରୁ ଓହରି ଯାଆନ୍ତି।

ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ନିୟମିତ ବ୍ୟାୟାମ କରିବାର ସଂକଳ୍ପ ପ୍ରାୟତଃ ଫେଲ ମରିଯାଏ। ଖାଦ୍ୟପେୟ ଅଭ୍ୟାସରେ ସୁଧାର ଆଣିବା ସହ ଓଜନ କମାଇବାର ସଂକଳ୍ପ ଅଧିକାଂଶଙ୍କ କ୍ଷେତ୍ରରେ ପୂରଣ ହୋଇପାରେ ନାହିଁ। ଖର୍ଚ୍ଚ କମାଇ ଅଧିକ ଟଙ୍କ ସଞ୍ଚୟ କରିବାର ଯୋଜନା ବି ଲେ ମାରେ। ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଥାଏ। ସବୁଦିନ ସକାଳୁ ଉଠିବାର ସଂକଳ୍ପ ଅଧିକାଂଶଙ୍କ କ୍ଷେତ୍ରରେ ବିଫଳ ହୋଇଥାଏ। ଧୂମପାନ ଛାଡ଼ିବାର ପ୍ରତିଜ୍ଞା ବି ଏହି ଶ୍ରେଣୀର ଏକ ସଂକଳ୍ପ। ଚେନ ସ୍ମୋକରମାନେ ପ୍ରତି ବର୍ଷ ଜାନୁଆରୀ ପହିଲାରେ ଏହି ସଂକଳ୍ପ ନିଅନ୍ତି ବୋଲି କୁହାଯାଏ। ସେହିଭଳି ଦୈନନ୍ଦିନ ଜୀବନରେ ସମୟାନୁବର୍ତ୍ତୀ ହେବା ପାଇଁ ଅଳସୁଆ ସ୍ୱଭାବର ଲୋକେ ସଂକଳ୍ପ ନିଅନ୍ତି। କିଛି ଦିନ ମାନନ୍ତି, ତାପରେ ଯଥା ପୂର୍ବଂ ତଥା ପରଂ। କ୍ୟାରିଅର ବିକାଶ ଲାଗି ନୂଆ ନୂଆ କୌଶଳ ଓ ଶୃଙ୍ଖଳା ଅବଲମ୍ବନ କରିବାର ସଂକଳ୍ପ ବି ଅଧାରୁ ଅଟକିଯାଏ। ନିୟମିତ ମଦ୍ୟପାନରେ ଅଭ୍ୟସ୍ତ ବ୍ୟକ୍ତି ପରିବାର ଓ ବନ୍ଧୁବର୍ଗଙ୍କ ପ୍ରୋତ୍ସାହନରେ ମଦ ଛାଡ଼ିବା ସଂକଳ୍ପ ନିଅନ୍ତି। କିନ୍ତୁ ସମୟକ୍ରମେ ଅଧିକାଂଶ ଏହା ରଖିପାରନ୍ତି ନାହିଁ। କୌଣସି ଘଟଣାରୁ ଅନୁପ୍ରାଣୀତ ହୋଇ ସମସ୍ତଙ୍କୁ ସାହାଯ୍ୟ କରିବାର ସଂକଳ୍ପ ଅନେକ ନିଅନ୍ତି। କିନ୍ତୁ ସମୟ ଦେଇପାରନ୍ତି ନାହିଁ। ପରିବାର ବନ୍ଧୁଙ୍କ ସହ ଅଧିକ ସମୟ ବିତାଇବାର ସଂକଳ୍ପ ମଧ୍ୟ ବହୁ କ୍ଷେତ୍ରରେ ଫେଲ ମାରିଯାଏ।

ପ୍ରଥମେ ସନ୍ତୁଳିତ ଆହାର ପାଇଁ ସଂକଳ୍ପ ରଖନ୍ତୁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରକ୍ରିୟାକୃତ ବା ବଜାର କିଣା ଖାଦ୍ୟ ବଦଳରେ ତଟକା ପନିପରିବା, ଫଳମୂଳ ଓ ଶସ୍ୟବୀଜକୁ ଗୁରୁତ୍ୱ ଦିଅନ୍ତୁ। ପ୍ରତିଦିନ ସର୍ବନିମ୍ନ ଭାବେ ତିରିଶ ମିନିଟ ଶାରୀରିକ ପରିଶ୍ରମ କରିବା ପାଇଁ ସମୟ ରଖନ୍ତୁ କାରଣ ଏହା ଆପଣଙ୍କ ହୃତପିଣ୍ଡକୁ ସୁସ୍ଥ ରଖିବା ସହ ମନୋଭାବରେ ଉନ୍ନତି ଆଣି ସମଗ୍ର ଶକ୍ତି ସ୍ତରକୁ ବଢ଼ାଇଥାଏ। ସେହିପରି ପ୍ରତିଦିନ ବିଶୁଦ୍ଧ ଆଠରୁ ଦଶଗ୍ଲାସ ପାଣି ପିଇ ତମାମ ଶରୀରର ଜଳୀୟଅଂଶ ବଜାୟ ରଖନ୍ତୁ। କାରଣ ଏହା ବିଭିନ୍ନ ଶାରୀରିକ କ୍ରିୟାକୁ ସୁଗମ କରିବା ସହ ତ୍ୱଚାର କାନ୍ତୀ ବଢ଼ାଇଥାଏ ଓ ଶକ୍ତି ସ୍ତରକୁ ମଧ୍ୟ ଦୃଢ଼ ଅଭିବୃଦ୍ଧି କରିଥାଏ। ପ୍ରତିଦିନ ଆଠରୁ ଦଶ ଘଣ୍ଟା ଯିବା ପର୍ଯ୍ୟନ୍ତ ସୁନିଦ୍ରା ଯିବା ଯୋଜନା ରଖନ୍ତୁ। ନିୟମିତ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନିଜର ମୋବାଇଲ ଫୋନ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଗ୍ୟାଜେଟର ପରଦାରେ ଦୃଷ୍ଟି ନିକ୍ଷେପ କରି ରହିବାର ସମୟକୁ ଧୀରେ ଧୀରେ ହ୍ରାସ କରିବାକୁ ପଡ଼ିବ। ଯାହାଦ୍ୱାରା ଆଖି ଉପରେ ପଡୁଥିବା ଚାପ କମି ପାରିବ ଓ ଦୃଷ୍ଟି ଶକ୍ତି ବୃଦ୍ଧି ହେବ। ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ପାଇଁ ବର୍ଜ୍ୟ ପଦାର୍ଥ ଫିଙ୍ଗିବାରେ ହ୍ରାସ, ପୁର୍ନବ୍ୟବହାରକ୍ଷମ ପଦାର୍ଥର ବ୍ୟବହାର ଓ ଅଧିକ ଉଦ୍ଭିତଯାତ ଖାଦ୍ୟ ଗ୍ରହଣ କରି ପରିବେଶ ଅନୁକୂଳ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେବାକୁ ସଂକଳ୍ପ କରିବା ଉଚିତ। ଏହାସହ ବଗିଚା କାମ ହେଉ ବା ରୋଷେଇ, ସଙ୍ଗୀତ ଶିକ୍ଷା ହେଉ ବା ଲେଖାପଢ଼ା ସବୁଥିରେ ମନ ପସନ୍ଦ କାର୍ଯ୍ୟରେ ନିଜକୁ ନିୟୋଜିତ ରଖନ୍ତୁ। ମାନସିକ ସ୍ତରରେ ସୁସ୍ଥ ରହିବା ସହ ସାମାଜିକ ସମ୍ପର୍କକୁ ପ୍ରାଧାନ୍ୟ ଦେବା


**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ**

ପୋଡ୍‌କାଷ୍ଟରେ ମୋଦିଙ୍କ ଡେବ୍ୟୁ

# ମୁଁ ବି ଭୁଲ୍ କରେ, କିନ୍ତୁ ଉଦ୍ଦେଶ୍ୟ ରଖି ନୁହେଁ



**ନୂଆଦିଲ୍ଲୀ,୧୦।୧:** ଡିଜିଟାଲ୍ ପ୍ଲାଟ୍‌ଫର୍ମ 'ପୋଡକାଷ୍ଟ'ରେ ଡେବ୍ୟୁ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜେରୋଧା ସହ ପ୍ରତିଷ୍ଠାତା ନିଖିଲ କାମତ୍‌ଙ୍କ 'ପିପଲ୍ ବାଇ ଡବ୍‌ଲ୍ୟୁଟିଏଫ୍' ସିରିଜ୍‌ରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଖିବାକୁ ମିଳିଛି। ୨ ଘଣ୍ଟାରୁ ଅଧିକ ସମୟ ଧରି ମୋଦି ପୋଡକାଷ୍ଟରେ ବସି ତାଙ୍କ ଜୀବନର ଅନେକ ଅନୁଭୂତି ବାଣ୍ଟିଛନ୍ତି।

ଏହି ଅବସରରେ ମୋଦି କହିଛନ୍ତି, ଭୁଲ ହୁଏ। ମୁଁ ମଧ୍ୟ କିଛି ଭୁଲ କରିପାରେ। ମୁଁ ଜଣେ ମଣିଷ। ଭଗବାନ ନୁହେଁ। ପ୍ରମୁଖ ବ୍ରୋକିଂ କମ୍ପାନୀ 'ଜେରୋଧା'ର ଅନ୍ୟତମ ପ୍ରତିଷ୍ଠାତା ନିଜର ଭାବନା ଓ ଭାଷା ଗତ ଜ୍ଞାନ ସମ୍ପର୍କରେ ପୋଡକାଷ୍ଟରେ ମତ ରଖିଛନ୍ତି। ସେ ଗୋଟିଏ ସମୟରେ ଥଟ୍ଟାମଜାରେ ନିଜର 'ଖରାପ ହିନ୍ଦୀ' କଥା ମଧ୍ୟ କହିଛନ୍ତି। ନିଖିଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଛନ୍ତି, "ସାର, ଯଦି ମୋର ହିନ୍ଦୀ ଭଲ ଲାଗିବନି, ମୋତେ ଦୟା କରି କ୍ଷମା କରିଦେବେ। ମୁଁ ଜଣେ ଦକ୍ଷିଣ ଭାରତୀୟ। ମୁଁ ବେଙ୍ଗାଲୁରୁରେ ବଡ଼ ହୋଇଛି। ମୋ ମା'ଙ୍କ ସହର ହେଉଛି ମହୀଶୂର। ସେଠାରେ ଲୋକେ କନ୍ନଡ ଭାଷାରେ କଥା ହୁଅନ୍ତି। ମୋ ବାପା ମଧ୍ୟ ମାଙ୍ଗାଲୁରୁ ପାଖାପାଖି ଅଞ୍ଚଳର ବାସିନ୍ଦା। ତେଣୁ କେବଳ ସ୍କୁଲରେ ହିଁ ମୁଁ ଯେତିକି ହିନ୍ଦୀ ଶିଖିଛି। ଏହି କାରଣରୁ ହିନ୍ଦୀ ଉପରେ ମୋର ବିଶେଷ ଦକ୍ଷତା ନାହିଁ।

ଏହାର ଜବାବ ଦେବାକୁ ଯାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଦୁଇ ଜଣଙ୍କର ଏମିତି ହିଁ ଚାଲିବ। ମୁଁ ଆପଣଙ୍କ ସାମ୍ନାରେ ବସିଛି ଓ କଥା ହେଉଛି। ମୋତେ ନର୍ଭସ ଲାଗୁଛି। ଏହା ମୋ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ଏହା ମୋର ପ୍ରଥମ ପୋଡକାଷ୍ଟ ହୋଇଥିବାରୁ ଏହାକୁ ନେଇ ଆପଣଙ୍କ ଦର୍ଶକମାନଙ୍କ ପ୍ରତିକ୍ରିୟା କ'ଣ ରହିବ, ତାହା ମୁଁ ଜାଣିପାରୁନି। ଦୁଇ ଘଣ୍ଟା ଅବଧି ବିଶିଷ୍ଟ ଏହି ପୋଡକାଷ୍ଟରେ ପ୍ରଧାନମନ୍ତ୍ରୀ ନିଜର ପିଲାବେଳଠାରୁ ଆରମ୍ଭ କରି ସଂଘର୍ଷ ଓ ସରକାର ଚଳାଇବାର କୌଶଳ ସମ୍ପର୍କରେ ମତ ରଖିଛନ୍ତି। ମୋଦି କହିଛନ୍ତି, ମୋ ପରିବାରର ସବୁ ସଦସ୍ୟଙ୍କ କପଡ଼ାକୁ ମୋତେ ସଫା କରିବାକୁ ପଡ଼େ। କାରଣ କପଡ଼ା ସଫା କରିବା ଦ୍ୱାରା ମୋତେ ପୋଖରୀକୁ ଯିବାକୁ ଅନୁମତି ମିଳୁଥିଲା। ଯେତେବେଳେ ମୁଁ ମୁଖ୍ୟମନ୍ତ୍ରୀ ହୋଇଥିଲି ସେତେବେଳେ ମୋ ପୁରୁଣା ବନ୍ଧୁମାନଙ୍କୁ ମୁଖ୍ୟମନ୍ତ୍ରୀ ବାସଭବନକୁ ଡାକୁଥିଲି। ହେଲେ ମୁଁ ସେମାନଙ୍କ ସହ ମଜା କରିପାରୁ ନଥିଲି। କାରଣ ମୁଁ ସେମାନଙ୍କୁ ବନ୍ଧୁ ଭାବେ ଦେଖୁଥିଲେ ମଧ୍ୟ ସେମାନେ ମୋ ସହ ମୁଖ୍ୟମନ୍ତ୍ରୀ ଭାବେ ବ୍ୟବହାର କରୁଥିଲେ।

ମଣିଷ ମାତ୍ରେ ହିଁ ଭୁଲ ଉପରେ ଗୁରୁତ୍ୱ ଦେଇ ମୋଦି କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ଏକଦା ଭାଷଣରେ କହିଥିଲି ଯେ ମୁଁ କେବେ ହେଲେ ମୋ ତରଫରୁ ଉଦ୍ୟମରେ ଅବହେଳା କରିବି ନାହିଁ। ଏଥିସହ ମୁଁ କେବେହେଲେ ମୋ ପାଇଁ କିଛି ବି କରିବି ନାହିଁ। ଆହୁରି ମୁଁ ମଣିଷ ଓ ମୁଁ ମଧ୍ୟ ଭୁଲ କରିପାରେ। କିନ୍ତୁ ମୁଁ କେବେ ହେଲେ ଖରାପ ଉଦ୍ଦେଶ୍ୟ ରଖି ଭୁଲ କରିବି ନାହିଁ। ଏସବୁକୁ ମୁଁ ମୋ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିଛି। ଭୁଲ କରିବା ଏକ ସ୍ୱାଭାବିକ ଘଟଣା। ପ୍ରଧାନମନ୍ତ୍ରୀ ଗତ ୨୦୦୨ ଗୋଧ୍ରା ଘଟଣା ସମ୍ପର୍କରେ ମଧ୍ୟ ମତ ରଖିଛନ୍ତି। ସେ କହିଛନ୍ତି, ମୁଁ ୨୦୦୨ ଫେବୃଆରୀ ୨୪ରେ ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲି। ଏହାର ମାତ୍ର ୩ ଦିନ ପରେ ଗୋଧ୍ରା ଟ୍ରେନ ପୋଡ଼ି ଘଟଣା ଘଟିଥିଲା। ସେତେବେଳେ ମୁଁ ଗ୍ରାଉଣ୍ଡ ଜିରୋରେ ପହଞ୍ଚିବାକୁ ଉଦ୍ୟମ କରିଥିଲେ ହେଁ ଅଫିସରମାନେ ହେଲିକପ୍ଟର ନ ଥିବାରୁ ମୋତେ ଯିବାକୁ ଦେଇନଥିଲେ। ପରେ ସେମାନେ ଏକ ହେଲିକପ୍ଟରର ବ୍ୟବସ୍ଥା କରିଥିଲେ। କିନ୍ତୁ ତାହା ଭିଆଇପିଙ୍କ ପାଇଁ ଉପଯୁକ୍ତ ନୁହେଁ ବୋଲି ମୋତେ କହିଥିଲେ। ମୁଁ ସେମାନଙ୍କୁ କହିଥିଲି ଯେ ମୁଁ ଭିଆଇପି ନୁହେଁ। ମୁଁ ଜଣେ ସାଧାରଣ ଲୋକ। ରିସ୍କ ଥିଲେ ହେଁ ମୁଁ ଓଏନଜିସିର ସିଙ୍ଗଲ ଇଞ୍ଜିନ ହେଲିକପ୍ଟରରେ ଯାଇ ଗୋଧ୍ରାରେ ପହଞ୍ଚିଥିଲି। ମୁଁ ସେହି ଭୟଙ୍କର ଓ ଯନ୍ତ୍ରଣାଦାୟକ ଦୃଶ୍ୟକୁ ଅତି ନିକଟରୁ ଦେଖିଛି। ତଥାପି ମୁଁ ମୋର ଭାବପ୍ରବଣତାକୁ ନିୟନ୍ତ୍ରଣ କରିଥିଲି। କାରଣ ସେତେବେଳକୁ ମୁଁ ମୁଖ୍ୟମନ୍ତ୍ରୀ ହୋଇସାରିଥିଲି। ସୂଚନାଯୋଗ୍ୟ ଯେ ମୋଦି ୨୦୦୨ ଫେବୃଆରୀ ୨୪ରେ ବିଧାନସଭାକୁ ଯାଇଥିଲେ ହେଁ ୨୦୦୧ ଅକ୍ଟୋବର ୭ରୁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇସାରିଥିଲେ।



ପୂର୍ବତନ ବିଜେପି ବିଧାୟକଙ୍କ ଘରେ ଚଢ଼ାଉ

## ୩ କୋଟି ଟଙ୍କା ଜବତ, ପାଳିଥିଲେ ୩ କୁମ୍ଭୀର

**ଭୋପାଳ,୧୦।୧:** ବିଜେପିର ପୂର୍ବତନ ବିଧାୟକ ହରିବଂଶ ସିଂହ ରାଥୋରଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ମଧ୍ୟପ୍ରଦେଶର ଏହି ପୂର୍ବତନ ବିଧାୟକଙ୍କ ଘରୁ ଚଢ଼ାଉ ସମୟରେ ନଗଦ କୋଟି କୋଟି ଟଙ୍କା, ସୁନା ଓ ଏକାଧିକ ବେନାମୀ ଦାମୀ କାର ମିଳିଛି। ତେବେ ରାଥୋରଙ୍କ ଗୋଟିଏ ପୋଖରୀରୁ ୩ଟି ବିରାଟକାୟ କୁମ୍ଭୀର ମିଳିବା ପରେ ଆୟକର ଅଧିକାରୀମାନେ ପୂରା ଚକିତ ହୋଇଯାଇଛନ୍ତି। ଏହି କୁମ୍ଭୀରମାନଙ୍କୁ ଖାଇବାକୁ ଦେଇ ଶ୍ରୀ ରାଥୋର ତାଙ୍କ ପୋଖରୀରେ ପାଳିଥିଲେ। କୋଟି କୋଟି ଟଙ୍କା ଟିକସ ଠକେଇ ଅଭିଯୋଗରେ ଗତ ରବିବାରଠାରୁ ଆୟକର ବିଭାଗ ଅଧିକାରୀମାନେ ଶ୍ରୀ ରାଥୋର ଓ ପୂର୍ବତନ କାଉନସିଲର ରାଜେଶ କେଶରୱାନିଙ୍କ ସାଗରସ୍ଥିତ ବିଭିନ୍ନ କୋଠା ଉପରେ ଚଢ଼ାଉ ଜାରି ରଖିଛନ୍ତି। ଏହି ଚଢ଼ାଉ ସମୟରେ ପାଖାପାଖି ୧୫୫ କୋଟି ଟଙ୍କାର ହେରଫେର ହୋଇଥିବା ଜଣାପଡ଼ିଥିବା ବେଳେ ଅଧିକାରୀମାନେ ନଗଦ ୩ କୋଟି ଟଙ୍କା ସହ ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଜବତ କରିଛନ୍ତି। ଶ୍ରୀ ରାଥୋରଙ୍କ ସହ ମିଶି କେଶରୱାନି ବିଡ଼ି ବ୍ୟବସାୟ କରନ୍ତି। ସେ ଏକାକୀ ୧୪୦ କୋଟି ଟଙ୍କାର ଟିକସ ଫାଙ୍କିଥିବା ଅଭିଯୋଗ ହୋଇଥିବା ବେଳେ ସେ ବିଭିନ୍ନ ଠିକା କାମ ମଧ୍ୟ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଶ୍ରୀ ରାଥୋରଙ୍କ ଛୋଟ ପୋଖରୀରୁ ୩ଟି କୁମ୍ଭୀର ମିଳିବା ପରେ ଜଙ୍ଗଲ ବିଭାଗକୁ ଖବର ଦିଆଯାଇଥିଲେ। ସେମାନେ ଆସି କୁମ୍ଭୀରଗୁଡ଼ିକୁ ସେଠାରୁ ନେଇଯାଇଛନ୍ତି। ରାଥୋର ଗତ ୨୦୧୩ରେ ବିଜେପି ଟିକେଟରେ ବିଧାୟକ ହୋଇଥିଲେ। ସାଗର ଜିଲ୍ଲାରେ ତାଙ୍କର ବେଶ ଦବଦବା ରହିଥିବା ବେଳେ ତାଙ୍କ ବାପା ହରନାମ ସିଂହ ରାଥୋର ଏକଦା ମଧ୍ୟପ୍ରଦେଶ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।



## ଏମ୍ସରେ ଭର୍ତ୍ତି ହେଲା ଛୋଟା ରାଜନ୍

**ନୂଆଦିଲ୍ଲୀ,୧୦।୧:** ତିହାର ଜେଲରେ ବନ୍ଦୀ ଜୀବନ କାଟୁଥିବା ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନ ଶୁକ୍ରବାର ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଛି। ରାଜନର ସାଇନସ ସମସ୍ୟା ରହିଛି। ଏହାର ଅପରେସନର ଆବଶ୍ୟକତା ଥିବା ଡାକ୍ତରୀ ଟିମ କହିଛନ୍ତି। ତେଣୁ ତାକୁ ଏମ୍ସରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏକଦା ଦାଉଦ ଇବ୍ରାହିମର ସହଯୋଗୀ ଭାବେ କାମ କରୁଥିବା ରାଜନକୁ ୨୦୨୪ରେ ହୋଟେଲ ମାଲିକ ଜୟା ସେଟ୍ଟୀଙ୍କ ହତ୍ୟା ଘଟଣାରେ ଆଜୀବନ ଜେଲଦଣ୍ଡ ମିଳିଥିଲା। ୨୦୦୧ରେ ଜୟା ସେଟ୍ଟୀଙ୍କୁ ହତ୍ୟା କରାଯାଇଥିଲା। ତେବେ ୨୦୨୪ ଅକ୍ଟୋବରରେ ସମାନ ମାମଲାରେ ରାଜନକୁ ଜାମିନ ମିଳିଥିଲା। କାରଣ ବମ୍ବେ ହାଇକୋର୍ଟ ତା'କୁ ମିଳିଥିବା ଆଜୀବନ ଜେଲଦଣ୍ଡକୁ ଖରାଜ କରିଥିଲେ। ତେବେ ରାଜନ ଜେଲରୁ ବାହାରି ପାରି ନଥିଲା। ସାମ୍ବାଦିକ ଜେ ଦେ'ଙ୍କ ହତ୍ୟା ଘଟଣାରେ ସ୍ୱତନ୍ତ୍ର କୋର୍ଟ ତା'କୁ ଆଜୀବନ ଜେଲଦଣ୍ଡ ମିଳିଥିଲା। ତେଣୁ ଜାମିନ ସତ୍ତ୍ୱେ ଜେଲରେ ରହିଥିଲା। ଗତ ସପ୍ତାହରେ ଛୋଟା ରାଜନ ଗ୍ୟାଙ୍ଗର ଜଣେ ସଦସ୍ୟକୁ ପୁଲିସ୍ ୩୨ ବର୍ଷ ପରେ ଗିରଫ କରିଥିଲା। ଗତ ୧୯୯୨ରେ ମୁମ୍ବାଇର ଦାଦର ପୁଲିସ ଷ୍ଟେସନରେ ହୋଇଥିବା ଫାୟାରିଂ ଓ ଆଉ ଏକ ହତ୍ୟା ମାମଲାରେ ଗ୍ୟାଙ୍ଗଷ୍ଟର ବିଳାସ ପାୱାରକୁ ଗିରଫ କରାଯାଇଥିଲା। ପାୱାର ଏକଦା ଛୋଟା ରାଜନର ଅତ୍ୟନ୍ତ ଘନିଷ୍ଠ ଭାବେ କାର୍ଯ୍ୟ କରୁଥିଲା।

## ଆରଏସଏସକୁ ପ୍ରଶଂସା କଲେ ଶରଦ ପାୱାର

**ନୂଆଦିଲ୍ଲୀ, ୧୦।୧:** ଏନସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବା ଆରଏସଏସ୍‌ର ପ୍ରଶଂସା କରିଛନ୍ତି। ଆରଏସଏସ ପ୍ରତି ଏହାର ସଦସ୍ୟଙ୍କ ରହିଥିବା ଉତ୍ସର୍ଗୀକୃତ ମନୋଭାବକୁ ସେ ସମସ୍ତଙ୍କ ପାଇଁ ଉଦାହରଣ ବୋଲି କହିଛନ୍ତି। ଏଥିସହ ସେ ନିଜ ଦଳର ସଦସ୍ୟମାନଙ୍କୁ ଆରଏସଏସ ଭଳି ସମାନ ପ୍ରତିବଦ୍ଧ କର୍ମୀ ତିଆରି କରିବାକୁ ପରାମର୍ଶ ଦେଇଛନ୍ତି। ଏହି କର୍ମୀମାନେ ଯେମିତି ସବୁବେଳେ ଶାହୁ ମହାରାଜ, ମହାତ୍ମା ପୁଲେ, ବିଆର ଆମ୍ବେଦକର ଓ ଯଶବନ୍ତରାଓ ଚୌହାନଙ୍କ ଆଦର୍ଶରେ କାମ କରିବେ, ତା'କୁ ମଧ୍ୟ ନିଶ୍ଚିତ କରାଯିବା ଦରକାର ବୋଲି ପାୱାର କହିଛନ୍ତି।ଦକ୍ଷିଣ ମୁମ୍ବାଇରେ ଦଳୀୟ କର୍ମୀଙ୍କ ଏକ ବୈଠକରେ ଶରଦ ପାୱାର କହିଛନ୍ତି, ଆରଏସଏସ କ୍ୟାଡର ସବୁବେଳେ ସଂଗଠନର ବିଚାରଧାରା ପ୍ରତି ଦୃଢ଼ ବିଶ୍ୱସ୍ତ ଥିବା ପ୍ରଦର୍ଶନ କରନ୍ତି। ସେମାନେ ବେଶ ବିଶ୍ୱସ୍ତ। ଆମେ ମଧ୍ୟ ସମେତି ଜଣେ ଜଣେ କ୍ୟାଡର ହେବା ଦରକାର। ଛତ୍ରପତି ଶାହୁ ମହାରାଜ, ମହାତ୍ମା ପୁଲେ, ବିଆର ଆମ୍ବେଦକର ଓ ଯଶବନ୍ତରାଓ ଚୌହାନ ବିଚାରଧାରା ପ୍ରତି ପ୍ରତିବଦ୍ଧତା ଦେଖାଇବା ଆମ କ୍ୟାଡରମାନଙ୍କ ପାଇଁ ଜରୁରୀ ବୋଲି ସେ କହିଛନ୍ତି।

## ତେହରାନ୍ ପରିବର୍ତ୍ତେ ନୂଆ ସହର ହେବ ଇରାନ୍‌ର ରାଜଧାନୀ

### ଭାରତକୁ ମିଳିବ ଫାଇଦା

**ନୂଆଦିଲ୍ଲୀ, ୧୦।୧:** ମଧ୍ୟପ୍ରାଚ୍ୟରେ ଭାରତର ବନ୍ଧୁ ରାଷ୍ଟ୍ର ଇରାନ୍ ନିଜର ରାଜଧାନୀ ପରିବର୍ତ୍ତନ କରିବାକୁ ଯାଉଛି। ଭବିଷ୍ୟତରେ ଦେଶର ରାଜଧାନୀ ତେହରାନ୍ ରହିବ ନାହିଁ ବୋଲି ଇରାନ୍ ସରକାର ଘୋଷଣା କରିଛନ୍ତି। ତେହରାନ୍ ପରିବର୍ତ୍ତେ ଇରାନ୍‌ର ରାଜଧାନୀ ତଟୀୟ ସହର ମକରାନ୍ ହେବ ବୋଲି ଜଣାପଡ଼ିଛି। ତେହରାନ୍‌ରେ ଲୋକସଂଖ୍ୟା ବୃଦ୍ଧି, ବିଜୁଳି ଏବଂ ପାଣିର ଅଭାବ ଭଳି ସମସ୍ୟାରୁ ମୁକ୍ତି ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ସେପଟେ ଇରାନର ଏହି ପଦକ୍ଷେପ ଭାରତ ଲାଗି ଫାଇଦା ହେବ। ଇରାନ୍‌ର ଦକ୍ଷିଣରେ ଥିବା ମକରାନ୍ ସହର ରଣନୈତିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ। ଭାରତୀୟ ଉଦ୍ୟୋଗ, ମଧ୍ୟ ଏସିଆ ବଜାର ଏବଂ ଏହି ସହର ମଧ୍ୟରେ ଯୋଗାଯୋଗ ଅତି ସହଜ ହୋଇପାରିବ। ଭାରତ ମଧ୍ୟ-ଏସିଆରେ ପହଞ୍ଚିବା ଲାଗି ସରଳ ରାସ୍ତା ଖୋଜିବାକୁ ଚେଷ୍ଟା କରୁଛି। କାସପିଆନ ସାଗର ମାଧ୍ୟମରେ ମକରାନ୍‌କୁ ପରିବହନ ଖର୍ଚ୍ଚ କମ୍ ହେବ, ଏହା ଦ୍ୱାରା ଭାରତ ଶସ୍ତା ଏବଂ ନିର୍ଭରଯୋଗ୍ୟ ବାଣିଜ୍ୟ କରିପାରିବ।

## ବାଇକରେ ଚାଲିଥିବା ବେଆଇନ ମଦ ଚାଲାଣର ପର୍ଦ୍ଦାଫାସ

**ନୂଆଦିଲ୍ଲୀ, ୧୦।୧:** ଦେଶର ରାଜଧାନୀ ଦିଲ୍ଲୀର ଦକ୍ଷିଣ ପ୍ରାନ୍ତରେ ଚାଲିଥିବା ବେଆଇନ ମଦ ଚାଲାଣର ପର୍ଦ୍ଦାଫାସ ହୋଇଛି। ବାଇକରେ ଟ୍ୟାକ୍ସି ସେବା ଯୋଗାଉଥିବା ରାପିଡୋର ଜଣେ ପୂର୍ବତନ କର୍ମଚାରୀଙ୍କୁ ପୁଲିସ୍ ଏହି ଘଟଣାରେ ଗିରଫ କରିଛି। ରାପିଡୋର ପୂର୍ବତନ ଡ୍ରାଇଭରଙ୍କୁ ଆଜି ସକାଳ ୯.୨୦ରେ ଦିଲ୍ଲୀର ସଙ୍ଗମ ବିହାର ଅଞ୍ଚଳରୁ ଗିରଫ କରାଯାଇଛି।

ଆଗକୁ ସାଧାରଣତନ୍ତ୍ର ଦିବସ ଓ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାରୁ ଦକ୍ଷିଣ ଦିଲ୍ଲୀର ପୁଲିସ୍ କଡ଼ାକଡ଼ି ଯାଞ୍ଚ କରୁଛି। ସଂଗଠିତ ଓ ରାସ୍ତାରେ ଘଟୁଥିବା ଅପରାଧକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ରୋକୋ-ଟୋକୋ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଦ୍ୱାରା ସନ୍ଦିଗ୍ଧଙ୍କୁ ଜେରା କରାଯାଉଛି। ଏହିକ୍ରମରେ ଦକ୍ଷିଣ ଦିଲ୍ଲୀର ନାର୍କୋଟିକ୍ସ ସ୍କ୍ୱାଡ ଅନ୍ତଃରାଜ୍ୟ ମଦ ଚାଲାଣକାରୀ ରବି ସିଂହକୁ ଗିରଫ କରିଛି। ଦକ୍ଷିଣ ଦିଲ୍ଲୀ ଡିସିପି ଅଙ୍କିତ ଚୌହାନଙ୍କ କହିବା କଥା ସଙ୍ଗମ ବିହାରରେ ବେଆଇନ ମଦ କାରବାର ଚାଲିଥିବା ଖବର ପ୍ରଥମେ ତାଙ୍କ ଟିମକୁ ମିଳିଥିଲା। ଏହାପରେ ଟିମ ସଙ୍ଗମ ବିହାରରେ ଯୋଜନାବଦ୍ଧ ଭାବେ ଅପେକ୍ଷା କରି ରହିଥିଲା। ଆଜି ସକାଳ ପ୍ରାୟ ୯.୨୦ରେ ନମ୍ବର ପ୍ଲେଟ ନଥିବା ଗୋଟିଏ ସ୍କୁଟିରୁ ୩ ଜଣ କିଛି ପେଟି କାଢୁଥିବା ପୁଲିସ୍ ନଜରକୁ ଆସିଥିଲା। ପୁଲିସ୍ ସେଠାରେ ପହଞ୍ଚିବାରୁ ୨ ଜଣ ଖସି ପଳାଇଥିଲେ। କିନ୍ତୁ ରବି ସିଂହକୁ ପୁଲିସ୍ ଧରିବାକୁ ସକ୍ଷମ ହୋଇଛି। ଘଟଣା ସ୍ଥଳରୁ ୩ ପେଟି ମଦ ଜବତ ହୋଇଥିବା ବେଳେ ନିକଟସ୍ଥ ଜଙ୍ଗଲରୁ ଆଉ ୫୭ଟି ପେଟି ପୁଲିସ୍‌କୁ ମିଳିଛି। ରବି ସିଂହ ରାପିଡୋ ଡ୍ରାଇଭର ଭାବେ କାମ କରୁଥିଲା। କିନ୍ତୁ ଅଧିକ ଟଙ୍କା ପାଇବା ଆଶାରେ ସେ ହରିୟାଣାରୁ ଦିଲ୍ଲୀକୁ ମଦ ଚୋରା ଚାଲାଣ କରୁଥିଲା।

ତେଜିଲା ଆପ୍ ଓ ବିଜେପି ପୋଷ୍ଟର ୱାର

## ଗାଳିବାଜ ଦାନବ ବନାମ ପୂର୍ବାଞ୍ଚଳର ଶତ୍ରୁ




**ନୂଆଦିଲ୍ଲୀ, ୧୦।୧:** ଦିଲ୍ଲୀ ବିଧାନସଭା ନିର୍ବାଚନର ତାରିଖ ଯେତିକି ପାଖେଇ ଆସୁଛି କ୍ଷମତାସୀନ ଆପ୍ ଓ ବିଜେପି ମଧ୍ୟରେ ପୋଷ୍ଟର ୱାର ସେତିକି ତୀବ୍ର ହେଉଛି। ଆପ୍ ପକ୍ଷରୁ ପୋଷ୍ଟର ଜାରି କରାଯାଇ ବିଜେପିକୁ ପ୍ରଥମେ ଟାର୍ଗେଟ କରାଯାଇଥିଲା। ବିଜେପି ମଧ୍ୟ ଏହାର କଡ଼ା ଜବାବ ଦେଇଛି।

ବିଜେପି ଦିଲ୍ଲୀ ପାଇଁ ତା'ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରି ନଥିବାରୁ ଏହାକୁ ଆପ ପକ୍ଷରୁ ଟାର୍ଗେଟ କରାଯାଇଛି। ଏନେଇ ଗୋଟିଏ ପୋଷ୍ଟର ଜାରି କରି ଆପ୍ ପ୍ରଶ୍ନ କରିଛି ଯେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ କିଏ? ଏହି ପୋଷ୍ଟରରେ ଅରବିନ୍ଦ କେଜ୍ରିୱାଲଙ୍କୁ ଆମ ଆଦମୀ ପାର୍ଟିର ପ୍ରମୁଖ ଚେହେରା ଭାବେ ପ୍ରଦର୍ଶିତ କରାଯାଇଛି। ଏଥିସହ ବିଜେପିକୁ ଗାଳି ଗୁଲଜ ପାର୍ଟି ଭାବେ ଅବିହିତ କରାଯାଇଛି। ବିଜେପି ନେତାମାନେ କେମିତି ଆପତ୍ତିଜନକ ମନ୍ତବ୍ୟ ଦେଉଛନ୍ତି, ସେକଥା ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏହାବାଦ ଅମିତ ଶାହ ସମ୍ବିଧାନ ପ୍ରଣେତା ବାବା ସାହେବ ଓ ଜେପି ନଡ୍ଡା ପୂର୍ବାଞ୍ଚଳର ଲୋକଙ୍କୁ ଅପମାନିତ କରିଥିବା ଆପ୍ ଅଭିଯୋଗ କରିଛି। ବିଜେପିର ରମେଶ ବଧୁରୀ ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଥିବା ବେଳେ ବୀରେନ୍ଦ୍ର ସଚଦେବା ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ମନୋଜ ତିୱାରୀ ମହିଳାଙ୍କ ପ୍ରତି ଅପମାନ କରିବା ଭଳି ଶବ୍ଦ ପ୍ରୟୋଗ କରିଥିବା ଅଭିଯୋଗ କରି ଆପ୍ ପୋଷ୍ଟ ଜାରି କରିଛି।

ଆପ୍ ପକ୍ଷରୁ ଅତିରିକ୍ତ ଭାବେ ଜାରି କରାଯାଇଥିବା ପୋଷ୍ଟରର ଶୀର୍ଷକ 'ବିଜେପି କେ ଗାଲିବାଜ ଦାନବ ସେ ଦିଲ୍ଲୀ ରହେ ସତର୍କ' ରଖାଯାଇଛି। ଗାଳିବାଜ ଦାନବ ପୋଷ୍ଟରରେ ଅମିତ ଶାହ, ମନୋଜ ତିୱାରୀ, ରମେଶ ବିଧୁରୀ, ବୀରେନ୍ଦ୍ର ସଚଦେବା ଓ ପ୍ରବେଶ ବର୍ମାଙ୍କ ଫଟୋ ରହିଛି। ଆପ୍‌ର ଏପରି ପୋଷ୍ଟରର ଜବାବ ମଧ୍ୟ ବିଜେପି ଦେଇଛି। ଦଳ ପକ୍ଷରୁ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରାଯାଇଛି। କେଜ୍ରିୱାଲଙ୍କ ଫଟୋ ଥିବା ପୋଷ୍ଟର ଜାରି କରି ବିଜେପି ଏହାର ଶୀର୍ଷକ "ପୂର୍ବାଞ୍ଚଳର ସମାଜ କା ଅପମାନ, ଶିସମହଲ କେ ନୱାବ କେଜ୍ରିୱାଲ କି ପେହେଚାନ' ରଖାଯାଇଛି। କେଜ୍ରିୱାଲଙ୍କୁ ପୂର୍ବାଞ୍ଚଳର ଶତ୍ରୁ ମଧ୍ୟ ବିଜେପି କହିଛି। ଆସନ୍ତା ୫ ତାରିଖରେ ଦିଲ୍ଲୀ ବିଧାନସଭାର ସମସ୍ତ ୭୦ଟି ଯାକ ଆସନ ଭାବେ ଭୋଟ ହେବ। ଫେବୃଆରୀ ୮ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## କାନାଡ଼ାକୁ କାଲିଫର୍ଣ୍ଣିଆ ଫେରାଇ ଦେଉ ଆମେରିକା: ଟ୍ରୁଡୋ



**ନୂଆଦିଲ୍ଲୀ, ୧୦।୧:** କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ବିସ୍ଫୋରକ ବୟାନ। କହିଲେ ଆମେରିକା ଭାରମୋଣ୍ଟ ନଚେତ୍ କାଲିଫୋର୍ଣ୍ଣିଆକୁ ଜଲଦି କାନାଡ଼ାକୁ ଫେରାଇ ଦେଉ। ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାକୁ ଅଧିଗ୍ରହଣ କରିବା ନେଇ ନିକଟରେ ଘୋଷଣା କରିଥିଲେ। ଏହାକୁ ନେଇ କାନାଡ଼ାରେ ଅସନ୍ତୋଷ ଦେଖାଯିବା ପରେ ଏନେଇ ଗଣମାଧ୍ୟମ ସାମ୍ନାରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଟ୍ରୁଡୋ। ଏହି ଘଟଣାରେ ଟ୍ରୁଡୋ ଏତେ ରାଗିଯାଇଥିଲେ ଯେ ଟ୍ରମ୍ପଙ୍କୁ ଟ୍ରୋଲ କରିବାକୁ ବି ପଛାଇ ନଥିଲେ। ଟ୍ରମ୍ପ କାନାଡ଼ା ଅଧିଗ୍ରହଣ ନେଇ ଟିପ୍ପଣି ଦେବା ପରେ ଟ୍ରୁଡୋ ପ୍ରଥମ ଥର ପାଇଁ କାନାଡ଼ାର ଗଣମାଧ୍ୟମ ଏମଏସଏନବିସିକୁ ସାକ୍ଷାତକାର ଦେଇଛନ୍ତି। ଏହି ଅବସରରେ ସେ ଗତବର୍ଷ ନଭେମ୍ବର ମାସରେ ଟ୍ରମ୍ପଙ୍କ ସହ ହୋଇଥିବା ସାକ୍ଷାତକାର ସମ୍ପର୍କରେ କହିଛନ୍ତି। ଏହି ସାକ୍ଷାତକାରରେ ଟ୍ରମ୍ପ କାନାଡ଼ାକୁ ଆମେରିକାର ୫୧ ତମ ରାଜ୍ୟ ଭାବେ ମିଶାଇଦେବାପାଇଁ ଟ୍ରୁଡୋଙ୍କୁ କହିଥିଲେ। ଯଦି ଟ୍ରୁଡୋ ଏପରି ନକରନ୍ତି ତେବେ ସେ କାନାଡା ଉପରେ ଟାରିଫ ବଢ଼ାଇ ଦେବେ ବୋଲି ଧମକ ଦେଇଥିଲେ। ଟ୍ରମ୍ପଙ୍କ ଏପରି ବ୍ୟବହାରକୁ ଟ୍ରୁଡୋ ହାସ୍ୟାସ୍ପଦ କହିବା ସହିତ ଆମେରିକା ଭାରମୋଣ୍ଟ ନଚେତ୍ କାଲିଫୋର୍ଣ୍ଣିଆକୁ ଜଲଦି କାନାଡ଼ାକୁ ଫେରାଇଦେଉ ବୋଲି କହିଥିଲେ। ମିଳିଥିବା ସୂଚନା ମୁତାବକ ଟ୍ରମ୍ପ ବହୁ ଜଲଦି କାନାଡ଼ାରୁ ଆମେରିକାକୁ ରପ୍ତାନି ହେଉଥିବା ପଣ୍ୟଦ୍ରବ୍ୟ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇବାକୁ ଯାଉଛନ୍ତି। ଯାହା ଉଭୟ ଦେଶର ଆର୍ଥନିତି ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଟ୍ରୁଡୋ କହିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପାଇଁ ଆମେରିକାରେ କାନାଡ଼ିୟ ଉତ୍ପାଦ ଗୁଡିକ ମହଙ୍ଗା ହୋଇଯିବା ସହ ଆମେରିକୀୟ ନାଗରିକ ମାନଙ୍କ ପକେଟରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ଏହା ସହ ସେ ଟ୍ରମ୍ପଙ୍କ କଥାକୁ ଅତି ରଞ୍ଜିତ ବୋଲି କହିବା ସହ ଟ୍ରମ୍ପଙ୍କୁ ରଙ୍ଗ ବଦଳାଉଥିବା ଏଣ୍ଡୁଅ ସହ ତୁଳନା କରିଛନ୍ତି।

## 'ଅବିଭକ୍ତ ଭାରତ' କାର୍ଯ୍ୟକ୍ରମ ପାଇଁ ପାକିସ୍ତାନ ଓ ବାଂଲାଦେଶକୁ ନିମନ୍ତ୍ରଣ

**ନୂଆଦିଲ୍ଲୀ, ୧୦।୧:** ଭାରତୀୟ ପାଣିପାଗ ବିଭାଗର ୧୫୦ତମ ପ୍ରତିଷ୍ଠା ଉପଲକ୍ଷେ ଆୟୋଜନ ହେବାକୁ ଯାଉଛି 'ଅବିଭକ୍ତ ଭାରତ' ନାଁରେ ଗୋଟିଏ ସେମିନାର। ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଭାରତ ପକ୍ଷରୁ ପାକିସ୍ତାନ ଓ ବାଂଲାଦେଶ ସମେତ ଅନ୍ୟ ପଡ଼ୋଶୀମାନଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରଥମଥର ପାଇଁ ଭାରତ ସରକାର ସବୁ କିଛି ବିବାଦକୁ ଭୁଲି ଏଭଳି ଏକ ପଦକ୍ଷେପ ନେଇଛନ୍ତି। 'ଅବିଭକ୍ତ ଭାରତ' ସେମିନାର କାର୍ଯକ୍ରମରେ ଯୋଗଦେବାକୁ ଭାରତ ପକ୍ଷରୁ ପକ୍ଷରୁ ପାକିସ୍ତାନ, ବାଂଲାଦେଶ, ଭୁଟାନ, ଆଫଗାନିସ୍ତାନ, ମିଆଁମାର, ମାଳଦ୍ୱୀପ, ଶ୍ରୀଲଙ୍କା ଓ ନେପାଳକୁ ଡକାଯାଇଛି। ଏହି ଦେଶଗୁଡ଼ିକ ବ୍ୟତୀତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମଧ୍ୟପ୍ରାଚ୍ୟ, କେନ୍ଦ୍ରୀୟ ଓ ଦକ୍ଷିଣପଶ୍ଚିମ ଏସିଆର ଅଧିକାରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଭାରତର ନିମନ୍ତ୍ରଣ ପରେ ପାକିସ୍ତାନ କାର୍ଯ୍ୟକ୍ରମରେ ଯୋଗଦେବ ବୋଲି ନିଶ୍ଚିତ କରିଛି। କିନ୍ତୁ ବାଂଲାଦେଶର ଅନ୍ତରୀଣ ସରକାର 'ଅବିଭକ୍ତ ଭାରତ' କାର୍ଯ୍ୟକ୍ରମକୁ ନେଇ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇନାହାନ୍ତି। ପାଣିପାଗ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ଢାକା ନିମନ୍ତ୍ରଣ ଅନୁସାରେ ଆସିବାକୁ ନିଶ୍ଚିତ କଲେ, ଏହା ଏକ ଐତିହାସିକ ମୁହୂର୍ତ୍ତରେ ପରିଣତ ହେବ। ଆଇଏମଡିର ପ୍ରତିଷ୍ଠା ବେଳେ ଯେଉଁମାନେ ଅଂଶବିଶେଷ ଥିଲେ, ଏବେ ସେସବୁ ଦେଶର ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତୁ ବୋଲି ଆମେ ଚାହୁଁଛୁ। ଆଇଏମଡିର ୧୫୦ ବର୍ଷ ପୂର୍ତ୍ତିକୁ ଅଧିକ ସ୍ମରଣୀୟ କରିବା ପାଇଁ ଭାରତ ସରକାରଙ୍କ ଏକାଧିକ ମନ୍ତ୍ରଣାଳୟ ଲାଗି ପଡ଼ିଛନ୍ତି। କାର୍ଯ୍ୟକ୍ରମ ସମୟରେ ଅର୍ଥ ମନ୍ତ୍ରଣାଳୟ ସ୍ୱତନ୍ତ୍ର ଭାବେ ୧୫୦ ଟଙ୍କିଆ ମୁଦ୍ରା ଜାରି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଧାରଣତନ୍ତ୍ର ଦିବସରେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼କୁ ଅନୁମତି ଦେବାକୁ ଚାହୁଁଥିବା ଜଣାପଡ଼ିଛି।

୧୮୭୫ ମସିହା ଜାନୁଆରୀ ୧୫ରେ ଭାରତୀୟ ପାଣିପାଗ ବିଭାଗ ସ୍ଥାପନ ହୋଇଥିଲା। ତେବେ ଏହାର ବହୁ ପୂର୍ବରୁ ପାଣିପାଗ ସମ୍ପର୍କରେ ତଥ୍ୟ ପାଇଁ ବିଭିନ୍ନ ମେସିନ ସ୍ଥାପନ କରାଯାଇଥିଲା। ପ୍ରଥମ ପାଣିପାଗ ଆକଳନ ମେସିନ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରତିଷ୍ଠା ହୋଇଥିଲା। ୧୭୮୫ରେ କ୍ୟାଲକାଟା, ୧୭୯୬ରେ ମାଡ୍ରାସ ଓ ୧୮୨୬ରେ ବମ୍ବେ ରେ ପାଣିପାଗ ଆକଳନ ପାଇଁ ଆବଶ୍ୟକ ମେସିନ ପ୍ରତିଷ୍ଠା ହୋଇଥିଲା।

# ଅନଳ ଆଁରେ କାଲିଫର୍ଣ୍ଣିଆ

## ଗଲାଣି ୧୦ ଜୀବନ, ଜଳିଯିବ ହଲିଉଡ ହିଲ୍



**ୱାଶିଂଟନ,୧୦।୧:** ଆମେରିକାର କାଲିଫର୍ଣ୍ଣିଆ ପ୍ରଦେଶର ଲସ୍ ଏଞ୍ଜେଲ୍‌ସରେ ଥିବା ଜଙ୍ଗଲଗୁଡ଼ିକରେ ଭୟଙ୍କର ନିଆଁ ଲାଗିଛି। ଗତ ୭ ତାରିଖରୁ ଲାଗିଥିବା ଏହି ନିଆଁ ୩ ଦିନରେ ୨୮ ହଜାର ଏକରକୁ ମାଡ଼ିଗଲାଣି। ଏହାର ରୂପ କ୍ରମେ ଅଧିକ ଭୟାନକ ହେବାରେ ଲାଗିଛି। ଏମିତି କି ଆମେରିକାର ପ୍ରସିଦ୍ଧ ହଲିଉଡ୍ ହିଲ୍‌କୁ ଏହା ଗ୍ରାସିବା ଆରମ୍ଭ କରିଛି। ଏହା ସମ୍ପୂର୍ଣ୍ଣ ଜଳିଯିବା ଆଶଙ୍କା ରହିଛି। ସେଲିବ୍ରିଟିଙ୍କ ଗୋଟିଏ ପରେ ଗୋଟିଏ ବଙ୍ଗଳା ପୋଡ଼ିବାରେ ଲାଗିଛି। ଆମେରିକାର ଉପରାଷ୍ଟ୍ରପତି କମଳା ହାରିସଙ୍କ ଘର ବି ଖାଲି କରିବାକୁ ପଡ଼ିଛି। ଏହି ନିଆଁରେ ଏ ପର୍ଯ୍ୟନ୍ତ ୧୦ ଜଣ ପ୍ରାଣ ହରାଇଲେଣି। ପ୍ରାୟ ୫୦ ହଜାର ଲୋକଙ୍କୁ ତୁରନ୍ତ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି। ନିଆଁ ଲାଗିଥିବା ଅଞ୍ଚଳରେ ଘଣ୍ଟା ପିଛା ପ୍ରାୟ ୧୬୦ କିଲୋମିଟର ବେଗରେ ପବନ ବହୁଥିବାରୁ ନିଆଁକୁ ଆୟତ୍ତ କରିବା ଅସମ୍ଭବ ହୋଇପଡ଼ିଛି। ପବନର ବେଗ ଅଧିକ ଥିବାରୁ ନିଆଁ 'ଫାୟାରନାଡୋ (ଫାୟାର୍ମଟରନାଡୋ)'ରେ ପରିଣତ ହୋଇଛି। ଏ ପର୍ଯ୍ୟନ୍ତ ପ୍ରାୟ ୨ ହଜାର ଘର ପୋଡ଼ି ପାଉଁଶ ହୋଇଗଲାଣି। ଲସ୍ ଏଞ୍ଜେଲ୍‌ସର ପ୍ୟାସିଫିକ ପ୍ୟାଲିସେଡ୍‌ସ ଅଞ୍ଚଳରେ ଅନେକ ଘର ଆଖିପିଛୁଳାକେ ପୋଡ଼ି ପାଉଁଶ ହୋଇଯାଉଛି। ଜଙ୍ଗଲରେ ଲାଗିଥିବା ନିଆଁ ଜନବସତି ଆଡ଼କୁ ଦ୍ରୁତ ଗତିରେ ଦୌଡ଼ୁଛି। ଲୋକମାନେ ପ୍ରାଣ ବିକଳରେ ଘରଦ୍ୱାର ଛାଡ଼ି ପଳାଉଛନ୍ତି। ଗୃହପାଳିତ ପ୍ରାଣୀ ଓ ଜଙ୍ଗଲୀ ଜୀବଜନ୍ତୁ ମଧ୍ୟ ଏଣେତେଣେ ବୁଲି ଜୀବନ ବଞ୍ଚାଇବାକୁ ରାହା ଖୋଜୁଥିବା ଦେଖିବାକୁ ମିଳିଛି। ନିଆଁ ଯୋଗୁ ପ୍ରବଳ ଧୂଆଁ ସୃଷ୍ଟି ହୋଇଛି। ମହାକାଶରେ ବି ଏହି ଧୂଆଁ ଦୃଶ୍ୟମାନ ହୋଇଛି। ଶକ୍ତିଶାଳୀ 'ଆଣ୍ଟା ଆନା' ବାୟୁ ହିଁ ନିଆଁର ବେଗକୁ ଅତ୍ୟଧିକ ମାତ୍ରାରେ ବଢ଼ାଇ ଦେଇଛି। କାଲିଫର୍ଣ୍ଣିଆ ଗଭର୍ନର ଗେଭିନ୍ ନ୍ୟୁସମ୍ ବୁଧବାର ସମଗ୍ର ଲସ୍ ଏଞ୍ଜେଲ୍‌ସରେ ଜରୁରି ପରିସ୍ଥିତି ଘୋଷଣା କରିଥିଲେ। ଗଭର୍ନର ନ୍ୟୁସମ୍‌ଙ୍କ ମୁତାବକ, ନିଆଁ ଲିଭାଇବା ପାଇଁ ୧୪୦୦ରୁ ଅଧିକ ନିଆଁଲିଭାଳି ମୁତୟନ ହୋଇଛନ୍ତି। ଓରେଗନ୍‌ରୁ ଅତିରିକ୍ତ ଅଗ୍ନିଶମ ବାହିନୀ କର୍ମଚାରୀ ଆସୁଛନ୍ତି। ୬୦ଟି ଇଞ୍ଜିନ୍ ଧରି ସେମାନେ ପହଞ୍ଚିବା ଆରମ୍ଭ କରିଛନ୍ତି। ଏହି ଜଙ୍ଗଲ ନିଆଁ ଯୋଗୁ ଏ ପର୍ଯ୍ୟନ୍ତ ୫୨ରୁ ୫୭ ବିଲିୟନ ଡଲାରର ଆର୍ଥିକ କ୍ଷତି ହେଲାଣି। ଏକାକୀ ପାଲିସେଡ୍‌ସରେ ଲାଗିଥିବା ନିଆଁ ୧୫ ହଜାର ୮୦୦ ଏକରକୁ ବ୍ୟାପିଲାଣି। ଆମେରିକାର ବିଶିଷ୍ଟ ଅରବପତି ଏଲନ୍ ମସ୍କ 'ଏକ୍ସ'ରେ ଜଙ୍ଗଲ ନିଆଁର କିଛି ଭିଡିଓ ସେୟାର କରିଛନ୍ତି। ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଡୋନାଲ୍ଡ ଟ୍ରମ୍ପ୍ ଏହି ନିଆଁ ପାଇଁ କାଲିଫର୍ଣ୍ଣିଆ ଗଭର୍ଣ୍ଣର ନ୍ୟୁସମ୍‌ଙ୍କୁ ଦାୟୀ କରିଛନ୍ତି।

ପ୍ରଦେଶର କୃଷିପ୍ରଧାନ ସେଣ୍ଟ୍ରାଲ ଭ୍ୟାଲିକୁ ଅଧିକ ଜଳ ପଠାଇବା ସଂକ୍ରାନ୍ତ ଏକ ଯୋଜନାକୁ ନ୍ୟୁସମ୍ ପ୍ରତ୍ୟାଖ୍ୟାନ କରିଦେବାରୁ ଏଭଳି ଘଟଣା ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏଭଳି ଅଗ୍ନି ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଇଟାଲୀ ଗସ୍ତ ବାତିଲ କରିଛନ୍ତି। ଲସ୍ ଏଞ୍ଜେଲ୍‌ସରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମଧ୍ୟ ଜଙ୍ଗଲ ନିଆଁର ଭିଡିଓ ସେୟାର କରିଛନ୍ତି। ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହୀଙ୍କୁ ବି ଘର ଖାଲି କରିବା ପାଇଁ କୁହାଯିବା ପରେ ସେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ସୋସିଆଲ ମିଡିଆରେ ସେ ଏହି ଜଙ୍ଗଲ ନିଆଁକୁ ଭୟାନକ ଦର୍ଶାଇଛନ୍ତି। ସେ ନିଆଁର ଏଭଳି ରୂପ ପୂର୍ବରୁ ଦେଖି ନ ଥିବା କହିଛନ୍ତି।

# ଶ୍ରୀଲଙ୍କାରେ ଅଷ୍ଟ୍ରେଲିଆର ନେତୃତ୍ୱ ନେବେ ଷ୍ଟିଭ୍ ସ୍ମିଥ୍

ନୂଆଦିଲ୍ଲୀ, ୧୦।୧: ଜାନୁଆରୀ ୨୯ରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ୨ଟିକିଆ ଟେଷ୍ଟ ସିରିଜ ପାଇଁ ୧୬ ଜଣିଆ ସ୍କ୍ୱାଡ ଘୋଷଣା କରିଛି ଅଷ୍ଟ୍ରେଲିଆ। ଷ୍ଟିଭ ସ୍ମିଥ ଟିମର ନେତୃତ୍ୱ ନେବେ। ନିୟମିତ ଅଧିନାୟକ ପାଟ କମିନ୍ସ ଆହତ ଓ ବ୍ୟକ୍ତିଗତ

## ଘୋଷଣା ହେଲା ସ୍କ୍ୱାଡ

କାରଣରୁ ଶ୍ରୀଲଙ୍କା ବିପକ୍ଷ ସିରିଜରୁ ଓହରି ଯାଇଛନ୍ତି। ତେଣୁ ଶ୍ରୀଲଙ୍କାରେ ସ୍ମିଥ କ୍ୟାପ୍ଟେନ ଓ ଟ୍ରାଭିସ ହେଡ ଉପ ଅଧିନାୟକ ଭାବେ କାର୍ଯ୍ୟ କରିବେ। ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିକୁ ଅଷ୍ଟ୍ରେଲିଆ ୩-୧ରେ ଜିତି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲରେ ପ୍ରବେଶ କରିସାରିଛି। ଦଳ ଲର୍ଡସରେ ଦକ୍ଷିଣ ଆଫ୍ରିକା ସହ ଫାଇନାଲ ଖେଳିବ। ଏପରି ସ୍ଥିତିରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟର ଗୁରୁତ୍ୱ ସେତେଟା ନାହିଁ। ତଥାପି ଅଷ୍ଟ୍ରେଲିଆ ଅଧିକ ସଂଖ୍ୟକ ସ୍ପିନରଙ୍କୁ ସ୍କ୍ୱାଡରେ ସାମିଲ କରିଛି।




ଦଳର ମିଚେଲ ଷ୍ଟାର୍କ, ସେନ ଆବୋଟ୍ ଓ ସ୍କଟ ବୋଲାଣ୍ଡଙ୍କ ଭଳି ଫ୍ରଣ୍ଟ ଲାଇନ ପେସର ରହିଛନ୍ତି। ଏମାନଙ୍କୁ ସାଥ ଦେବା ପାଇଁ ସ୍କ୍ୱାଡରେ ୱେବଷ୍ଟରଙ୍କୁ ରଖାଯାଇଛି। ୩୧ ବର୍ଷୀୟ ୱେବଷ୍ଟର ଭାରତ ବିପକ୍ଷରେ ଡେବ୍ୟୁ କରିଥିଲେ। ଅଷ୍ଟ୍ରେଲିଆ ଅଣ୍ଡର ୧୯ ବିଶ୍ୱକପର ପୂର୍ବତନ ଅଧିନାୟକ କୁପର କନୋଲିଙ୍କୁ ପ୍ରଥମଥର ପାଇଁ ଟେଷ୍ଟ ସ୍କ୍ୱାଡରେ ସାମିଲ କରାଯାଇଛି। ଭାରତ ବିପକ୍ଷ ଶେଷ ଦୁଇ ମ୍ୟାଚ୍‌ରୁ ବାଦ ପଡ଼ିଥିବା ଯୁବ ତାରକା ନାଥନ ମ୍ୟାକସ୍ୱିନୀ ଡକରା ମିଳିଛି। ସାମ କନଷ୍ଟାସ ମଧ୍ୟ ନିଜ ସ୍ଥାନ ବଜାୟ ରଖିଛନ୍ତି। ସ୍ପିନର ମ୍ୟାଟ କୁନେମାନ ଓ ଟଡ ମର୍ଫି ଶ୍ରୀଲଙ୍କା ଟୁରରେ ଆସିବେ। ଏମାନଙ୍କ ସହ ଅଭିଜ୍ଞ ନାଥନ ଲାୟନ ବି ରହିଛନ୍ତି। ତେବେ ଆହତ ସମସ୍ୟା ଦେଇ ଗତି କରୁଥିବା ଜୋଶ ହାଜେଲଉଡ ଓ ମିଚେଲ ମାର୍ଶଙ୍କୁ ଶ୍ରୀଲଙ୍କା ସିରିଜରେ ସାମିଲ କରାଯାଇନି।

**ଅଷ୍ଟ୍ରେଲିଆ ସ୍କ୍ୱାଡ:** ଷ୍ଟିଭ ସ୍ମିଥ(ଅଧିନାୟକ), ସେନ ଆବୋଟ୍, ଆଲେକ୍ସ କେରୀ, କୁପର କନୋଲି, ଟ୍ରାଭିସ ହେଡ, ଜୋଶ ଇଙ୍ଗଲିସ, ଉସମାନ ଖ୍ୱାଜା, ସାମ କନଷ୍ଟାସ, ମ୍ୟାଟ କୁନେମାନ, ମାର୍ନସ ଲାବୁଶେନ, ନାଥନ ଲାୟନ, ନାଥନ ମ୍ୟାକସ୍ୱିନୀ, ଟଡ ମର୍ଫି, ମିଚେଲ ଷ୍ଟାର୍କ ଓ ୱେବଷ୍ଟର।



# ହିନ୍ଦୀ ଆମର ରାଷ୍ଟ୍ରୀୟ ଭାଷା ନୁହେଁ: ଅଶ୍ୱିନ

ନୂଆଦିଲ୍ଲୀ, ୧୦।୧: ନିକଟରେ ସମସ୍ତଙ୍କୁ ଚକିତ କରି ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେ କାହିଁକି ହଠାତ ଏପରି ପଦକ୍ଷେପ ନେଲେ, ତା'ର କାରଣ ଖୋଜା ଚାଲିଛି। କିନ୍ତୁ ଏସବୁ ଭିତରେ ଅଶ୍ୱିନ ଦେଇଥିବା ବୟାନ ନୂଆ ବତର୍କ ସୃଷ୍ଟି କରିଛି। ସେ ଗୋଟିଏ କାର୍ଯ୍ୟକ୍ରମରେ କହିଛନ୍ତି ଯେ "ହିନ୍ଦୀ ଆମର ରାଷ୍ଟ୍ରୀୟ ଭାଷା ନୁହେଁ। କିନ୍ତୁ ଏହା ଏକ ଅଫିସିଆଲ ଭାଷା।"

ତାମିଲନାଡୁର ଗୋଟିଏ ଘରୋଇ ଇଞ୍ଜିନିୟରିଂ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶ୍ୱିନ ଯୋଗ ଦେଇଥିଲେ। ଏହି ସମୟରେ ସେ ହିନ୍ଦୀ ଭାଷାକୁ ନେଇ ନିଜର ମତ ରଖିଛନ୍ତି। ସେ କହିଛନ୍ତି, "ଇଂରାଜୀ ଶିକ୍ଷାର୍ଥୀମାନେ ଏଠାରେ ରହିଛନ୍ତି। ଏହାକୁ ମୋତେ ନିଶ୍ଚିତ କରନ୍ତୁ।" ସେ ବଡ଼ ଚିୟର କରିବାକୁ କହିଥିଲେ। ତାମିଲ କଥା କହିବାକୁ ପିଲାମାନେ ପୁଣି ନାରା ଦେଇଥିଲେ। ଅଶ୍ୱିନ ହିନ୍ଦୀ କଥା ପଚାରିବାକୁ ପୂରା ପରିବେଶ ଶାନ୍ତ ପଡ଼ି ଯାଇଥିଲା। ଏହାପରେ ଅଶ୍ୱିନ କହିଥିଲେ, "ମୁଁ ଭାବୁଛି ମୋର ଏକଥା କହିବା ଠିକ ହେବ। ହିନ୍ଦୀ ଆମର ରାଷ୍ଟ୍ରୀୟ ଭାଷା ନୁହେଁ। ଏହା ଏକ ଅଫିସିଆଲ ଭାଷା।" ସମାନ କାର୍ଯ୍ୟକ୍ରମରେ ଅଶ୍ୱିନଙ୍କୁ ଟିମ ଇଣ୍ଡିଆର ଅଧିନାୟକ ପଦକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହାର ଜବାବରେ ସେ ସିଧାସଳଖ କୌଣସି ଉତ୍ତର ଦେଇନାହାନ୍ତି।

# ସନ୍ୟାସ ଘୋଷଣା କଲେ ଭାରତୀୟ କ୍ରିକେଟର ବରୁଣ ଆରୋନ

ନୂଆଦିଲ୍ଲୀ, ୧୦।୧: ଟିମ ଇଣ୍ଡିଆର ଖେଳାଳି ବରୁଣ ଆରୋନ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ମାତ୍ର ୩୫ ବର୍ଷ ବୟସରେ ଅବସର ନେଇଛନ୍ତି। ବରୁଣ ଭାରତ ପାଇଁ 9ଟି ଦିନିକିଆ ଏବଂ 9ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ସେ ତାଙ୍କର ଘାତକ ବୋଲିଂ ପାଇଁ ପ୍ରସିଦ୍ଧ। ଇଣ୍ଡିଆନ ପ୍ରିମିୟର ଲିଗରେ ମଧ୍ୟ ବରୁଣଙ୍କର ଏକ ଭଲ ରେକର୍ଡ ଅଛି। ସେ ଘରୋଇ କ୍ରିକେଟରେ ଝାଡ଼ଖଣ୍ଡ ପାଇଁ ଖେଳନ୍ତି। ବରୁଣ ଚଳିତ ବର୍ଷ ଜାନୁଆରୀ ୫ ତାରିଖରେ ଝାଡ଼ଖଣ୍ଡ ପାଇଁ ଗୋଆ ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ବରୁଣ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଶୁକ୍ରବାର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏହା ମାଧ୍ୟମରେ ତାଙ୍କର ଅବସର ଘୋଷଣା କରିଥିଲେ। ବରୁଣ ଲେଖିଛନ୍ତି, "ମୁଁ ଗତ ୨୦ ବର୍ଷ ଧରି ଦ୍ରୁତ ବୋଲିଂରେ ବଞ୍ଚିଛି। ଆଜି ମୁଁ ଆନୁଷ୍ଠାନିକ ଭାବରେ କ୍ରିକେଟରୁ ମୋର ଅବସର ଘୋଷଣା କରୁଛି। ମୋ ପାଇଁ, ଏହି ଯାତ୍ରା ଈଶ୍ୱର, ପରିବାର, ବନ୍ଧୁ, ସାଥୀ ଖେଳାଳି, ପ୍ରଶିକ୍ଷକ, ସହାୟକ କର୍ମଚାରୀ ଏବଂ ପ୍ରଶଂସକଙ୍କ ବିନା ସମ୍ଭବ ହୋଇନଥାନ୍ତା। ମୁଁ ବିସିସିଆଇ ଏବଂ ଜେଏସସିଏକୁ ଧନ୍ୟବାଦ ଜଣାଉଛି।





## ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ

# ଜ୍ୟୋସ୍ନାଙ୍କୁ ସ୍ୱର୍ଣ୍ଣ, ତୁଳସୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୦।୧: ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଖେଲୋ ଇଣ୍ଡିଆ ଜାତୀୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୨ ପଦକ ମିଳିଛି। ଜ୍ୟୋସ୍ନା ଶବର ସ୍ୱର୍ଣ୍ଣ ଜିତିଥିଲା ବେଳେ ତୁଳସୀ ଶବର ରୌପ୍ୟ ପାଇଛନ୍ତି। ଜ୍ୟୋସ୍ନା ୪୦ କେଜି ଯୁବ ବର୍ଗରେ ମୋଟ ୧୧୮ କେଜି (ସ୍ନାଚ୍-୫୫ ଓ କ୍ଲିନ୍ ଆଣ୍ଡ୍ ଜର୍କ-୬୩) ଭାର ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୪୫ କେଜି ଯୁବ ବର୍ଗରେ ତୁଳସୀ ଶବର (୧୨୦ କେଜି) ଦ୍ୱିତୀୟ ସ୍ଥାନରେ ରହିଥିଲେ। ତୁଳସୀ ସ୍ନାଚ୍‌ରେ ୫୫ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୬୫ କିଲୋଗ୍ରାମ) ଉତ୍ତୋଳନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ଭାରୋତ୍ତୋଳନ ମହାସଂଘର ସଭାପତି ସହଦେବ ଯାଦବ, ମହାସଚିବ ଏସ୍‌ଏଚ୍ ଆନନ୍ଦେ ଗୌଡ଼, ଉତ୍ତରପ୍ରଦେଶ ଭାରୋତ୍ତୋଳନ ସଂଘ ସଭାପତି ସବିନା ଯାଦବ, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ, ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସଂପାଦକ କେ. ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୬ଟି ରାଜ୍ୟର ବହୁ ସୁନାମଧନ୍ୟ ଖେଳାଳିଙ୍କ ସହ ଅନ୍ତଃରାଷ୍ଟ୍ରୀୟ ଖେଳାଳି ଅଂଶ ଗ୍ରହଣ କରିଛନ୍ତି।

# ଭାରତରେ ହୋଇପାରେ ୨୦୩୬ ଅଲିମ୍ପିକ୍ସ

## ଅହମ୍ମଦାବାଦ ଆୟୋଜକ ସହର, ଭୁବନେଶ୍ୱରରେ ହକି

ଭୁବନେଶ୍ୱର,୧୦।୧: ୨୦୩୬ ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଭାରତ ଆଗ୍ରହ ପ୍ରକାଶ କରିଛି। ଏନେଇ ପ୍ରାଥମିକ ପର୍ଯ୍ୟାୟରେ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ଗତ ଅକ୍ଟୋବର ମାସରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ର ଫ୍ୟୁଚର ହୋଷ୍ଟ୍ କମିଶନ ନିକଟରେ କ୍ରୀଡ଼ା ଆୟୋଜନ ନେଇ ଇଚ୍ଛା ପତ୍ର ଦାଖଲ କରିଥିଲା। ଏବେ ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ଜଣା ପଡ଼ିଛି ଯେ, ଯଦି ଭାରତ ଅଲିମ୍ପିକ୍ସ ଆୟୋଜନ ଅଧିକାର ପାଏ ତେବେ ଅହମ୍ମଦାବାଦ ହେବ ଆୟୋଜକ ସହର। ଦେଶର ବିଭିନ୍ନ ସହରରେ ଭିନ୍ନ ଭିନ୍ନ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରାଯିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହକି, ମୁମ୍ବାଇରେ କ୍ରିକେଟ୍, ଭୋପାଳରେ ରୋଇଂ ଏବଂ ପୁନେରେ କାନୋଇଂ ଓ କାୟାକିଂ ପ୍ରଭୃତି କ୍ରୀଡ଼ା ଆୟୋଜିତ ହେବ। କ୍ରୀଡ଼ା ଆୟୋଜନ ବିଡ୍‌ରେ ଏହି ଯୋଜନା ରହିଛି ବୋଲି ଅନୁମାନ କରାଯାଉଛି। କିନ୍ତୁ ଏ ସଂପର୍କରେ କିଛି ସ୍ପଷ୍ଟ ସୂଚନା ଆଇଓଏ କିମ୍ବା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରୁ ମିଳି ନାହିଁ। ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଅହମ୍ମଦାବାଦରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଚାଲିଛି। ଇତିମଧ୍ୟରେ ନାରାନପୁରା ସ୍ପୋର୍ଟ୍ସ କମ୍ପ୍ଲେକ୍ସର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ୨୦.୩୯ ଏକର ଜମିରେ ନିର୍ମିତ ଏହି କ୍ରୀଡ଼ା କମ୍ପ୍ଲେକ୍ସରେ ୬୩୧.୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଠାରେ ଇନ୍‌ଡୋର ସନ୍ତରଣ ପୁଲ ସହ ବାସ୍କେଟବଲ, ଭଲିବଲ, ବ୍ୟାଡମିଣ୍ଟନ, ଜିମ୍ନାଷ୍ଟିକ, କବାଡ଼ି, କୁସ୍ତି, ତାଏକୋଣ୍ଡୋ ଓ ଟେବୁଲ



ଟେନିସ କ୍ରୀଡ଼ା ପାଇଁ ସୁବିଧା ରହିଛି। ଆସନ୍ତା ମାର୍ଚ୍ଚ ମାସରେ ଏହି କ୍ରୀଡ଼ା କମ୍ପ୍ଲେକ୍ସର ଶୁଭ ଉଦ୍‌ଘାଟନ ହେବ। ମୋଟ୍ ୬୦୦୦ କୋଟିର କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରିବାକୁ ଗୁଜରାଟ ସରକାର ଲକ୍ଷ୍ୟ ରଖିଛନ୍ତି। ଯୋଜନା ଅନୁଶାରେ ସମସ୍ତ ଭିତ୍ତିଭୂମିର କାର୍ଯ୍ୟ ୨୦୨୮ ସୁଦ୍ଧା ଶେଷ ହେବ।

୧୮୯୬ ମସିହାରୁ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜିତ ହୋଇ ଆସୁଥିଲେ ବି ଭାରତ ଏ ପର୍ଯ୍ୟନ୍ତ ଥରୁଟିଏ ବି କ୍ରୀଡ଼ା ଆୟୋଜନରେ ସମର୍ଥ ହୋଇପାରି ନାହିଁ। ଯଦିଓ ପଡୋଶୀ ଚୀନ ୨୦୦୮ରେ କ୍ରୀଡ଼ା ଆୟୋଜନ କରି ସାରିଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦିଗରେ ଗୁରୁତ୍ୱ ଦେବା ପରେ ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ) କାର୍ଯ୍ୟ ଆରମ୍ଭ କରିଥିଲା।

୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ କରିବା ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଭିଜନ' ରହିଛି। ପ୍ୟାରିସ ଅଲିମ୍ପିକ୍ସରେ ପଦକ ବିଜେତା ଏବଂ ପୂର୍ବତନ ଅଲିମ୍ପିଆନଙ୍କୁ ଡକାଇ ଗତ ସ୍ୱାଧୀନତା ଦିବସରେ କ୍ରୀଡ଼ା ଆୟୋଜନ ସଂପର୍କରେ ସେମାନଙ୍କର ମତାମତ ଓ ସହାୟତା ଲୋଡ଼ିଥିଲେ ପ୍ରଧାନମନ୍ତ୍ରୀ। ସେ କହିଥିଲେ, 'ଅଲିମ୍ପିକ୍ସ ଆୟୋଜନ ଦ୍ୱାରା ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସାମାଜିକ ପ୍ରଗତି ଘଟିପାରିବ।' ଭାରତ ଯଦି ଅଲିମ୍ପିକ୍ସ ଆୟୋଜନ ଅଧିକାର ପାଏ, ତେବେ ଯୋଗ, ଖୋ ଖୋ, କବାଡ଼ି, ଚେସ୍, ଟିଟ୍ୱେଣ୍ଟି କ୍ରିକେଟ୍ ଏବଂ ସ୍କ୍ୱାଶ ପ୍ରଭୃତି କ୍ରୀଡ଼ା ସାମିଲ ରହିବ। ଏଥିରେ ଭାରତ ସ୍ୱର୍ଣ୍ଣ ଜିତି ପାରିବ।

ଭୁବନେଶ୍ୱରରେ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫି ହକି, ୨୦୧୮ ଓ ୨୦୨୩ ପୁରୁଷ ହକି ବିଶ୍ୱକପ୍ ଏବଂ ୨୦୨୧ ଜୁନିୟର ପୁରୁଷ ହକି ବିଶ୍ୱକପ୍ ବେଶ ସଫଳତାର ସହ ଆୟୋଜିତ ହୋଇଛି। ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଭୁବନେଶ୍ୱର ହକି ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସେମିତି ରାଉରକେଲାରେ ନିର୍ମାଣ ହୋଇଛି ବିଶ୍ୱର ବୃହତ୍ ହକି ଷ୍ଟାଡିୟମ। ୨୦୨୮ ବିଶ୍ୱ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପ, ୨୦୨୮ ଏସିଆନ ସନ୍ତରଣ ଚାମ୍ପିଅନସିପ୍, ୨୦୩୦ ଯୁବ ଅଲିମ୍ପିକ୍ସ ଏବଂ ବିଶ୍ୱ ମିଲିଟାରୀ ଓ ପୁଲିସ କ୍ରୀଡ଼ା ପାଇଁ ଭାରତ ବିଡ୍ ଦାଖଲ କରିସାରିଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ନେଇ ଭାରତୀୟ ଅଧିକାରୀମାନେ ଆଇଓସି ସହ ନିୟମିତ ଯୋଗାଯୋଗରେ ରହିଛନ୍ତି। ଭାରତ ସମେତ ମୋଟ୍ ୧୦ଟି ଦେଶ ଅଲିମ୍ପିକ୍ସର ଏହି ସଂସ୍କରଣ ଆୟୋଜନ ନେଇ ଆଗ୍ରହୀ ଅଛନ୍ତି। ୨୦୨୬ ପୂର୍ବରୁ ୨୦୩୬ ଅଲିମ୍ପିକ୍ସର ଆୟୋଜକ ସହର ନାମ ଘୋଷଣା ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆପଣମାନେ ବିକଶିତ...

ଯେଉଁଠାରେ ଭିନ୍ନଭିନ୍ନ ବିଚାର ସମ୍ମିଳିତ ହେବା ସହ ସହଯୋଗ ସୃଷ୍ଟି ହୋଇଥାଏ। ଏହା ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ବନ୍ଧନ ସୁଦୃଢ଼ କରିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ସେ କହିଛନ୍ତି ଯେ ୨୦୪୭ ସୁଦ୍ଧା ଆମ ଦେଶ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି। ଏହା ଏକ ଜାତୀୟ ଅଭିଯାନ ଯେଉଁଥିରେ ବିଦେଶରେ ରହୁଥିବା ବ୍ୟକ୍ତିଙ୍କ ସମେତ ପ୍ରତ୍ୟେକ ଭାରତୀୟଙ୍କ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ଆବଶ୍ୟକ।

ପ୍ରବାସୀ ଭାରତୀୟଙ୍କ ବିଶ୍ୱବ୍ୟାପୀ ଉପସ୍ଥିତି ସେମାନଙ୍କୁ ଏକ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନ କରିବା ସହ ସେମାନଙ୍କର ସଫଳତା ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ସାକାର କରିବାରେ ସହାୟକ ହୋଇଥାଏ।ଭାରତର କାଳଜୟୀ ଦର୍ଶନ "ବସୁଧୈବ କୁଟୁମ୍ବକମ୍" ବିଷୟରେ ଉଲ୍ଲେଖ କରି ରାଷ୍ଟ୍ରପତି କହିଛନ୍ତି ଯେ ଏହି ପରିକଳ୍ପନା ଏପରି ଏକ ପରିବେଶ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ, ଯାହା କେବଳ ଆମର ଆବଶ୍ୟକତା ପୂରଣ କରିବ ନାହିଁ, ବରଂ ବିଶ୍ୱର କଲ୍ୟାଣ ଦିଗରେ ମଧ୍ୟ ସହାୟକ ହେବ। ଆମେ ଏପରି ଏକ ରାଷ୍ଟ୍ର ହେବାକୁ ଚାହୁଁଛୁ ଯାହା ସାମାଜିକ ନ୍ୟାୟ ଓ ପରିବେଶ ପରିଚାଳନା ସହ ଆର୍ଥିକ ପ୍ରଗତିକୁ ସନ୍ତୁଳିତ କରିବ ତଥା ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବ। ମିଳିତ ଭାବେ ଆମେ ଏକ ବିକଶିତ ଭାରତ ନିର୍ମାଣ କରିବା ଯାହା ବିଶ୍ୱ ମଞ୍ଚରେ ଶୀର୍ଷରେ ରହିବା ସହ ବିଶ୍ୱ ପାଇଁ ଆଶାର ଆଲୋକବର୍ତ୍ତିକା ହେବ ବୋଲି ରାଷ୍ଟ୍ରପତି ଆଶା କରିଛନ୍ତି।

### ୩ ବିଜେଡି...

ବୁଲୁଥିଲେ ହଂସିତା । ଏଭଳି ୭ଟି ଗାଡ଼ିର ମାଲିକାନା ସହ ତଦନ୍ତ ନସରିବା ପର୍ଯ୍ୟନ୍ତ କିଣାବିକା ଉପରେ ରୋକ ଲଗାଇବା ପାଇଁ ସମସ୍ତ ଆରଟିଓଙ୍କୁ ଚିଠି ଲେଖିଛି ଆୟକର ବିଭାଗ । ୫ଟି ଗାଡ଼ି ମୁଖ୍ୟ ଅଭିଯୁକ୍ତ ଅନୀଲ ମହାନ୍ତି, ସରୋଜ ସାହୁ ଓ ତାଙ୍କ ସଂସ୍ଥାଙ୍କ ନାମରେ ଥିବାବେଳେ ଅନ୍ୟ ଦୁଇଟି ଗାଡ଼ି ଭିନ୍ନ ଲୋକଙ୍କ ନାଁରେ ରହିଛି । ଏମାନେ ତାଙ୍କର ପାର୍ଟନର କୁହାଯାଉଥିବାବେଳେ, ଏପର୍ଯ୍ୟନ୍ତ ନା ଇନକମ ଟାକ୍ସ ନା ପୋଲିସ ତାଙ୍କ ପାଖରେ ପହଞ୍ଚିପାରିଛି। ସେପଟେ ଜେଡ ୱାନ ଆପାର୍ଟମେଣ୍ଟ ତଳେ ପାର୍କ ହୋଇଥିବା ଏକ କଳା ରଙ୍ଗର ମର୍ସିଡିଜ କାରକୁ ସିଜ କରିଛି ସ୍ପେଶାଲ କ୍ରାଇମ ୟୁନିଟ । ଆୟକର ବିଭାଗ ଜେରାବେଳେ ଦୁହିଁଙ୍କ ବ୍ୟବସାୟ ନେଇ ତଥ୍ୟ ଦେଇଛନ୍ତି ହଂସୀତାଙ୍କ ସ୍ୱାମୀ ସରୋଜ ସାହୁ। ନିଜ ପାଠପଢ଼ା ଠାରୁ ବ୍ୟବସାୟ ପର୍ଯ୍ୟନ୍ତ କେମିତି ଥିଲା ଯାତ୍ରା ସେକଥା କହିଛନ୍ତି ସରୋଜ। ୨୦୦୧ ମସିହାରେ ଇଞ୍ଜିନିୟରିଂ ପାଠପଢ଼ା ଶେଷ କରିବା ପରେ ୨୦୦୨ ମସିହାରେ କୋଲକାତାର ଏକ କମ୍ପାନୀରେ କାମ କରୁଥିଲେ ସରୋଜ । ପରେ ୨୦୦୩ ମସିହାରେ ବ୍ରହ୍ମପୁରର ବ୍ରହ୍ମପୁରର ଏସଏମଆଇଟି ଇଞ୍ଜିନିୟରିଂ କଲେଜରେ ପାଠ ପଢ଼ାଉଥିଲେ । ପରେ ୨୦୦୫ରୁ ୨୦୧୭ ପର୍ଯ୍ୟନ୍ତ ଭୁବନେଶ୍ୱର ଫର୍ଚ୍ୟୁନ୍ ଟାୱାରରେ ଥିବା ରିଲାଏନ୍ସ କମ୍ପାନୀରେ କାମ କରୁଥିଲେ ସରୋଜ । ଏହାପରେ ୨୦୨୧ ପର୍ଯ୍ୟନ୍ତ ବେକାର ରହିଥିଲେ । ୨୦୨୨ରୁ ସାଇଆନ୍ସ ଟ୍ରେଡର୍ସ ନାମରେ ନିଜସ୍ୱ କମ୍ପାନୀ ଆରମ୍ଭ କରି କଣ୍ଟ୍ରାକ୍ଟରମାନଙ୍କୁ ଶ୍ରମିକ ଯୋଗାଉଥିଲେ । ଏଥିପାଇଁ ତାଙ୍କୁ କମିଶନ୍ ମିଳୁଥିଲା। ଏହାପରେ ସାଇଆନ୍ସ ଟ୍ରେଡର୍ସ ବୁଝାସୁଝା କରିଥିଲେ ପତ୍ନୀ ହଂସିତା । ଏଭଳି ଅନେକ ତଥ୍ୟ ପାଇଁ ପୁଣିଥରେ ରିମାଣ୍ଡ ଆବେଦନ କରିଯିବ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଡିସିପି ।

### ପ୍ରବାସୀ ଓଡ଼ିଶା...

ସେମାନଙ୍କ ପ୍ରସଙ୍ଗ ମଧ୍ୟରେ ସମନ୍ୱୟ ରଖିବା ସକାଶେ ରାଜ୍ୟର ଜଣେ ମନ୍ତ୍ରୀ ସ୍ୱତନ୍ତ୍ର ଦାୟିତ୍ୱରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ମଧ୍ୟ ପ୍ରଣୟନ କରାଯିବ ବୋଲି କହିଛନ୍ତି। ଏଥିସହ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏହାର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆଗାମୀ ଦିନରେ କୁଏତ ଓ କାତାରକୁ ବିମାନ ଚଳାଚଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଆମେରିକାରୁ ଲୀନା ମିଶ୍ର, ଅଜୟ କେ.ମହାନ୍ତି, ଜାପାନରୁ କାଳୀପଦ ତ୍ରିପାଠୀ, ଯୁକ୍ତରାଜ୍ୟରୁ ସୁସ୍ମିତା ରାଜହଂସ, ବିଶ୍ୱଜିତ୍ ପ୍ରଧାନ, ସୁକାନ୍ତ ସାହୁ, ଦୁବାଇରୁ ଅନୀଲ ଦାସ ଓ ଶୀତଲ ଯୋଶୀ, ଅଷ୍ଟ୍ରେଲିଆରୁ ପ୍ରଭାତୀ ପାଣିଗ୍ରାହୀ ଓ ଅମିତାଭ ମହାପାତ୍ର, ଥାଇଲାଣ୍ଡରୁ ଡ. ବ୍ରହ୍ମଦତ୍ତ , ମାଲେସିଆରୁ ସ୍ନିଗ୍ଧା ମିଶ୍ର ସଫଳ ଆୟୋଜନ ପାଇଁ ସରକାରଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କ ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିଥିଲେ।

ଏହି ଆଲୋଚନାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ କରିଥିବା ବେଳେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ

### ରାଜଧାନୀରେ ...

ଦାବି କରିଛି । ଏହାକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା ବି ବାହାରିଛି । ହତ୍ୟାକାଣ୍ଡ ଘଟଣାରୁ ବିଜେଡି ରାଜନୀତିର ରୁଟି ସେକୁଥିବାବେଳେ ସରକାର କିମ୍ବା ସରକାରୀ ଦଳ ଯେଭଳି ଭାବେ ଏହାକୁ ମୁକାବିଲା କରିବାକଥା ତାହା କରୁନାହାନ୍ତି। ଫଳରେ ସଫେଇ କର୍ମଚାରୀ ଏକଜୁଟ ହୋଇ ଏବେ ସରକାରଙ୍କୁ ନାଲିଆଖି ଦେଖାଇବାରେ ଲାଗିଛନ୍ତି । ତେବେ ଠିକା କାମ ନେଇଥିବା ଦକ୍ଷିଣୀ ସଂସ୍ଥା କାହା ଇଙ୍ଗିତରେ ପାଟି ଖୋଲୁନାହିଁ ଓ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରୁନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ବି ଏହିସଂସ୍ଥା ଦକ୍ଷିଣୀ ନେତାଙ୍କ ଇଙ୍ଗିତରେ କାମ କରୁଛି ଏବଂ ସରକାର ଏହା ଉପରେ ପଦକ୍ଷେପ ନହେଲେ ଆଗକୁ ସ୍ଥିତି ଆହୁରି ବିଗିଡିବ ବୋଲି କୁହାଯାଉଛି ।

### ୨୦୩୬ରେ...

'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନରେ ନିଜର ଯୋଗଛନ୍ତି। ଓଡ଼ିଆ ଆବେଗକୁ ଏକ ଢାଞ୍ଚାରେ ପରିବର୍ତ୍ତନ କରିବାରେ ପ୍ରବାସୀଙ୍କ ଯୋଗଦାନ ରହିବ।

ଓଡ଼ିଶାରେ କାଶ୍ମୀରରୁ କନ୍ୟାକୁମାରୀ ଭଳି ସମସ୍ତ ଜିନିଷ ଉପଲବ୍ଧି ହେଉଛି । ରାଜ୍ୟ ସୁଦୀର୍ଘ ବେଳାଭୂମି ସହ ଖଣିଜ ସମ୍ପଦ, ଜଙ୍ଗଲ, ଉର୍ବର ଜମି ଏବଂ କଳା ଓ ସଂସ୍କୃତିର ବୈଭବରେ ପରିପୂର୍ଣ୍ଣ ହୋଇଥିବା ବେଳେ ବୌଦ୍ଧିକ ମାନବ ସମ୍ବଳ ଓଡ଼ିଶାର ବଡ଼ ସମ୍ପତ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ପ୍ରବାସୀ ଓଡ଼ିଆ। ଅନେକ ପ୍ରବାସୀ ଓଡ଼ିଆ ଭାଷାରେ ପାଠ ପଢ଼ି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ପ୍ରବାସୀ ଓଡ଼ିଆମାନେ ଓଡ଼ିଆ ଜାତି, ସଭ୍ୟତା, ସଂସ୍କୃତି, ସଂଭ୍ରମତାର ଜୀବନ୍ତ ପ୍ରତୀକ ବୋଲି ଧର୍ମେନ୍ଦ୍ର କହିଛନ୍ତି। ୨୦୩୬ରେ ରାଜ୍ୟ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବାକୁ ଯାଉଥିବାରୁ ଓଡ଼ିଶାର ବୈଶ୍ୱିକ ପରିଚୟକୁ ଆଗକୁ ବଢ଼ାଇବାର ଦାୟିତ୍ୱ ନେବା ସହ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କରିବା ପାଇଁ ଆମକୁ ସଂକଳ୍ପ ନେବାକୁ ହେବ। ବର୍ତ୍ତମାନର ପରିବର୍ତ୍ତିତ ଯୁଗରେ ଓଡ଼ିଶାର କୃଷି ଉତ୍ପାଦିତ ଓ ଅନ୍ୟାନ୍ୟ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ହେବ। କନ୍ଧମାଳର ହଳଦୀ, କୋରାପୁଟର ଆମ୍ବ, ହୀରାକୁଦର ମାଛକୁ ଦୁବାଇ, ସିଙ୍ଗାପୁର ଓ ଲଣ୍ଡନରେ ପହଞ୍ଚାଇବାକୁ ହେବ । ଚାକିରି ଅନ୍ୱେଷୀ ନ ହୋଇ ଚାକିରିଦାତା ହେବାକୁ ପଡିବ। ଏକବିଂଶ ଶତାବ୍ଦୀରେ ଆମେ ନିଜ ସହ ଅନ୍ୟମାନଙ୍କୁ ସ୍ୱାଭିମାନୀ, ସ୍ୱାବଲମ୍ବୀ ଓ ଆତ୍ମବିଶ୍ୱାସୀ ହେବାର ସଂକଳ୍ପ କରାଇଲେ ହିଁ ଓଡ଼ିଶାର ମାନ ବିଶ୍ୱ ଦରବାରରେ ବଢ଼ିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

### ଉତ୍କର୍ଷ ଓଡ଼ିଶା...

କରି ସଫଳ ହୋଇଛୁ। ଏହି ଆୟୋଜନ ଓଡ଼ିଶା ପ୍ରତି ଆଗକୁ ବହୁ ଲାଭଦାୟକ ହେବ। ବିଶେଷ କରି ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ବଡ଼ ପ୍ରେରଣା ହେବ। ହଜାର ହଜାର ସଂଖ୍ୟାରେ ପ୍ରବାସୀ ଆସିଲେ। ଏଥିରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ନିଜେ ଆସି ଅନୁଭବ କଲେ। ଏହି ବାର୍ତ୍ତା ଯେତେବେଳେ ବାହାରକୁ ଯିବ ସେତେବେଳେ ଆହୁରି ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ। ଦ୍ୱିତୀୟରେ ଆମେ ଏକ ନିବେଶକ ସମ୍ମିଳନୀ କରିଥିଲୁ। ସେମାନେ ଜାଣିବାକୁ ପାଇଲେ ଓଡ଼ିଶାରେ ଯେପରି ପ୍ରାକୃତିକ ସମ୍ପଦ ରହିଛି, ଭିତ୍ତିଭୂମି ରହିଛି ପୋର୍ଟ ଲ୍ୟାଣ୍ଡ ବୃଦ୍ଧିରେ ଯେଉଁ ପ୍ରକାରର ସମ୍ଭାବନା ରହିଛି ସେ ବିଷୟରେ ନିଶ୍ଚିତ ଭାବେ ବିଦେଶୀ ପୁଞ୍ଜି ନିବେଶରେ ପ୍ରବାସୀ ଭାରତୀୟ ସମ୍ମିଳନୀ ସହାୟତା କରିବ।

### ପ୍ରବାସୀଙ୍କ ଜମି ...

ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ସେହିପରି ଓଡ଼ିଶାରୁ ଯାଇ ବିଦେଶରେ କାମ କରୁଥିବା ବ୍ଲୁ କଲାର ୱାର୍କରଙ୍କ ବାବଦରେ ତଥ୍ୟ ମଧ୍ୟ ସଂଗ୍ରହ କରାଯିବ ବୋଲି ସେ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ...

କହିଛନ୍ତି ଯେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ବ୍ୟାପକ ମାତ୍ରାରେ ପ୍ରବାସୀ ଯୋଗ ଦେଇଥିବାରୁ ସେମାନଙ୍କ ମାଧ୍ୟମରେ ସମଗ୍ର ବିଶ୍ୱବାସୀ ଓଡ଼ିଶା ସମ୍ପର୍କରେ ଜାଣିବାକୁ ପାଇଲେ। ଏହି ପ୍ରବାସୀମାନେ ଆଗାମୀ ଦିନରେ ରାଜ୍ୟର କଳା, ସଂସ୍କୃତି, ପର୍ଯ୍ୟଟନର ପ୍ରଚାର ଦିଗରେ ମଧ୍ୟ ସହଯୋଗ କରିବେ ବୋଲି ଶ୍ରୀ ମାଝୀ ଆଶା କରିଛନ୍ତି।

# ବୀର ସଂଗ୍ରାମୀଙ୍କ ତ୍ୟାଗ ଢେଙ୍କାନାଳକୁ ଦେଇଛି ସ୍ୱତନ୍ତ୍ର ପରିଚୟ: ଧର୍ମେନ୍ଦ୍ର



ଢେଙ୍କାନାଳ,୧୦।୧(ସଂଚାର ବ୍ୟୁରୋ): ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳ ଅନେକ ବୀର ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ କାରଣରୁ ଆଜି ସ୍ୱତନ୍ତ୍ର ପରିଚୟ ପାଇଛି । ଏହି ପରିଚୟକୁ ଆହୁରି ବ୍ୟାପକ କରିବା ପାଇଁ ଢେଙ୍କାନାଳ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଖେଳ ଏବଂ ଶିଳ୍ପାୟନର ବିକାଶ କରିବା ପାଇଁ ଯୋଜନା କରିବାକୁ ଜିଲ୍ଲା ପ୍ରଶାସନକୁ ଦାୟିତ୍ୱ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶୁକ୍ରବାର ବଜରଙ୍ଗ ୟୋଥ୍ କ୍ଲବ ପକ୍ଷରୁ ଢେଙ୍କାନାଳ ମିନି ଷ୍ଟାଡିୟମରେ ଆୟୋଜିତ ଢେଙ୍କାନାଳ ଉତ୍ସବ - 'ଆଗ୍ନେୟ- ୨୦୨୫'ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳରେ ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, 'ଗଡଜାତ ଗାନ୍ଧୀ' ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ, ଶହୀଦ ବାଜି ରାଉତ ଓ ମୂଷା ମଲିକଙ୍କ ତ୍ୟାଗ ଓ ବଳିଦାନର ମାଟି । ସ୍ୱର୍ଗତଃ ନନ୍ଦିନୀ ଶତପଥୀ ଦେଶ ପାଇଁ ଗୌରବ ଆଣିଛନ୍ତି। କାମାକ୍ଷା ପ୍ରସାଦ ସିଂହଦେଓ ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ। ଲୋକମାନଙ୍କ ପରିଶ୍ରମ, ଅବଦାନ ଓ ଦାୟିତ୍ୱ କାରଣରୁ ଢେଙ୍କାନାଳ ଜିଲ୍ଲା କ୍ରମାଗତ ଭାବରେ ସମ୍ପନ୍ନ ହେଉଛି । ଢେଙ୍କାନାଳ ମିନି ଷ୍ଟାଡିୟମ ଜିଲ୍ଲାରେ ଖେଳର ଏକ୍ସୁଡିଶାଳ ହୋଇଛି । ଢେଙ୍କାନାଳରେ ଖେଳର ବାତାବରଣ ତିଆରି କରାଯିବା ସହ ଶିଳ୍ପାୟନର ବିକାଶ ହେଉ । ମିଳିମିଶି ଢେଙ୍କାନାଳକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଲୋକମାନଙ୍କ ସେବା କରି ଜିଲ୍ଲାରେ ଆର୍ଥିକ ସମ୍ପନ୍ନତା ଆଣିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ ଅଛି। ସମସ୍ତେ ଭେଦଭାବ ଭୁଲି ଲକ୍ଷ୍ମୀ ପୂଜା, ଶିବ ରାତ୍ରୀ ଭଳି ଏକାଠି ହୋଇ କାମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ୨୦୩୬ରେ ଓଡ଼ିଶା ଭାଷା ଆଧାରିତ ରାଜ୍ୟ ଭାବେ ଶତବାର୍ଷିକୀ ପାଳନ କରିବ । ୨୦୪୭ ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ଏଥିପାଇଁ ଆମେ ପରିଶ୍ରମ କରି ଓଡ଼ିଶାକୁ ବିକଶିତ କରିବାକୁ ହେବ । ବିକଶିତ ଓଡ଼ିଶା ହେଲେ ଭାରତ ବିକଶିତ ହେବ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି ।

## କର୍କଟ ଚିକିତ୍ସା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ

# କିମ୍‌ସରେ ପ୍ରଥମ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** କିମ୍‌ସରେ ପ୍ରଥର ଥର ଲାଗି ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ (ବିଏମଟି) କରି ଓଡ଼ିଶାର ଉନ୍ନତ କର୍କଟ ଚିକିତ୍ସାରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୟାଗଡ଼ ଜିଲ୍ଲାରୁ କିମସରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କଠାରେ ସଫଳତାର ସହ ଅସ୍ଥି ମଜ୍ଜା ପ୍ରତିରୋପଣ କରାଯାଇଛି। ପ୍ରତିରୋପଣ ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।

କିମ୍‌ସର ବିଶେଷଜ୍ଞ ଡା ବିଶ୍ୱଜିତ୍ ଭୂୟାଁଙ୍କ ନେତୃତ୍ୱରେ ପେଡ଼ିଆଟ୍ରିକ୍ ହେମାଟୋ-ଅଙ୍କୋଲୋଜିଷ୍ଟ ଅଟୋଲୋଗୋସ୍ ଫୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟେସନ୍ ପ୍ରକ୍ରିୟାରେ ଏହି ପ୍ରତିରୋପଣ କରାଯାଇଥିଲା। ରୋଗୀ ପ୍ରାୟ ୬ ମାସ ପୂର୍ବରୁ କିମ୍‌ସ ଆସି ଡା ଭୂୟାଁଙ୍କ ସହ ପରାମର୍ଶ କରିଥିଲେ। ଏହି ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ ପରେ ରୋଗୀ ସମ୍ପୂର୍ଣ୍ଣ ସାଧାରଣ ଜୀବନ ଯାପନ କରିପାରିବେ ବୋଲି ଡା ସ୍ପଷ୍ଟ କରିଛନ୍ତି।

ସଠିକ୍ ନିରାକରଣ ନହେବା ପର୍ଯ୍ୟନ୍ତ ରୋଗୀ ପ୍ରଥମେ ଆର୍ଥ୍ରାଇଟିସ୍ ପାଇଁ ଚିକିତ୍ସିତ ହେଉଥିଲେ ବୋଲି କିମ୍‌ସର ଅନ୍ୟତମ ଡାକ୍ତର ପାଲାଶ ଦାସ ସୂଚନା ଦେବା ସହ କିମସ୍ ଖୁବ୍ ଶୀଘ୍ର ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ଏବଂ ହାପ୍ଲୋଏଣ୍ଡେଟିକାଲ୍ (ହାପ୍ଲୋ) ଟ୍ରାନ୍ସପ୍ଲାଣ୍ଟେସନ୍ ପ୍ରବର୍ତ୍ତନ କରି ଏହାର ଅସ୍ଥି ମଜ୍ଜା ପ୍ରତିରୋପଣ ସେବାକୁ ବିସ୍ତାର କରିବାକୁ ଯୋଜନା କରିଛି ବୋଲି କହିଛନ୍ତି।

ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇବା ସହ ସମ୍ପୃକ୍ତ ରୋଗୀଙ୍କ ସୁସ୍ଥ ଜୀବନ କାମନା କରିଛନ୍ତି।

# ଅସ୍ତରଙ୍ଗ ଓ କାକଟପୁରରେ ନାହିଁ ଶବ ବ୍ୟବଚ୍ଛେଦ କେନ୍ଦ୍ର

**କାକଟପୁର/ଅସ୍ତରଙ୍ଗ,୧୦।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଛେଦ କେନ୍ଦ୍ର ନଥିବାରୁ ଅଞ୍ଚଳବାସୀ ଚାରିଛକ ଯିବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁଁ ମୃତକଙ୍କ ସମ୍ପର୍କୀୟ ଦୁର୍ଦ୍ଦଶା ଭୋଗିବା ସହ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳିଛି।

ପ୍ରକାଶ ଥାଉ କି କାକଟପୁର ବ୍ଲକଟି ୧୬ଟି ପଂଚାୟତ,ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ

### ଯିବାକୁ ପଡୁଛି ଚାରିଛକ ଦୁର୍ଦ୍ଦଶା ଭୋଗୁଛନ୍ତି ସମ୍ପର୍କୀୟ




୧୫ଟି ପଂଚାୟତର ଜନସାଧାରଣ ଶବ ବ୍ୟବଚ୍ଛେଦ ପାଇଁ ପଡୋଶୀ ନିମାପଡା ବ୍ଲକ ଚାରିଛକ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସେଥିପାଇଁ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଠାରୁ ଚାରିଛକ ୨୦କିଲୋମିଟର ରୁ ଉର୍ଦ୍ଧ। ଏହି ଅଞ୍ଚଳର ଜନସାଧାରଣ ଚାରିଛକ ଶବବ୍ୟବଚ୍ଛେଦ ସାରି ଫେରିବା କାଠିକର ପାଠ ହୋଇପଡୁଛି। ଏଥିଯୋଗୁଁ ଅନେକ ସମୟରେ ବ୍ୟବଚ୍ଛେଦ କରାଇବାକୁ ଗୋଟିଏ ଦିନରୁ ଅଧିକ ସମୟ ଲାଗିଯାଉଛି। ସେହିପରି ବ୍ୟବଛେଦ ପରେ ଶବ ନେବା ପାଇଁ ଗାଡି ଯୋଗାଡ଼ କରିବା ପାଇଁ ସମ୍ପର୍କୀୟ ମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଶବ ନେବା ପାଇଁ ଅନେକ ସମୟରେ ଗାଡି ଚାଳକ ଅମଙ୍ଗ ହେବା ସହ ମନଇଚ୍ଛା ଦର କଷୁଛନ୍ତି। ଏଥିଯୋଗୁଁ ଶବ ପଚି ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତି ଯୋଗୁଁ ଗରିବ ଓ ଅସହାୟ ବ୍ୟକ୍ତି ସମସ୍ୟାରେ ପଡୁଥିବା ଦେଖିବାକୁ ମିଳୁଛି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅସ୍ତରଙ୍ଗ କିମ୍ବା କାକଟପୁର ରେ ବ୍ୟବଛେଦ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି ସାଧାରଣ ଲୋକଙ୍କ ମତ ପ୍ରକାଶ ପାଇଛି।

## ଭୀମଭୋଇ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ଉଦ୍‌ଯାପିତ



**ବାଲିଅନ୍ତା,୧୦।୧ (ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆଜି ବାଲିଅନ୍ତା ପଞ୍ଚାୟତ ସମିତି ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଖୋର୍ଦ୍ଧା ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ କାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିର ଶୁଭାରମ୍ଭ କରିବା ସହିତ ପ୍ରମାଣପତ୍ର ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ମାନସିକ ବିକାରଗ୍ରସ୍ତ, ଅସ୍ଥିଶଲ୍ୟ, ଶ୍ରବଣ ଓ ଦୃଷ୍ଟିବାଧିକ ଏବଂ ଶିଶୁ ବିଭାଗ ଡାକ୍ତର ପରୀକ୍ଷା କରାଇଥିଲେ।

## ବସ୍‌ରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୦।୧ (ସଂଚାର ବ୍ୟୁରୋ):** ଏକ ଯାତ୍ରୀବାହୀ ବସ୍‌ରୁ ଶୁକ୍ରବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି । ଦିଗପହଣ୍ଡି ପୁରୁଣା ବସ୍‌ଷ୍ଟାଣ୍ଡରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବସ୍‌ରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବୃଦ୍ଧା ଜଣକ ଶେରଗଡ଼ ବ୍ଲକ ଅନନ୍ତ ନଗରର ଲଳିତା ପାଣିଗ୍ରାହୀ(୭୮)ବୋଲି ଜଣାପଡିଛି। ନିଜ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଲଳିତା ବ୍ରହ୍ମପୁର ଆସୁଥିଲେ। ଶେରଗଡ଼ରୁ ଏକ ମିନିବସ ଯୋଗେ ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ପରେ ଦିଗପହଣ୍ଡି ବ୍ଲକ ଗଡ଼ସାମନ୍ତରାପୁର ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସରେ ଚଢିଥିଲେ। ସେ ଅସୁସ୍ଥ ଥିବା ଜାଣିବା ପରେ କିଛି ଯାତ୍ରୀ ତାଙ୍କୁ ସିଟ ଛାଡିଥିଲେ। ହେଲେ ବସ ଛାଡ଼ିବା ପୂର୍ବରୁ ସେ ସିଟରେ ଟଳି ପଡ଼ିଥିଲେ। ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଙ୍ଗଲରୁ ଅର୍ଦ୍ଧଦଗ୍ଧ କଙ୍କାଳ ଉଦ୍ଧାର

**ନବରଙ୍ଗପୁର/ଉମରକୋଟ,୧୦।୧(ସଂଚାର ବ୍ୟୁରୋ):** ଅର୍ଦ୍ଧଦଗ୍ଧ ଅବସ୍ଥାରେ ଏକ କଙ୍କାଳ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରିଛି ଉମରକୋଟ ପୁଲିସ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ହୀରାପୁର ପଂଚାୟତ ଅଧୀନରେ ଥିବା ବୁନ୍ଦାକେନ୍ଦୁ ଜଙ୍ଗଲରେ। ମିଳିଥିବା ସୂଚନା ଅନୁସାରେ ଗ୍ରାମର କିଛି ମହିଳା ଜାଳେଣି କାଠ ସଂଗ୍ରହ କରିବାକୁ ବୁନ୍ଦାକେନ୍ଦୁ ଗ୍ରାମ ନିକଟରେ ଥିବା ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ଏକ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଏକ କଙ୍କାଳ ଦେଖିବାକୁ ପାଇଥିଲେ। ସେମାନେ ଏବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ଏନେଇ ସରପଞ୍ଚ ଉମରକୋଟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା ଭାରପ୍ରାପ୍ତ ଅଧିକାରୀ ଶିବଜି ପଣ୍ଡା, ଏସ ଆଇ ଅକ୍ଷୟ ମିଶ୍ର ଓ ଫୋର୍ସ ଘଟଣା ସ୍ଥଳକୁ ଯାଇ ସ୍ଥିତ ଅନୁଧ୍ୟାନ କରିଥିଲେ। ଘଟଣାସ୍ଥଳରେ ସ୍ଥାନିୟ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟନାୟକଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ଯାଞ୍ଚ କରି ଉକ୍ତ କଙ୍କାଳଟି ଜଣେ ମହିଳାଙ୍କର ହୋଇଥିବ ବୋଲି ସନ୍ଦେହ କରିଥିଲା ପୋଲିସ। କାରଣ କଙ୍କାଳର ଗୋଟିଏ ହାତରେ ଚୁଡ଼ି ଗୋଟିଏ ରହିଥିବା ଦେଖିବାକୁ ମିଳିଥିଲା। ମହିଳାର କଙ୍କାଳ ଏହି ଜଙ୍ଗଲକୁ କିପରି ଆସିଲା, ସେ କେଉଁଠାର, ତାର ମୃତ୍ୟୁ କିପରି ହୋଇଛି ତାହା ପୋଲିସ ଯାଞ୍ଚ କଲାପରେ ଜଣାପଡିବ ବୋଲି ମାଜିଷ୍ଟ୍ରେଟ ଚିତ୍ତରଞ୍ଜନ ପଟନାୟକ ସୂଚନା ଦେଇଛନ୍ତି। ପୁଲିସ କେସ ନଂ୩/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



## ଭାରସାମ୍ୟ ହରାଇ ନଦୀକୁ ଖସିଲା ଟୁରିଷ୍ଟ ବସ
## ଜଣେ ମୃତ,୩୦ ଆହତ

**ନୟାଗଡ଼,୧୦।୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଖଣ୍ଡିସ ପୋଲ ନିକଟରେ ବାଡ଼ ଭାଙ୍ଗି ନଦୀରେ ଜାନୁଆରୀ ୯ ତାରିଖ ରାତି ୧ ଟା ସମୟରେ ଏକ ଟୁରିଷ୍ଟ ବସ୍ ଖସି ପଡିଥିଲା। ବସ୍ ଟି ଖଣ୍ଡପଡ଼ା ଗୁଣ୍ଡୁଣୀରୁ ଲୋକ ମାନଙ୍କୁ ନେଇ ଜାନୁଆରୀ ରାତି ୧୦ ରେ କାଳିଜାଇ ଓ ତାରାତାରିଣୀ ଦର୍ଶନ ପାଇଁ ଯାଉଥଲା। ବସ୍ ୪୧ ଜଣ ମହିଳା, ପୁରୁଷ ଓ ଜଣେ ଛୋଟ ପିଲା ଥିଲା। ଦୁର୍ଘଟଣା ସମୟରେ ସମସ୍ତେ ନିଦରେ ଶୋଇପଡିଥିଲେ । ଦୁର୍ଘଟଣା ଖବର ପାଇ ରଣପୁର ଥାନା ନିରୀକ୍ଷକ ମୁକେଶ ବେହେରା, ସମସ୍ତ ଥାନା କର୍ମଚାରୀ, ଚାନ୍ଦପୁର ଥାନା ସମସ୍ତ କର୍ମଚାରୀ,ନୟାଗଡ଼ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ସଭାପତି ଆଚାର୍ଯ୍ୟ ବିଶ୍ୱରଂଜନ,ଉପ ସଭାପତି ବ୍ରଜ ରଣସିଂହ, ସମ୍ପାଦକ ଆଲୋକ ମହାରଣା, ରଣପୁର ମହୋତ୍ସବ କମିଟି ର ସତ୍ୟନାରାୟଣ ମହାପାତ୍ର,



ଦିନେଶ ପରିଡ଼ା, ସନ୍ତୋଷ ପଟ୍ଟନାୟକ ଓ ସ୍ଥାନୀୟ ଲୋକେ କାଚ ଭାଙ୍ଗି ଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିଲେ । ଅଗ୍ନିଶମ ବାହିନୀ ଗାଡ଼ି,ଆଠ ଗୋଟି ଆମ୍ବୁଲାନ୍ସ ରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ର କୁ ୧୨ ଜଣ ଓ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ୨୭ ଜଣଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା। ଡ଼ଃ ବୈଦ୍ୟନାଥ ନନ୍ଦ, ଡ଼ଃ ନାୟକ ତୁରନ୍ତ ଚିକିତ୍ସା କାର୍ଯ୍ୟ ରେ ଲାଗିଥିଲେ। ବାଉଁଶିଆପଡା ଛାଟିଆ ଦାସକୁ ମୃତ ଘୋଷଣା କରିଥିଲେ। ଜଣେ ମହିଳା ଙ୍କ ସମେତ ୪ ଜଣ ଗୁରୁତର ଙ୍କୁ ଭୁବନେଶ୍ୱର ରେଫର କରାଯାଇଥିଲା। ବସ୍ ତଳେ ଯାତ୍ରୀ ଚାପି ହୋଇ ରହିଥିବା ସନ୍ଦେହ ହେବାରୁ ରାତାରାତି ଦୁଇଟି କ୍ରେନ ମାଧ୍ୟମରେ ବସ୍ କୁ ନଦୀ ଭିତରୁ ଉପରକୁ ଟେକି ଅଣାଯାଇଥିଲା। କିନ୍ତୁ କେହି ବସ୍ ତଳେ ରହିନଥିଲେ। ପୋଲ ସୁରକ୍ଷା ବାଡ଼ ଦୁର୍ବଳ ଥିଲା। ଗତ ଡିସେମ୍ବର ଅଦିନିଆ ବର୍ଷା ରାତିରେ ସେହି ପୋଲ ତଳକୁ ଏକ କାର ଖସି ଭାସିଯାଇ କିଛି ବାଟରେ ଲାଗିଥିଲା। ଏଭଳି ଅନେକ ବାଇକ୍ ନଦୀ ଭିତରକୁ ଖସି ଅନେକ ଆହତ ହୋଇଥିବା ନଜର ରହିଛି।

# ଖାଲଖମାରେ ପରିପୂର୍ଣ୍ଣ ନାଉଗାଁ-ବାଲିଭଉଁରୀ ମୁଖ୍ୟ ରାସ୍ତା

**ନାଉଗାଁ,୧୦।୧(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକରୁ ଜିଲ୍ଲା ସଦରମହକୁମାକୁ ବାଲିଭଉଁରୀ ଠାରେ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାଟି ସଦା ସର୍ବଦା ଖାଲ ଖମାରେ ପରିପୂର୍ଣ୍ଣ। ବିଭାଗ ପକ୍ଷରୁ ପ୍ରତି ଦୁଇ ମାସକୁ ଥରେ ଟେଣ୍ଡର କରାଯାଇ ମରାମତି କାର୍ଯ୍ୟ ହୁଏ କିନ୍ତୁ କାର୍ଯ୍ୟ ଏପରି ହୁଏ କି କାର୍ଯ୍ୟର ୧୫ ଦିନ ପରେ ରାସ୍ତା ତାହାର ପୂର୍ବ ଅବସ୍ଥାକୁ ଫେରିଆସେ। ଏହି ରାସ୍ତାଟି କେବେଳ କୁଜି ନେତା ବା ଠିକାଦାର ମାନଙ୍କ ପାଇଁ ଦୁଧିଆଳୀ ଗାଈ ସାଜିଛି। କାର୍ଯ୍ୟ ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ସହିତ ଭାଗମାପର ତଦାରଖ ଅଭାବରୁ ରାସ୍ତାର ଅବସ୍ଥା ବାରମ୍ବାର ଏହିପରି ହେଉଛି।



୧୫ ଦିନ ତଳେ ଏହି ରାସ୍ତାର ପଲିଟେକନିକ କଲେଜ ଛକ ଠାରୁ ଆରମ୍ଭ କରି ପାଳସାହି ଛକ ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ କରାଯାଇଥିଲା କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ମରାମତିର ଚାରିଦିନ ପରେ ରାସ୍ତାରୁ ପିଚୁ ଉଠି ଚାଲିଲା। ଠିକାଦାରକୁ ବଞ୍ଚାଇବାକୁ ଯାଇ ବିଭାଗ ପକ୍ଷରୁ ପୁଣି ପିଚୁ ଉଠିବା ଜାଗାରେ ପ୍ରାୟ ଚାରିଥରରୁ ଉର୍ଦ୍ଧ୍ୱ ତାଳି ପକା ସରିଲାଣି କିନ୍ତୁ ତାହା ସେହି ପୂର୍ବ ଅବସ୍ଥାକୁ ଫେରି ଆସୁଛି । ଯଦି ୧୫ ଦିନ ଭିତରେ ଚାରିଚାରି ଥର ତାଳି ପକାଯିବ ତେବେ ପୂର୍ତ୍ତ ବିଭାଗର କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ନିଶ୍ଚିନ୍ତ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏବେ ଏହି ରାସ୍ତାର ଅବସ୍ଥା ଏପରି ଶୋଚନୀୟ ହୋଇପଡ଼ିଛି କି ଗାଡ଼ିରେ ଯିବା ଦୂରର କଥା ଚାଲିକି ଯିବା ପାଇଁ କଷ୍ଟସାଧ୍ୟ ହୋଇପଡିଛି। ବିଶେଷ କରି ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପାଖରେ ରାସ୍ତା ସମ୍ପୂର୍ଣ୍ଣ ଭାବରେ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ରହିଛି।

ଏବେ ସାରା ରାଜ୍ୟରେ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ହେବା ସହିତ ବିଧି ବ୍ୟବସ୍ଥା ରେ ହୋଇଛି ପରିବର୍ତ୍ତନ ତେବେ ଦେଖାଯାଉ ଏହି ରାସ୍ତାର ଭାଗ୍ୟରେ କେବେ ହେଉଛି ପରିବର୍ତ୍ତନ। ନା ପୁଣି ଚାଲିଯିବ ପାଞ୍ଚ ବରଷ।।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ
## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର




**ନୟାଗଡ଼,୧୦।୧(ସଂଚାର ବ୍ୟୁରୋ):** ସଂଯୁକ୍ତ କିଷାନ ମୋର୍ଚ୍ଚା, ରାଜ୍ୟ କମିଟିର ଆହ୍ୱାନ କ୍ରମେ ନୟାଗଡ଼ରେ କୃଷକ ଚେତାବନୀ ଦିବସ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା କରାଯାଇଛି। କୃଷକ ପ୍ରତିନିଧି ମାନଙ୍କର ଏକ ପଟୁଆର ପୂର୍ତ୍ତ ଡ଼ାକବଙ୍ଗଳାଠାରୁ ବାହାରି ନଷ୍ଟ ଧାନବିଡା ପ୍ରଦର୍ଶନ ସହିତ କ୍ଷତିପୂରଣ ପାଇଁ ନାରାବାଜି ପୂର୍ବକ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନଷ୍ଟ ଫସଲର ଉପଯୁକ୍ତ କ୍ଷତିପୂରଣ, ତୁରନ୍ତ ପର୍ଯ୍ୟାପ୍ତ ମଣ୍ଡିଖୋଲି ଟ୩୧୦୦ ରେ କୃଷକ ଓ ଭାଗଚାଷୀଙ୍କଠାରୁ ଧାନକ୍ରୟ କରିବା, ମୃତ ଚାଷୀ ପରିବାରକୁ ୨୦ଲକ୍ଷଟଙ୍କା ଲେଖାଏଁ ସହାୟତା, ବୃତ୍ତଙ୍ଗ ଜଳଭଣ୍ଡାର ନିର୍ମାଣ, ଚିନିକଳକୁ ପୁନଃ ଚାଲୁ କରିବା ପ୍ରଭୃତି ଦାବି ଉପରେ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭରେ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡା, ସୁରେଶ ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, କୃଷ୍ଣଚନ୍ଦ୍ର ମହାପାତ୍ର, ବୁଦ୍ଧି ନାୟକ, ମହିଳା ନେତ୍ରୀ ଜ୍ୟୋତିପ୍ରଭା ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ ।

# ମନ୍ଥର ଗତିରେ ଚାଲିଛି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ରାସ୍ତା କାମ

### ଅବଧି ସରିଛି, କାର୍ଯ୍ୟ ସରୁନି
### ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଦାବି



**କୁଜଙ୍ଗ,୧୦।୧(ସଂଚାର ବ୍ୟୁରୋ):** କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବେ ଦିନକୁ ଦିନ ବିବାଦ ଘେରକୁ ଟାଣି ହୋଇ ଆସୁଛି। ବିଭାଗର ଯନ୍ତ୍ରୀ କିମ୍ବା ଅଧିକାରୀଙ୍କ କଥା ମାନୁନାହାନ୍ତି ଠିକାଦାର। ଫଳରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରମାନେ ନିଜ ମନମାନିରେ କାର୍ଯ୍ୟ ସମ୍ପାଦନା କରୁଥିବା ଦେଖିବାକୁ ମିଳୁଛି। କେଉଁଠି ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର ସଡ଼କ ନିର୍ମାଣ କରୁଛନ୍ତି ତ' କେଉଁଠି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରି ସରକାରଙ୍କ ରାଜକୋଷରୁ ଅର୍ଥ ଲୁଟ୍ କରୁଛନ୍ତି। ଏଭଳି ଅନେକ ଅଭିଯୋଗ ଆସିବା ପରେ ମଧ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ବିରୁଦ୍ଧରେ ମୁହଁ ଖୋଲିବାକୁ ଡରୁଛନ୍ତି।

ଏଭଳି କିଛି ଅଭିଯୋଗ ଆସିଛି କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଏମ୍ଆରଏଲ୍ ୧୩ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ସିଜୁ ଭାୟା ବଳରାମପୁର, ସନ୍ତରା ଓ ମଙ୍ଗରାଜପୁର ନିର୍ମାଣଧୀନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କ୍ଷେତ୍ରରେ। ଏହି ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା କାର୍ଯ୍ୟାଦେଶ ପାଇଥିବା ଠିକାଦାର ନିଜ ମନମୁଖୀ କାର୍ଯ୍ୟ କରିବା ହେତୁ କାର୍ଯ୍ୟ ଶେଷ କରିବା ନିର୍ଦ୍ଧାରିତ ଅବଧି ସରି ଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ପଥଚାରୀ, ସ୍କୁଲ୍ ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ନିର୍ମାଣ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ବିରୁଦ୍ଧରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଠିକାଦାରଙ୍କ ଲାଇସେନ୍ସକୁ କଳା ତାଲିକାଭୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଠିକାଦାର ବିଚିତ୍ର କୁମାର ଜେନା ଏହି କାର୍ଯ୍ୟାଦେଶ ପାଇ ସଡ଼କ ନିର୍ମାଣ କାର୍ଯ୍ୟ କରୁଛନ୍ତି। ୫ କିଲୋମିଟର କଂକ୍ରିଟ ଓ ଅବଶିଷ୍ଟ ପିଚୁ ହେବାକୁ ଥିବା ଏହି ୯.୬ କିଲୋମିଟର ରାସ୍ତା ପାଇଁ ବିଭାଗ ପକ୍ଷରୁ ତତ୍‌କାଳୀନ ସରକାର ୪କୋଟି ୧୪ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର କରିଥିଲେ। ସେହିପରି ରାସ୍ତାର ରକ୍ଷଣାବେକ୍ଷଣା ପାଇଁ ୩୧ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଟେଣ୍ଡର ସର୍ତ୍ତ ଅନୁଯାଇ ଏହି ରାସ୍ତା କାର୍ଯ୍ୟ ଗତ ୨୦୨୨ ମସିହା ନଭେମ୍ବର ୧୧ ତାରିଖରୁ ଆରମ୍ଭ କରାଯାଇ ୨୦୨୩ ମସିହା ଅଗଷ୍ଟ ୧୮ ତାରିଖ ମଧ୍ୟରେ ଶେଷ ହେବାକଥା। ମାତ୍ର ଏହି ସମୟ ମଧ୍ୟରେ ସମ୍ପୃକ୍ତ ଠିକାଦାର କାର୍ଯ୍ୟକୁ ମାତ୍ର ୭୦ ପ୍ରତିଶତ ନିର୍ମାଣ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି।

ଆଗାମୀ ଦିନରେ ତୁରନ୍ତ ଏହି କାର୍ଯ୍ୟ ଶେଷ କରାନଯାଏ ତାହାଲେ ଅଞ୍ଚଳବାସୀ ବାଧ୍ୟ ହୋଇ ଏହି କାର୍ଯ୍ୟକୁ ବନ୍ଦ କରିବେ ବୋଲି ପ୍ରକାଶ କରିଛନ୍ତି।

## ପୋଡ଼ିଗଲା ଧାନଗଦା

**ନବରଙ୍ଗପୁର/ରାଇଘର, ୧୦।୧(ସଂଚାର ବ୍ୟୁରୋ):** କିବେକଙ୍ଗା ଆଦିବାସୀ ଗାଆଁର ଜଣେ ଚାଷୀଙ୍କ ଧାନ ଗଦାରେ ନିଆଁ ଲାଗି ସମ୍ପୂର୍ଣ୍ଣ ରୂପେ ପୋଡିଯାଇଛି। ତେବେ ନିଆଁ କିଭଳି ଲାଗିଲା ସ୍ପଷ୍ଟ ଜଣା ପଡିନାହିଁ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପରଚିପାରା ପଞ୍ଚାୟତ ଅଧିନରେ ଥିବା କେବିକଙ୍ଗା ଆଦିବାସୀ ଗାଆଁରେ ଏଭଳି ଘଟଣା ଘଟିଛି । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସମ୍ପୂର୍ଣ୍ଣ ଧାନ ନିଆଁରେ ପୋଡି ନଷ୍ଟ ହୋଇ ଯାଇଥିବା ସୂଚନା ମିଳିଛି ।

# ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ



**କଟକ,୧୦।୧(ସଂଚାର ବ୍ୟୁରୋ):** ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ଯୋବ୍ରାର ବାର୍ଷିକ କ୍ରିଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କ୍ରୀଡା ପ୍ରତିଯୋଗିତା ୩ ଦିନ ବ୍ୟାପି ସକାଳ ୭ଟାରୁ ୧୦ଟା ଯାଏଁ ଏବଂ ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଚାଲୁ ରହିବ। ଉକ୍ତ କ୍ରିଡା ପ୍ରତିଯୋଗିତାକୁ ଯୋବ୍ରା ଦୁର୍ଗା ପୂଜା କମିଟିର ସଭାପତି ପ୍ରମୋଦ ଜେନା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଚୌଦ୍ୱାର କଟକ ବିଧାୟକ ପ୍ରତିନିଧି ଭାବରେ ମନୋରଞ୍ଜନ ଜେନା, ୪୧ନଂ ୱାର୍ଡର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ୪୦ ନମ୍ବର ୱାର୍ଡର କର୍ପୋରେଟର ଝିଲ୍ଲୀ ବିହାରୀ, ପୁରାତନ ଛାତ୍ର ପରିଷଦର ସମ୍ପାଦକ ବିମଳେନ୍ଦୁ ମହାନ୍ତି ଯୋଗଦେଇ କ୍ରିଡାର ଉପକାରିତା ଓ ଏହା କିପରି ଛାତ୍ର ଜୀବନରେ ଅପରିହାର୍ଯ୍ୟ ତାହା ବିଷୟରେ ବୁଝାଇଥିଲେ। ଛାତ୍ରଛାତ୍ରୀମାନଙ୍କ ଶପଥ ପାଠ ପରେ କ୍ରିଡା ଆରମ୍ଭ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉକ୍ତ କାଯର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ, ଆଲୋକ କୁମାର ସାହୁ, ମନୋଜ କୁମାର ଜେନା, ପୁରାତନ ଛାତ୍ର ଚଣ୍ଡୀ ପ୍ରସାଦ ମହାନ୍ତି, ସାରଦା ପ୍ରସାଦ ସ୍ୱାଇଁ, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନ୍ତା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ. ରାଜଶ୍ରୀ ସାହୁ ସଭାପତିତ୍ୱ କରିଥିଲେ ଓ କ୍ରିଡା ଶିକ୍ଷକ ରଅଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## Change Of Name

By virtue of an affidavit sworn before The Executive Magistrate, Nayagarh, dated 08.01.2025 I Barsha Nanda, Chandrasekharpur, post- Gambharidihi, P.S- Itamati, Dist.- Nayagarh, Pin: 752079 declare that I have changed my daughter's name from Tejoswini Nanda to Barsha Nanda. Henceforth, she shall be known as Barsha Nanda for all purposes.

**Barsha Naska**
(Applicant Name)

# ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ଓ ଖୋର୍ଦ୍ଧା ରେଲୱେ

### ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ




**ନିମାପଡ଼ା,୧୦।୧ (ସଂଚାର ବ୍ୟୁରୋ):** ନିମାପଡା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟି ମିନି ଷ୍ଟାଡିୟମରେ ଚାଲିଥିବା ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ତଥା ୧ମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା ରେଲୱେ ୭ ୱିକେଟରେ ପାରାଦୀପ କ୍ରିକେଟ୍ କ୍ଲବକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ପାରାଦୀପ କ୍ରିକେଟ୍ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୨୭.୨ ଓଭରରେ ୧୩୩ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଲଞ୍ଚ ପରେ ବ୍ୟାଟିଂ କରି ଖୋର୍ଦ୍ଧା ରେଲୱେ ମାତ୍ର ୧୭ ଓଭରରେ ଆବଶ୍ୟକୀୟ ରନ୍ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚକୁ ଜିତି ନେଇ ଆସନ୍ତା ରବିବାର ଦିନ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ଓ ବର୍ତ୍ତମାନର ସିଲେକ୍ଟର ରାକେଶ ମହାନ୍ତି ଏବଂ ନିମାପଡା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଜିବାନାନନ୍ଦ ମହାପାତ୍ର ଉପସ୍ଥିତ ରହି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପ୍ରଦୀପ ଦାସଙ୍କୁ ପୁରସ୍କୃତ କରିଥିଲେ। ରବିବାର ଦିନ ହେବାକୁ ଥିବା ଫାଇନାଲ ମ୍ୟାଚରେ ଚାମ୍ପିୟନସ ଦଳକୁ ୬୦ ହଜାର ଟଙ୍କା ଓ ୧ମ ତାପସ ଦାସ ମେମୋରିଆଲ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୩୦ ହଜାର ଟଙ୍କା ଓ ବାସୁଦେବ ଜୁଏଲାରୀ ପ୍ରଦତ୍ତ ଟ୍ରଫି ପ୍ରଦାନ କରାଯିବା ସହିତ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଆସୋସିଏସନର କ୍ରିକେଟ୍ ସମ୍ପାଦକ ଅକ୍ଷୟ କୁମାର ବେହେରା ସୂଚନା ଦେଇଛନ୍ତି।

**B.D.A EMPLOYEES'**
**CO-OPERATIVE CREDIT & THRIFT SOCIETY LTD.**
Regd. No.186/97
Top Floor Akash Sova Building, Sachivalaya Marg,
Bhubaneswar-751001

Ref: 02 /2025/BDAECCTS Ltd. Date: 10.01.2025

**SHORT QUOTATION CALL NOTICE**

Sealed quotations in plane paper are invited from the reputed and registered Firms/Agencies for supply of the following materials.

| Sl. No. | Description of Goods. | Unit | Qnty. (Approx.) |
|---|---|---|---|
| 1. | Model: CT 2B COOK TOP<br>Make: KUTCHINA<br>Burner-Brass<br>Burner Size-69/79<br>Burner Base- Aluminium Alloy<br>Ignation Type-Non Auto<br>Gas Type-LPG<br>Glass-6mm Tempered Glass<br>Frame Body-MS BK<br>Pan Support-Thick (Euro Coated)<br>Drip Tray-SS .<br>Product Dimension-580 (L) x 300 (W) x 120 (H) mm<br>Warranty | Each Nos. | 328 Nos. |

The quotations will be received **by Speed Post / Registered Post** on or before **20.01.2025 up to 3.00 P.M** will be opened on the **same day at 3.30 P.M.** by the undersigned in the presence of the quotationers or their authorized agents. The quotationer should furnish their Registration Certificate, PAN and GST along with the quotation, without which the quotations will be liable for rejection. The quotationer should quote their rate in figures and words in the quotation paper for each piece.

The Committee reserves the right to cancel any or all the quotations without assigning any reason thereof.

President
BDAECC&T Society Ltd.
Bhubaneswar

## AFFIDAVIT

I Awensha Das D/o Sri Bijay Kumar Das residence at plot No D 260 Sector 7, CDA cuttack-14, declare,before Notary Public on 08/01/2025 through an affidavit, That my Father name is Bijay Kumar Das, which was by mistake, printed in my passport, Bijaya Kumar Das, So Now onwards "Bijay Kumar Das" and "Bijaya Kumar Das" is treated as same and one person, for any purpose in future .

## AFFIDAVIT

I Mitrajita Pattanaik w/o Sri Bijay Kumar Das residence at plot No D 260 Sector 7, CDA cuttack-14, declare, before Notary Public on 08/01/2025 through an affidavit, That my Husband name is Bijay Kumar Das, which also mentioned in my ADHAAR card. But which was printed by mistake, in my passport No M9904119, Bijaya Kumar Das, So "Bijay Kumar Das" and "Bijaya Kumar Das" is treated as same and one person, for any purpose in future .

# ସହଦେବ ହତ୍ୟାକୁ ନେଇ ବିଜେଡି ରାଜନୀତି ନକରୁ

- ୨୪ ଘଣ୍ଟାରେ ସରକାର ଦୋଷୀଙ୍କୁ ଗିରଫ କରିଛନ୍ତି
- ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ
- ଖୋଲିବ ଋଷି ହତ୍ୟାକାଣ୍ଡ ଫାଇଲ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଗତ ତିନି ଦିନ ହେବ ସହଦେବ ନାୟକଙ୍କୁ ରାଜଧାନୀରେ ହତ୍ୟା କରାଗଲା। ଏହା ସଭିଙ୍କ ପାଇଁ ଏକ ଦୁର୍ଭାଗ୍ୟଜନକ ଘଟଣା । ତାଙ୍କ ପରିବାର ସହ ଆମେ ସମସ୍ତେ ଖୁଣ୍ଟ ଭଳି ଛିଡା ହୋଇଛୁ। ଗତ ତିନି ଦିନ ହେବ ନେତା ଜଗନ୍ନାଥ ପ୍ରଧାନ ତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଏଥିରେ ନିର୍ଦ୍ଦେଶ ଦେଇଛନ୍ତି। ୧୨ ଘଣ୍ଟା ଭିତରେ ୨ ଦୋଷୀଙ୍କୁ ଧରାଗଲା, ପରେ ଅନ୍ୟ ଦୋଷୀମାନଙ୍କୁ ମଧ୍ୟ ଗିରଫ କରାଯାଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଇଏ ଲୋକଙ୍କ ସରକାର। ଆଇନ ତା' ବାଟରେ ଯିବ। ଏହା କହିବା ସରକାର ନୁହଁ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ ସଭିଙ୍କର ତାଙ୍କ ପରିବାର ଓ ପତ୍ନୀ ଙ୍କ ପାଇଁ ସମବେଦନା ରହିଛି। ତାଙ୍କ ସହଧର୍ମିଣୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ରୋଜଗାରକ୍ଷମ କରାଯିବାକୁ ସରକାର ଦୃଷ୍ଟି ଦେବେ ଯେତେବେଳେ ରାଜ୍ୟରେ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ଦେଶର ନେତୃତ୍ୱମାନେ ଯେବେ ଆମ ପାଖକୁ ଆସୁଛନ୍ତି, ଆମର ସଭିଙ୍କର କାର୍ଯ୍ୟ ତାଙ୍କୁ ଆତିଥେୟତା ପ୍ରଦାନ କରିବା। ଏହାକୁ ନେଇ ବିଜେଡି ରାଜନୈତିକ ରୁଟି ସେକୁଛି। ଯେତେବେଳେ ରାଜ୍ୟର ସମ୍ମାନ କଥା ଉଠୁଛି, ସେତେବେଳେ ଆମେ ଅନୁରୋଧ କରୁଛୁ ରାଜନୈତିକ ରୁଟି ନ ସେକନ୍ତୁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଭୁବନେଶ୍ୱର ମେୟର ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରି ସାମ୍ବାଦିକ ସମ୍ମିଳନୀ କରି କହୁଛନ୍ତି ଆନ୍ଦୋଳନକୁ ଓହ୍ଲାଇବା ପାଇଁ। ଏହା ଠିକ୍ ନୁହେଁ। ଜାଣିଶୁଣି ସଫେଇ ବନ୍ଦ କରାଯାଇଛି। ବିଜେଡି କର୍ପୋରେଟର ଥିବା ଅଞ୍ଚଳ ଜାଣିଶୁଣି ବନ୍ଦ କରାଯାଇଛି। ସଫେଇ କର୍ମଚାରୀଙ୍କୁ ଉସକାଉଛି। ଆମ ସାମ୍ନାରେ ତାଙ୍କୁ ଆନ୍ଦୋଳନ ପାଇଁ କୁହାଯାଉଛି। ଅତିଥିଙ୍କ ଭିତରେ ଥିବା ସହରରେ ବିଏମସିର ଦାୟିତ୍ୱ ସଫା କରିବା। ପୂର୍ବ ସରକାରରେ ଡ୍ରେନରେ ପଡ଼ି ଜୀବନ ଯାଇଛି। ସେମାନଙ୍କୁ କେତେ କ୍ଷତିପୂରଣ ଦେଇଛନ୍ତି କୁହନ୍ତୁ। ଏଥିସହ ଏବେ ବିଧାୟକ ତଥା ପୂର୍ବ ମେୟର ଋଷି ହତ୍ୟାକାଣ୍ଡ ଘଟଣାରେ କେତେ ଥର ଭେଟିଛନ୍ତି? କେତେ ଅର୍ଥରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ କୁହନ୍ତୁ 'ଆଇନ ତା' ବାଟରେ ଯିବ କଥା କହିବା ସେବେ ଫାଇଲ କ୍ଲୋଜ ହୋଇଥିଲା। କେଉଁ ଷ୍ଟାଣ୍ଡରେ ଥିବା ପୂର୍ବତନ ମେୟରର ଜାଣି ରଖନ୍ତୁ ଅଥଚା ରାଜନୀତି କରନ୍ତୁ ନାହିଁ। କାଚ ଘରେ ରହି ଅନ୍ୟକୁ ଟେକା ନ ପକାନ୍ତୁ। ଋଷିର ପରିବାର ଏବେ ବି ଦୁଃଖରେ ରହିଛି। ଏବେ ବି ସେମାନେ ଜାଣିବାକୁ ଚାହୁଁଛନ୍ତି କିଏ ତାଙ୍କ ପୁଅକୁ ହତ୍ୟା କରିଛି। ଏବେ ଏଥିରେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସହଦେବ ନାୟକ ହତ୍ୟା ଘଟଣାରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏକାମ୍ର ବିଧାୟକ ବାବୁ ସିଂ, ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ।

# ମୃତକଙ୍କ ଉତ୍ତରାଧିକାରୀଙ୍କୁ ୫ ଲକ୍ଷ ଅନୁକମ୍ପାମୂଳକ ରାଶି

## ଏଜେନ୍ସି ଜରିଆରେ ସୁପରଭାଇଜର ଚାକିରି

**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** ହତ୍ୟାକାଣ୍ଡର ଶିକାର ହୋଇଥିବା ସଫେଇ କର୍ମଚାରୀ ସ୍ୱର୍ଗତ ସହଦେବ ଉତ୍ତରାଧିକାରୀଙ୍କୁ ମିଳିବ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା। ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏବଂ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଜୟ ନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଆଲୋଚନା ପରେ ଏହା ସ୍ଥିର କରାଯାଇଛି। ଏହା ସହିତ ସ୍ୱର୍ଗତ ନାୟକଙ୍କ ପତ୍ନୀଙ୍କୁ ସମ୍ପୃକ୍ତ ଏଜେନ୍ସିରେ ସୁପରଭାଇଜର ଭାବରେ ନିଯୁକ୍ତି ଦେବା ପାଇଁ ସ୍ଥିର ହୋଇଛି। ପରିସ୍ଥିତି ଗୁରୁତ୍ୱକୁ ଅନୁଭବ କରି ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନା ଯୋଗ୍ୟ କି ପ୍ରବାସୀ ଭାରତୀୟ ଦିବସ ନିମନ୍ତେ ଅଣାଯାଇଥିବା ଅତିରିକ୍ତ ୨୬୨ ଜଣ ସଫେଇ କର୍ମୀଙ୍କୁ ପ୍ରମୁଖ ରାସ୍ତା ସଫେଇ କାମରେ ନିୟୋଜିତ କରାଯାଇଥିଲା। ଏହା ବ୍ୟତୀତ ସହଭାଗୀ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ନିଜ ନିଜର ଦାୟିତ୍ୱ ନେଇ ସହର ବାହାରୁ ସଫେଇ କର୍ମୀଙ୍କୁ ଆଣି ମଧ୍ୟ ସଫେଇ କାର୍ଯ୍ୟ ଚାଲୁ ରଖିଥିଲେ। ଫଳରେ ଉକ୍ତ ସମସ୍ତ ରାସ୍ତାରୁ ବାହାରୁ ଥିବା ବର୍ଜ୍ୟକୁ ସଂଗେ ସଂଗେ ଉଠାଇ ନିଆଯାଉଥିଲା। ତେଣୁ ସଫେଇ କର୍ମୀଙ୍କ ଆନ୍ଦୋଳନ ସତ୍ତ୍ୱେ ସଫେଇ କାର୍ଯ୍ୟରେ ଅବହେଳା ହେବାକୁ ଦିଆଯାଉନଥିଲା। ଆଜି ଆନ୍ଦୋଳନରତ କର୍ମଚାରୀଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ମାନନୀୟା ମେୟର ରାଜ୍ୟ ସରକାରଙ୍କୁ ଏ ବାବଦରେ ଅବଗତ କରାଇ ପରିସ୍ଥିତି ପାଇଁ ସହଯୋଗ କାମନା କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଗ୍ନିଜାଣ୍ଟ ସିଇଓ ରବି କୁମାର

## ପୁଞ୍ଜି ବିନିଯୋଗରେ ଓଡ଼ିଶାକୁ କରିବେ ସମର୍ଥନ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଜନତା ମଇଦାନରେ ଚାଲିଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସରେ ଭାରତର ସବୁଠାରୁ ବଡ କେନ୍ଦ୍ର ଭାବରେ ଭୁବନେଶ୍ୱରରେ କଗ୍ନିଜାଣ୍ଟ କ୍ୟାମ୍ପସର ବିକାଶ ଉପରେ ଉଭୟ ଆଲୋଚନା କରାଯାଇଥିଲା। ଏଥିରେ କଗ୍ନିଜାଣ୍ଟର ନିଜସ୍ୱ କ୍ୟାମ୍ପସ୍ ସୁବିଧାର ବିକାଶ ପାଇଁ ଭୁବନେଶ୍ୱର ସହର ମଧ୍ୟରେ ଜମି ଆବଣ୍ଟନ କରିବାକୁ ରାଜ୍ୟ ସରକାର ଖୁସି ହେବେ ଓ ଏହାକୁ ଭାରତର ବୃହତ୍ତମ କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ ବୋଲି କହିଛନ୍ତି। ଆଲୋଚନା ସମୟରେ କଗ୍ନିଜାଣ୍ଟ ସିଇଓ ରବି କୁମାର ଭୁବନେଶ୍ୱରରେ ଏହାର କେନ୍ଦ୍ରର ଅଭିବୃଦ୍ଧି ଉପରେ ଖୁସି ବ୍ୟକ୍ତ କରିଥିଲେ ଏବଂ ଆଗାମୀ ପାଞ୍ଚ ବର୍ଷରେ ଏହା ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି କହିଥିଲେ। ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସକ୍ଷମ ସେବା କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ପାଇଁ ମୁଖ୍ୟମନ୍ତ୍ରୀ କଗ୍ନିଜାଣ୍ଟ ସିଇଓଙ୍କ ସହଯୋଗ ଲୋଡିଥିଲା। ଆଇଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଏବଂ ଅଭିବୃଦ୍ଧି ଆଣିବା ପାଇଁ ସେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସମସ୍ତ ସହାୟତା ପ୍ରଦାନ କରିବେ ବୋଲି ସିଇଓ କହିଛନ୍ତି।

# ୧୪ ମାସ ପରେ ବିଜେପିକୁ ଫେରିଲେ ରଘୁବର ଦାସ



**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ରାଜ୍ୟପାଳ ପଦରୁ ଇସ୍ତଫା ଦେବାପରେ ରଘୁବର ଦାସ ପୁଣି ଥରେ ବିଜେପିରେ ଯୋଗ ଦେଇଛନ୍ତି। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ବିଜେପି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ୨୦୨୦ ବିଧାନସଭା ନିର୍ବାଚନ ହାରିବା ପରେ ରଘୁବର ଦାସ ଝାଡ଼ଖଣ୍ଡ ରାଜନୀତିରୁ ଓହରି ଯାଇଥିଲେ। ସେହି ବର୍ଷ ରଘୁବରଙ୍କୁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦାୟିତ୍ୱ ନେଇ ଦିଲ୍ଲୀ ଡକାଇଥିଲା। ୨୦୨୩ ମସିହାରେ ରଘୁବରଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇ ଭୁବନେଶ୍ୱର ପଠାଯାଇଥିଲା ।ରଘୁବର ୨୦୨୪ ମଧ୍ୟଭାଗରେ ହୋଇଥିବା ଲୋକସଭା ନିର୍ବାଚନ ଏବଂ ଶେଷରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରୁ ଦୂରେଇ ରହିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଉଭୟ ନିର୍ବାଚନରେ ବିଜେପିକୁ ବଡ଼ କ୍ଷତି ସହିବାକୁ ପଡ଼ିଥିଲା। ଲୋକସଭା ନିର୍ବାଚନରେ ବିଜେପି ୩ଟି ଓ ବିଧାନସଭା ନିର୍ବାଚନରେ ୫ଟି ଆସନ ହରାଇଥିଲା। ଏହା ପରେ ବିଜେପି ହାଇକମାଣ୍ଡ ପୁଣି ତାଙ୍କୁ ଝାଡ଼ଖଣ୍ଡକୁ ପଠାଇଛନ୍ତି । କ୍ରମାଗତ ୨ଥର ବିଧାନସଭା ନିର୍ବାଚନରେ ପରାଜୟ ପରେ ଝାଡ଼ଖଣ୍ଡରେ ବିଜେପିର ସ୍ଥିତି ଖରାପ ହୋଇଯାଇଛି । ଏହି ସ୍ଥିତିକୁ ସଜାଡ଼ିବାକୁ ଦଳ ପୁଣି ତାଙ୍କ ଉପରେ ଭରସା କରିଛି ।

# ପୁରୀ ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

**ପୁରୀ,୧୦।୧ (ସଂଚାର ବ୍ୟୁରୋ):** ଆଜି ସଂଧ୍ୟାରେ ପୁରୀ ବେଳାଭୂମି ମହୋତ୍ସବ ଉଦଯାପିତ ହୋଇ ଯାଇଛି। ଉଦଯାପନୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏହି ମହୋତ୍ସବ ଅତ୍ୟନ୍ତ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳିତ ହୋଇ ଥିବାରୁ ଜିଲ୍ଲା ପ୍ରଶାସନ ସହ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ସୁନାମ ଅର୍ଜନ କରିଛି।ବେଳାଭୂମି ମହୋତ୍ସବ ସେଥିରେ ଏକ ନୂତନ ଫର୍ଦ୍ଦ ଯୋଡିଛି।ଏହି ମହୋତ୍ସବ କୁ ଆମେ ସମସ୍ତେ ମିଶି ନିୟମିତ କରିବା କୁ ସେ ଅନୁରୋଧ କରିଥିଲେ।ଉପ ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ମହୋତ୍ସବ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ବିଧାୟକ ଶ୍ରୀ ମହାନ୍ତି ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବ ରେ ଏସ ପି ବିନୀତ ଅଗ୍ରୱାଲ,ବିଦାୟୀ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ଡଃ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଚ ନେଇ ଗିରଫ ହେଲେ ଆର୍‌ଆଇ

**ଖୋର୍ଦ୍ଧା,୧୦।୧(ସଂଚାର ବ୍ୟୁରୋ) :** ୮ ବର୍ଷ ତଳେ ଲାଞ୍ଚ ନେଇ ଗିରଫ ହୋଇଥିଲେ। ସେହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ପୁଣି ଥରେ ଲାଞ୍ଚ ନେବା ବେଳେ ଧରାପଡ଼ି ଗିରଫ ହୋଇଛନ୍ତି କୈଳାସଚନ୍ଦ୍ର ବେହେରା। ସେ ଖୋର୍ଦ୍ଧା ଜିଲ୍ଲା ଚିଲିକା ତହସିଲ ସୋରଣ ଆରଆଇ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଭାବେ ନିଯୁକ୍ତ ହୋଇଛନ୍ତି। ସୋରଣର ଚିଲିକା ଆର୍ଦ୍ରଭୂମି ସଂରକ୍ଷଣର ଜଣେ କାର୍ଯ୍ୟକର୍ତ୍ତାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି କୈଳାସ। କେତେ ଜଣ ଜମିହୀନ ଗ୍ରାମବାସୀଙ୍କୁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦେବାକୁ ସେମାନଙ୍କ ସପକ୍ଷରେ ରିପୋର୍ଟ ଦେବାକୁ ଏହି ଅର୍ଥ ନେଇଥିଲେ।

# ୧୨ରୁ ଉଦୟଗିରିରେ ଗୁରୁ ପଦ୍ମସମ୍ଭବ କନକ୍ଲେଭ



**ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ):** ଓଡ଼ିଶାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ଆନ୍ତର୍ଜାତୀୟ ଗୁରୁ ପଦ୍ମସମ୍ଭବ ସମାରୋହ। ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଭଗବାନ ବୁଦ୍ଧଙ୍କ ଦ୍ୱିତୀୟ ଅବତାର ତଥା ଆନ୍ତର୍ଜାତୀୟ ଗୁରୁ ପଦ୍ମସମ୍ଭବଙ୍କ ଦେହାବସାନ ଘଟିଛି। ଏହାର ପ୍ରାମାଣିକ ତଥ୍ୟ ମିଳିବା ପରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଓ ସେ ସଂକ୍ରାନ୍ତରେ ସବିଶେଷ ଆଲୋଚନା ପାଇଁ 'ଫାଷ୍ଟ ଗୁରୁ ପଦ୍ମସମ୍ଭବ କନକ୍ଲେଭ' ଆରମ୍ଭ ହେବ। ଆସନ୍ତା ୧୨ରୁ ଆରମ୍ଭ ହୋଇ ଏହି କନ୍‌କ୍ଲେଭ୍ ୧୬ ତାରିଖରେ ଶେଷ ହେବ। ରାଜ୍ୟ ଓଡ଼ିଆ ଭାଷା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ଦେଶ ତଥା ଦେଶ ବାହାରୁ ପାଖାପାଖି ଦେଢ଼ ହଜାର ବୌଦ୍ଧ ଧର୍ମାବଲମ୍ବୀ ଯୋଗଦେବେ। ଲାଇଟ ଅଫ ବୁଦ୍ଧ ଧର୍ମ ଫାଉଣ୍ଡେସନ ଏବଂ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ସହାୟତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରଦେଶ ସମେତ ଥାଇଲାଣ୍ଡ, ନେପାଳ, ଭୁଟାନ, ଭିଏତନାମ, କାମ୍ବୋଡ଼ିଆ, ବ୍ରାଜିଲ, ଆମେରିକା, ଫ୍ରାନ୍ସ ଦେଶରୁ ବୌଦ୍ଧ ସନ୍ୟାସୀ ଯୋଗଦେବେ। ସେମାନଙ୍କ ପାଇଁ ଉଦୟଗିରି, ରତ୍ନଗିରି ଓ ଲଳିତଗିରି ଠାରେ ରହଣୀ ସହ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ସାମିଲ ହେବାକୁ ଥିବା ବୌଦ୍ଧ ସନ୍ୟାସୀ ମାନେ ଜଗତର କଲ୍ୟାଣ ପାଇଁ ପ୍ରାର୍ଥନା କରିବେ। ଏଥିସହ ବିଶ୍ୱ ଐତିହ୍ୟ ତାଲିକାରେ ହୀରକ ତ୍ରିଭୁଜକୁ ସାମିଲ କରିବା, ଅସିଆ ପର୍ବତମାଳାରେ ଗଢ଼ି ଉଠିଥିବା ପୁରାତନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପୁନଃପ୍ରତିଷ୍ଠା ଓ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଆଲୋଚନା ସଭାମାନ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଗୁରୁ ପଦ୍ମସମ୍ଭବଙ୍କ ନାମରେ ଏହି ଆନ୍ତର୍ଜାତୀୟ ସମ୍ମିଳନୀକୁ ନେଇ ବୌଦ୍ଧ ପ୍ରେମୀ ଓ ଗବେଷକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଯୋଗଦେବାକୁ ଥିବା ବୌଦ୍ଧ ସନ୍ୟାସୀମାନଙ୍କୁ ସ୍ୱାଗତ କରିବା ପାଇଁ ଅଞ୍ଚଳବାସୀ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

# ବିସ୍ଥାପିତ ହେବାକୁ ବେଦାନ୍ତ ଦୁଆରେ ଧାରଣା

- ବାସହରାଙ୍କ ଅଭିନବ ପ୍ରତିବାଦ
- ଜିଲ୍ଲା ପ୍ରଶାସନକୁ ଖାତିର କରୁନି ବେଦାନ୍ତ



**ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ):** ବେଦାନ୍ତ କମ୍ପାନୀ କାରଖାନା ପ୍ରତିଷ୍ଠା ପାଇଁ ଶାଗ ମାଛ ଦରରେ ଲୋକଙ୍କ ଜମିବାଡି ନେଇଗଲା । କାରଖାନା ବି ପ୍ରତିଷ୍ଠା କଲା । ହେଲେ ଲୋକଙ୍କୁ ପ୍ରତିଶ୍ରୁତି ମୁତାବକ କାମଧନ୍ଦା ଦେଲାନାହିଁ। ଲୋକେ କେବଳ ନିଜ ଘର ଖଣ୍ଡିକରେ ରହିଗଲେ । କମ୍ପାନୀ ଚାଲାକି କରି ସେମାନଙ୍କୁ ସେଠାରୁ ସମ୍ପୂର୍ଣ୍ଣ ବିସ୍ଥାପିତ କଲାନାହିଁ । ଏବେ ତୁରନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ସହିତ ବେଦାନ୍ତରେ ନିଯୁକ୍ତି ଦେବାକୁ ଝାରସୁଗୁଡା ଜିଲ୍ଲାପାଳଙ୍କୁ ପତ୍ର ଲେଖିବା ସହିତ ବେଦାନ୍ତ ଫାଟକ ଆଗରେ ଧାରଣାରେ ବସିଛନ୍ତି ଭୁର୍କାମୁଣ୍ଡା ଗ୍ରାମବାସୀ ।

ବେଦାନ୍ତ କମ୍ପାନୀ ୧୯୯୬/୯୭ ବର୍ଷରୁ ସେମାନଙ୍କ ଜମି ନେଇଗଲା । ହେଲେ ଘରଦ୍ୱାରକୁ ଛାଡିଦେଲା। ଜମି ଚାଲିଯିବାରୁ ଚାଷବାସ ହରାଇ ଏମାନେ ବେକାର ହୋଇଗଲେ । କାମଧନ୍ଦା ବି ମିଳିଲାନି କି ବେଦାନ୍ତ କିଛି ଶୁଣିଲାନି । ଏହି ଗ୍ରାମକୁ ବିସ୍ଥାପିତ କରିବାପାଇଁ ବେଦାନ୍ତ ଚଳାଇଥିବା ଯୋଜନା କେବେ ପୂର୍ଣ୍ଣାଙ୍ଗ ହେବ ତାହା ଲୋକେ ଜାଣିପାରୁ ନାହାନ୍ତି । ଯେତେ କାକୁତି ମିନତି ହେଲେ ବି କେହି ଶୁଣୁ ନାହାନ୍ତି। ଗାଁକୁ ଲାଗି କାରଖାନା ପ୍ରତିଷ୍ଠା ହୋଇଥିବାରୁ ଗାଁ ଲୋକେ ଏବେ ପ୍ରଦୂଷଣରେ ସନ୍ତୁଳି ହେଉଛନ୍ତି। ଲୋକେ ବିଭିନ୍ନ ରୋଗରେ ପଡି ମରିବା ଆରମ୍ଭ କଲେଣି।

ବେଦାନ୍ତ କିନ୍ତୁ ଲୋକଙ୍କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ନକରି ମୋବାଇଲ୍ ହେଲଥ୍ ୟୁନିଟ୍ ଚଳାଇ ଲୋକଙ୍କୁ ଭୁଆଁ ବୁଲାଉଛି। ଗାଁରେ ଗୋଟିଏ ସ୍କୁଲ ରହିଛି। ପିଲାଏ ସ୍କୁଲ ଯାଉଛନ୍ତି । ହେଲେ କାରଖାନାର ପ୍ରଚଣ୍ଡ ଶବ୍ଦରେ ସେମାନେ ପାଠ ପଢିପାରୁ ନାହାନ୍ତି। ପିଲାଙ୍କ ଦେହରେ ପାଉଁଶ ଲେସିହୋଇ ଯାଉଛି। ଅବସ୍ଥା ଏଭଳି ହୋଇଛି ଗ୍ରାମବାସୀଙ୍କର ଗ୍ରାମ ଦେବତୀ ଏବେ ବେଦାନ୍ତ କମ୍ପାନୀ କବ୍‌ଜାରେ । ଲୋକେ ବିସ୍ଥାପିତ ହୋଇ ଅନ୍ୟତ୍ର ବସବାସ କଲେ ନିଜର ଗ୍ରାମଦେବୀଙ୍କୁ ନେଇଯାଆନ୍ତେ । ହେଲେ ବେଦାନ୍ତ କମ୍ପାନୀ ତାହା ବି କରାଇ ଦେଉନାହିଁ। ସ୍ଥାନୀୟ ଅଞ୍ଚଳରେ ରାସ୍ତାଘାଟର ଅବସ୍ଥା ବି ଅତ୍ୟନ୍ତ ଗୁରୁତର । ବେଦାନ୍ତର ଭାରିଯାନ ଚଳାଚଳ ଯୋଗୁଁ ଯେତେଥର ରାସ୍ତା ନିର୍ମାଣ କଲେ ତାହା ନଷ୍ଟହୋଇ ଯାଉଛି । କାତିକେଲା ପାଉଁଶ ପୋଖରୀରୁ ବର୍ଜ୍ୟ ବସ୍ତୁକୁ ପାଖ ଗେଟରେ କମ୍ପାନୀ ଭିତରକୁ ପ୍ରବେଶ କରାଯାଉଥିଲା । କିନ୍ତୁ ଏବେ ଆହୁରି ଏକ କିଲୋମିଟର ବଢଶଇ ତାକୁ ଗାଁ ପାଖରେ ପହଞ୍ଚାଇ ଦିଆଯାଇଛି । ବେଦାନ୍ତ କମ୍ପାନୀର ୧୫ତମ ଆରପିଡିଏସି ବୈଠକରେ ଗତବର୍ଷ ଜାନୁୟାରୀ ମାସରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସବୁ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ହେଲେ ବର୍ଷେ ପରେ ବି ବେଦାନ୍ତ କମ୍ପାନୀ ଏହି ନିଷ୍ପତ୍ତିକୁ ପାଳନ କଲାନାହିଁ । ଫଳରେ ଏବେ ଗ୍ରାମାବାସୀମାନେ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହେବା ଦାବିରେ ବେଦାନ୍ତ କମ୍ପାନୀକୁ ଆର୍ଥିକ ଅବରୋଧ କରିବାପାଇଁ ଆଜି ଠାରୁ କମ୍ପାନୀ ଫାଟକ ଆଗରେ ଧାରଣା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଜରିଆରେ ନିବେଦନ କରିଛନ୍ତି ।

## 'ଆଦର୍ଶ ମହିଳା ପ୍ରବାସୀ: ମହିଳାଙ୍କ ନେତୃତ୍ୱ ଓ ପ୍ରଭାବ-ନାରୀଶକ୍ତି'

# ବିକଶିତ ଭାରତ ନିର୍ମାଣରେ ନାରୀ ଶକ୍ତି ନିର୍ଣ୍ଣାୟକ



**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ବିକଶିତ ଭାରତ ନିର୍ମାଣରେ ନାରୀ ଶକ୍ତି ନିର୍ଣ୍ଣାୟକ ଭୂମିକା ନେଉଛି। ତେଣୁ ନାରୀ ପୁରୁଷ ଲିଙ୍ଗଗତ ବିବିଧତାକୁ ଆଧାରକୁ ନ ନେଇ ବିଭିନ୍ନ କ୍ଷେତ୍ରରେ ଦକ୍ଷତାକୁ ଗୁରୁତ୍ୱ ଦେବା ସକାଶେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଆହ୍ୱାନ ଦେଇଛନ୍ତି। ଆଜି ଏଠାରେ ଚାଲିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀର ଅନ୍ତିମ ଦିବସରେ 'ଆଦର୍ଶ ମହିଳା ପ୍ରବାସୀ: ମହିଳାଙ୍କ ନେତୃତ୍ୱ ଓ ପ୍ରଭାବ-ନାରୀଶକ୍ତି' ପ୍ରସଙ୍ଗ ଆଧାରିତ ପୂର୍ଣ୍ଣାଙ୍ଗ ଅଧିବେଶନରୁ ପ୍ରାରମ୍ଭ ହୋଇଥିଲା। ଏହି ଅଧିବେଶନରେ ଅଧ୍ୟକ୍ଷତା କରି ଶ୍ରୀ ଜୟଶଙ୍କର କହିଛନ୍ତି ଯେ ମହିଳାମାନଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ, ଶିକ୍ଷା ସୁନିଶ୍ଚିତ କରିବା ସହ ସାମାଜିକ ବୈଷମ୍ୟ ଦୂର କରି ସେମାନଙ୍କ ଦକ୍ଷତାକୁ ଉଚିତ ସମ୍ମାନ ଜଣାଇବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଭାରତ ସରକାରଙ୍କ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାତୃତ୍ୱକାଳୀନ ଛୁଟି ଅବଧିକୁ ୨୬ ସପ୍ତାହକୁ ବୃଦ୍ଧି, ମୁଦ୍ରା ଯୋଜନାରେ ୩୦ କୋଟି ମହିଳା ଉଦ୍ୟୋଗୀଙ୍କୁ ଋଣ, ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାଙ୍କ ସଂଖ୍ୟାରେ ୨୮ ପ୍ରତିଶତ ବୃଦ୍ଧି, ସୁକନ୍ୟା ସମୃଦ୍ଧି ଯୋଜନାରେ ୩୨ ନିୟୁତ ବ୍ୟାଙ୍କ ଖାତା ଖୋଲାଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ୧୦୦ ନିୟୁତରୁ ଉର୍ଦ୍ଧ୍ୱ ଧୂମ୍ରମୁକ୍ତ ପାକଶାଳା, ୪୦ ନିୟୁତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ମଧ୍ୟରେ ୭୨ % ମହିଳା ଥିବା ସେ ପ୍ରକାଶ କରିଥିଲେ। ମହିଳା ସଶକ୍ତିକରଣ ସହିତ ମହିଳା ନେତୃତ୍ୱ ଦ୍ୱାରା ବିକାଶକୁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦର୍ଶ ମହିଳା ପ୍ରବାସୀମାନଙ୍କୁ ସେ ପ୍ରଶଂସା କରିବା ସହ ସେମାନଙ୍କ ଉପଲବ୍ଧି ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ଜି-୨୦ ସମ୍ମେଳନ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ମହିଳାମାନଙ୍କ ଦକ୍ଷତା ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତରେ ଏହି ବିଶ୍ୱ ସମ୍ମିଳନୀକୁ ଏକ ମଞ୍ଚ ଭାବେ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିବା ସେ ସ୍ମରଣ କରିଥିଲେ।

ଇସ୍ରୋର ବୈଜ୍ଞାନିକ ତଥା ଭାରତର ରକେଟ୍ ମହିଳା ଭାବେ ପରିଚିତ ଡ. ରିତୁ କରିଧାଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଅଧିବେଶନରେ ଜାମାଇକା ପ୍ରୋମୋସନ୍ସ କର୍ପୋରେସନର ଅଧ୍ୟକ୍ଷା ଶୁଲ୍ଲେଟ୍ କକ୍ସ, ପିଟି ଇନ୍‌ଫୋଟେକ ସଲ୍ୟୁସନର ନିର୍ଦ୍ଦେଶିକା ଓ ସହସ୍ୱତ୍ୱାଧିକାରିଣୀ, ଜାକର୍ତ୍ତାର ଇଣ୍ଡୋଇଣ୍ଡିଆନ୍ସ ଡଟ୍ କମ୍‌ର ସଂସ୍ଥାପିକା, ଇଣ୍ଡୋନେସିଆ ଇଣ୍ଡିଆ ବିଜନେସ୍ ଫୋରମ (ଆଇଆଇବିଏଫ) ଅଧ୍ୟକ୍ଷା ତଥା ଅନ୍ତଃରାଷ୍ଟ୍ରୀୟ ମହିଳାଙ୍କ ଔଦ୍ୟୋଗିକ ସମସ୍ୟାର ବୈଶ୍ୱିକ ରାଜଦୂତ ପୁନମ ସାଗର, ତାଞ୍ଜାନିଆରେ ବିବିଧ କମ୍ପାନୀସମୂହର ପ୍ରତିଷ୍ଠାତା, ଖ୍ୟାତନାମା ଉଦ୍ୟୋଗପତି ତଥା ବିଶିଷ୍ଟ ସାମାଜିକ କର୍ମୀ ସୁଧା ମାଜିଥିଆ, ପ୍ରଥମ ମହିଳା ପଣ୍ଡିତ ଭାବେ ପରିଚିତ ବିଶିଷ୍ଟ ଶିକ୍ଷା, ସଂସ୍କୃତି ଏବଂ ନାରୀଶକ୍ତି କର୍ମୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ- ତ୍ରିନିଦାଦ ଓ ଟୋବାଗୋର ପ୍ରାଧ୍ୟାପିକା ଡ. ଇନ୍ଦ୍ରାଣୀ ରାମ ପରସାଦ, ବନ୍ୟା ପ୍ରଶମନ ଓ ଭିନ୍ନ ଭିନ୍ନ ଟିମ ସହବନ୍ଧନରେ ପର୍ଯ୍ୟଟନ ସ୍ଥଳୀ ପୁନରୁଦ୍ଧାର ସମ୍ପର୍କିତ ଅଭିଜ୍ଞ ମୈତ୍ରୀ ଯୋଶୀ, ଦୋହା ମାର୍କେଟରେ ଅଭିନବ ବ୍ୟବସାୟିକ ଅନୁଭବ ସହ ବଳିଷ୍ଠ ଲୋକସମ୍ପର୍କ ଦକ୍ଷତାସମ୍ପନ୍ନ ସକଲା ଆସ୍ୱାଚ୍ୟୁ ଦେବ୍ରାଜ୍, ଭାରତର ସମୃଦ୍ଧ ହସ୍ତଶିଳ୍ପକୁ ବିଦେଶରେ ଅନେକ ବିକ୍ରୟସ୍ଥଳ ଶୃଙ୍ଖଳର ସ୍ୱତ୍ୱାଧିକାରିଣୀ ଥିବା ସ୍ଲୋଭେନିଆର କୋକି ଭେବେର, ନରୱେର ସେଣ୍ଟର ଫର ଡାଇଭର୍ସିଟି ଲିଡରଶିପ 'ସୀମା'ର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଲଭଲିନ ବ୍ରେନ୍ନା ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ଅନୁଭବ ଓ ମୂଲ୍ୟବାନ ମତ ରଖିଥିଲେ।

# ୯ ରୁଟ୍‌ରେ ୧୩ ବସ୍ ସେବା ଆରମ୍ଭ

**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ଓଏସ୍‌ଆରଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ୯ଟି ନୂତନ ରୁଟ୍‌ରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭର୍ଚୁଆଲ ମୋଡରେ ଏହାର ଉଦଘାଟନ କରିଛନ୍ତି। ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ। ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହ, କୁନ୍ଦୁରାକୁ କଟକ ସହ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ସଂଯୋଗ କରିବ। ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା, ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ବିଧାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନ ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ: ଧର୍ମେନ୍ଦ୍ର




**ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଶୁକ୍ରବାର ପ୍ରବାସୀ ଭାରତୀୟ ସମ୍ମେଳନର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ହଜାର ହଜାର ବର୍ଷ ଧରି ଓଡ଼ିଶାରୁ ପ୍ରବାସୀ ଓଡ଼ିଆ ମାନେ ଶ୍ରୀଲଙ୍କା ଓ ଦକ୍ଷିଣ-ପୂର୍ବ ଏସିଆରେ ବାଣିଜ୍ୟ ବ୍ୟବସାୟ କରିଥିଲେ । କାର୍ତ୍ତିକ ମାସରେ ଓଡ଼ିଆମାନେ ବେପାର ବାଣିଜ୍ୟ ପାଇଁ ବିଦେଶ ଯାଇଥାନ୍ତି ସେଥିପାଇଁ ତ ଆମେ ପ୍ରବାସୀ ଭାରତୀୟ । ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ପରମ୍ପରା ଏବେ ବି ବିଶ୍ୱରେ, ବିଶେଷ କରି ସାଉଥ୍ - ଇଷ୍ଟ ଏସିଆରେ ଦେଖାଯାଉଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବୋଦୟ ପାଇଁ ଆହ୍ୱାନ ଦେଇଛନ୍ତି । ଭାରତ ସରକାରଙ୍କ 'ଲୁକ୍ ଇଷ୍ଟ- ଆକ୍ଟ ଇଷ୍ଟ' ନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ ହୋଇଛି । ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି । ଏହା ହେଉଛି ବୁଦ୍ଧଙ୍କ ଭୂମି, ଶାନ୍ତିର ଭୂମି । ସମଗ୍ର ବିଶ୍ୱରେ ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି । ଯେତେବେଳେ ଓଡିଶାରେ କେହି ରାଜା ନଥିଲେ, ସେହି ସମୟରେ ଆମ ଓଡିଶାରେ ଗଣତନ୍ତ୍ର ଥିଲା । ଆମର ସମୂହ ତ୍ୟାଗ ବା ବଳିଦାନ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ୍ୟ କରିଥିଲା । ଏହି ଭୂମି ପୂର୍ବୋଦୟର ଉତ୍ପତ୍ତିସ୍ଥଳୀ ହେବ । ଶ୍ରୀ ପ୍ରଧାନ କହିଛନ୍ତି, ଆଜି ଆମ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରହିଛି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ରେ ଭାରତ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ । ଏହି ସମୟରେ ଆମକୁ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ । ଓଡ଼ିଶାର ବିକାଶ ହେଲେ ହିଁ ଭାରତର ବିକାଶ ହେବ। ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସିଥିବା ସମସ୍ତ ପ୍ରବାସୀଙ୍କୁ ଶ୍ରୀ ପ୍ରଧାନ ସ୍ୱାଗତ ଜଣାଇଛନ୍ତି । ରାଷ୍ଟ୍ରପତିଙ୍କ ଠାରୁ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପାଇଥିବା ସମସ୍ତ ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ପ୍ରଦାନ କରିଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସରେ ମାର୍ଗଦର୍ଶନ ପାଇଁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟ ଜୟଶଙ୍କରଙ୍କୁ ଧନ୍ୟବାଦ ଦେଇଛନ୍ତି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେବ ହୁଣ୍ଡାଇ କ୍ରେଟା ଇଭି




**ନୂଆଦିଲ୍ଲୀ, ୧୦।୧:** ହୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍ ଭାରତୀୟ ବଜାରରେ ଲଞ୍ଚ ହେବାକୁ ପ୍ରସ୍ତୁତ ହେଉଛି। ଅଟୋମେକର୍ସ ଏହି ଗାଡ଼ିର ଫିଚର୍ସଗୁଡ଼ିର ଲିଷ୍ଟ ପ୍ରକାଶ କରିଛନ୍ତି। ଏହା ସହିତ ଏସୟୁଭିର ଇଣ୍ଟେରିୟର ବିଷୟରେ ମଧ୍ୟ ପ୍ରକାଶ ପାଇଛି। ଏହି ଯଦି ଏହି ନୂଆ କାର୍ ମଡେଲକୁ ଷ୍ଟାଣ୍ଡାର୍ଡ କ୍ରେଟା ସହିତ ତୁଳନା କରାଯାଏ, ତେବେ ଏହି ଦୁଇଟି ମଡେଲରେ ଡିଜାଇନ୍ ଏବଂ ଫ୍ରଣ୍ଟ ଫିଚର୍ସରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳିବ। ହୁଣ୍ଡାଇର ଇଲେକ୍ଟ୍ରିକ୍ କାରରେ ସବୁଠାରୁ ବଡ଼ ପରିବର୍ତ୍ତନ କରାଯାଇଛି। ଅଟୋମେକର୍ସମାନେ ଏହି ଗାଡ଼ିକୁ ଷ୍ଟିୟରିଂ ହୁଇଲରେ ପରିବର୍ତ୍ତନ କରିଛନ୍ତି। କ୍ରେଟା ଇଭିର ଷ୍ଟିୟରିଂ ହୁଇଲ୍ ଷ୍ଟାଣ୍ଡାର୍ଡ ମଡେଲଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଛି। ହୁଣ୍ଡାଇ କ୍ରେଟା ଇଭି ମିଡ୍ ରେଞ୍ଜ ଏବଂ ଲଙ୍ଗ ରେଞ୍ଜ ଭଳି ଦୁଇଟି ବ୍ୟାଟେରୀ ପ୍ୟାକ୍ ସହିତ ଆସିବାକୁ ଯାଉଛି। ଏହି ଗାଡ଼ିରେ ଥିବା ୪୨ କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍ ସହିତ ୩୯୦ କିଲୋମିଟରର ରେଞ୍ଜ ମିଳିବ। ଏହି କାର୍ ୧୩୫ ପିଏସର ପାୱାର ମଧ୍ୟ ଜେନେରେଟ୍ କରିଥାଏ। ଏଥି ସହିତ ଏହି କାର୍ ୫୧.୪ କେଡବ୍ଲ୍ୟୁଏଚର ବ୍ୟାଟେରୀ ପ୍ୟାକ୍ ସହିତ ୪୭୩ କିଲୋମିଟର ଦୂରତା ଅତିକ୍ରମ କରିବାକୁ ଦାବି କରିଛି। ଗାଡ଼ିରେ ଥିବା ଏହି ବ୍ୟାଟେରୀ ପ୍ୟାକ୍ ୧୭୧ ପିଏସର ପାୱାର ମିଳିଥାଏ।

ହୁଣ୍ଡାଇର ଏହି ଇଲେକ୍ଟ୍ରିକ୍ କାରକୁ ଡିସି ଫାଷ୍ଟ ଚାର୍ଜରରେ ଚାର୍ଜ କରିଲେ ମେବଳ ୫୮ ମିନିଟରେ ୧୦ ରୁ ୮୦% ଚାର୍ଜ ହୋଇପାରିବ। ହୁଣ୍ଡାଇର ଏହି ନୂଆ କାରରେ ଅନେକ ଦମଦାର୍ ଫିଚର୍ସ ମଧ୍ୟ ସାମିଲ ଅଛି। ଆସନ୍ତୁ ଜାଣିବା ଏହି ଫିଚର୍ସ ବିଷୟରେ। ହୁଣ୍ଡାଇ କ୍ରେଟା ଇଭି ଡିଜିଟାଲ୍ କି ସହିତ ଆସୁଛି, ଯାହା ଆପଣ ଏହି କାରକୁ ନିଜ ସ୍ମାର୍ଟଫୋନରେ ଲକ୍ କିମ୍ବା ଅନ୍ ଲକ୍ କରିପାରିବେ। କ୍ରେଟା ଇଭି ରେ ଭି୨ଏଲ କିମ୍ବା ହୁଇକଲ୍ ଟୁ-ଲୋଡର ଫିଚର୍ସ ମଧ୍ୟ ସାମିଲ ଅଛି। ଏଥି ସହିତ ଆହୁରି ଅନେକ ଗ୍ୟାଜେଟ୍ ଚାର୍ଜ କରିପାରିବେ। ଏହି କାରରେ ଏଡିଏଏସ ସହିତ ରେଜେନେରେଟିଭ୍ ବ୍ରେକିଂ ସିଷ୍ଟମ୍ ରହିଛି। ଏହାର ବ୍ୟବହାର ଗାଡ଼ିର ରେଞ୍ଜ ବଢ଼ାଇବାରେ ସାହାଯ୍ୟ କରେ। କ୍ରେଟା ଇଭି ରେ ଗିୟର ସିଲେକ୍ଟର ସହିତ ନୂଆ ସିଫ୍ଟ-ବାଇ-ୱାୟାର୍ ସିଷ୍ଟମ୍ ଦିଆଯାଇଛି। କ୍ରେଟାର ଆଇଇ ଭ୍ୟାରିଆଣ୍ଟରେ ଡୁଆଲ ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ରହିଛି। ଏଥି ସହିତ କ୍ରେଟା ଇଲେକ୍ଟ୍ରିକରେ ଡ୍ରାଇଭର-ଓନଲି ମୋଡ୍ ସହିତ ଟଚ ଟାଇପ୍ ଡୁଆଲ ଜୋନ୍ ଅଟୋମେଟିକ୍ ଟେମ୍ପ୍ରେଚର କଣ୍ଟ୍ରୋଲର ଫିଚର ସାମିଲ ଅଛି। ହୁଣ୍ଡାଇ କ୍ରେଟା ଇଭି ର ପ୍ରାଇସ୍ ବିଷୟରେ ଏପର୍ଯ୍ୟନ୍ତ କିଛି ସୂଚନା ଦିଆଯାଇ ନାହିଁ। ଏହି ଗାଡ଼ିର ପ୍ରାଇସ୍ କେବଳ ଲଞ୍ଚ ସମୟରେ କୁହାଯାଇପାରେ। ହୁଣ୍ଡାଇର ଇଲେକ୍ଟ୍ରିକ୍ କାର୍ ଜାନୁଆରୀ ୧୭ ରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ଲଞ୍ଚ କରାଯାଇପାରେ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୮୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୯ ହଜାର ୪୭୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୬୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୯, ୨୦୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୮୫ ଟଙ୍କା ଓ ୭୯, ୪୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୩,୦୦୦ ଟଙ୍କା ଓ ୭୯, ୬୨୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୮୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୯, ୪୭୦ ଟଙ୍କା ଥିବା ରେକର୍ଡ ହୋଇଛି ।

ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୮୬୦ ଟଙ୍କା ଓ ୭୯, ୪୭୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୩,୫୦୦ ହଜାର ଟଙ୍କା ହୋଇଛି ।

# ଦେଶ ଛାଡ଼ିବେ ଲକ୍ଷେ ୪୨ହଜାର ଧନୀ

**ନୂଆଦିଲ୍ଲୀ, ୧୦।୧:** ଉନ୍ନତ ସୁବିଧାସୁଯୋଗ ଓ ସୁରକ୍ଷା ଥିବା ଦେଶରେ ବସବାସ କରିବା ଲାଗି ୨୦୨୫ରେ ସାରା ବିଶ୍ୱରୁ ୧,୪୨,୦୦୦ଧନୀ ବ୍ୟକ୍ତି ନିଜ ଦେଶ ଛାଡ଼ିବେ। ହେନ୍‌ଲି ଆଣ୍ଡ୍ ପାର୍ଟନର୍ସ ପକ୍ଷରୁ ଏହି ଆକଳନ କରାଯାଇଛି। ୨୦୨୩ରେ ୧,୩୪,୦୦୦ ଧନୀ ବ୍ୟକ୍ତି ନିଜ ଦେଶ ଛାଡ଼ି ବିଦେଶ ପଳାୟନ କରିଥିଲେ। ଚଳିତ ବର୍ଷ ଆହୁରି ଅଧିକ ଲୋକ ଦେଶ ଛାଡ଼ିବେ। ସେମାନେ ବସବାସ ଲାଗି ମୁଖ୍ୟତଃ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ), ଆମେରିକା ଓ ଇଟାଲିକୁ ବାଛିବେ। ଆଶ୍ଚର୍ଯ୍ୟର ବିଷୟ ହେଉଛି ବହୁ ସଂଖ୍ୟାରେ ଧନୀ ଲୋକ ବ୍ରିଟେନ୍‌ରୁ ପଳାୟନ କରିବେ। ଗତ କିଛି ବର୍ଷ ହେଲା ଦେଶ ଛାଡ଼ି ପଳାୟନ କରୁଥିବା ଧନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୫ରେ ସାରା ବିଶ୍ୱରୁ ମାତ୍ର ୫୧ ହଜାର ଲୋକ ଦେଶ ଛାଡ଼ିଥିଲେ। ୨୦୨୫ ସୁଦ୍ଧା ତାହା ୧୭୮ ପ୍ରତିଶତ ବୃଦ୍ଧି ପାଇ ୧.୪୨ ଲକ୍ଷରେ ପହଞ୍ଚିବ। ବସବାସ ଲାଗି ନିଜ ଦେଶ ଛାଡ଼ି ବିଦେଶ ମାଟିକୁ ବାଛିବା ପଛରେ ଅନେକ କାରଣ ରହିଛି। ସେଗୁଡ଼ିକ ମଧ୍ୟରେ ରହିଛି ବିଶ୍ୱବ୍ୟାପୀ ଅଶାନ୍ତି, ଭୂ-ରାଜନୈତିକ ସଙ୍କଟ, ଆର୍ଥିକ ଅସ୍ଥିରତା, ଡିଜିଟାଲ୍ ଦୁନିଆ ଓ ପ୍ରବାସୀଙ୍କୁ ଆକୃଷ୍ଟ କରିବା କାର୍ଯ୍ୟକ୍ରମ। ବର୍ତ୍ତମାନ ଡିଜିଟାଲ୍ ଦୁନିଆରେ ବିଶ୍ୱର ଯେକୌଣସି ସ୍ଥାନରେ ରହି ଯୋଗାଯୋଗ ସମ୍ଭବ ହୋଇପାରୁଛି।

ଫଳରେ ପୂର୍ବରୁ ଯେଉଁ ପ୍ରତିବନ୍ଧକଗୁଡ଼ିକ ଥିଲା ତାହା ଦୂର ହୋଇଛି। ଧନୀ ଲୋକମାନେ ଉତ୍ତମ ଜୀବନଶୈଳୀ, ଦୃଢ଼ ଭିତ୍ତିଭୂମି, ଉଚ୍ଚତର ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଥିବା ଦେଶଗୁଡ଼ିକୁ ବସବାସ ଲାଗି ଚୟନ କରୁଛନ୍ତି। କୁହାଯାଉଛି ଯେ ୨୦୨୪ରେ ହୋଇଥିବା ନିର୍ବାଚନର ଫଳାଫଳ ଧନୀ ଲୋକମାନଙ୍କ ନିଷ୍ପତ୍ତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ସ୍ୱଚ୍ଛଳ ବର୍ଗର ଲୋକମାନେ ନିଜକୁ ସୁହାଇବା ଭଳି ସ୍ଥାନକୁ ପଳାଇବାକୁ ଚାହୁଛନ୍ତି। ମାଲ୍‌ଟା, ମୋନାକୋ, ସିଙ୍ଗାପୁର, ସ୍ୱିଜରଲ୍ୟାଣ୍ଡ ଓ ୟୁଏଇ ଭଳି ଦେଶ ଧନୀଙ୍କୁ ଆକର୍ଷିତ କରିବା ଲାଗି ଲୋଭନୀୟ ଯୋଜନା ପ୍ରସ୍ତୁତ କରିଛନ୍ତି। ସେମାନେ ନିବେଶ ଉପରେ ଟିକସ ଲାଭ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ଦେଉଛନ୍ତି। ଯେଉଁ ଦେଶଗୁଡ଼ିକ ରିଅଲ ଇଷ୍ଟେଟ୍‌ରେ ନିବେଶ ସୁବିଧା ଦେଉଛନ୍ତି, ଅଧିକାଂଶ ଧନୀ ସେହି ଦେଶକୁ ବସବାସ ଲାଗି ଚୟନ କରୁଛନ୍ତି। ପାରମ୍ପରିକ ଭାବେ ଧନୀ ଲୋକମାନଙ୍କ ପସନ୍ଦର ସ୍ଥାନ ଥିବା ବ୍ରିଟେନ୍ ଏହାର ଚମକ ହରାଇବାରେ ଲାଗିଛି। ୨୦୨୨ରେ ବ୍ରିଟେନ୍‌ରୁ ୧୬୦୦, ୨୦୨୩ରେ ୩୨୦୦ ଓ ୨୦୨୪ରେ ୯୫୦୦ ଧନୀ ପଳାୟନ କରିଥିଲେ।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୦ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ରତନ ଟାଟା ଇନ୍‌ଷ୍ଟିଚ୍ୟୁଟ ବୋର୍ଡରେ ନୋଏଲଙ୍କ ୨ ଝିଅ ମାୟା ଏବଂ ଲିହ

**ନୂଆଦିଲ୍ଲୀ, ୧୦।୧:** ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟାଙ୍କ ଝିଅ ମାୟା ଏବଂ ଲିହ ଟାଟା ରତନ ଟାଟା ଇଣ୍ଡଷ୍ଟ୍ରିଆଲ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଆର୍‌ଟିଆଇଆଇ) ଟ୍ରଷ୍ଟି ବୋର୍ଡରେ ସାମିଲ ହୋଇଛନ୍ତି। ଇକୋନୋମିକ୍ସ ଟାଇମ୍ସ ଏ ନେଇ ଏକ ରିପୋର୍ଟ ପ୍ରକାଶ କରିଛି। ଏହା ଟାଟା ଗ୍ରୁପର ହୋଲ୍ଡିଂ କମ୍ପାନି ଟାଟା ସନ୍ସର ପ୍ରମୁଖ ସେୟାର ହୋଲ୍ଡରଙ୍କ ମଧ୍ୟରୁ ଅନ୍ୟତମ। ୨ ଭଉଣୀ ଅର୍ନାଜ କୋତୱାଲ ଏବଂ ଫ୍ରେଡି ତଲାତିଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଏହା ସହ ନୋଏଲ ଟାଟାଙ୍କ ପିଲାମାନେ ଟାଟା ଟ୍ରଷ୍ଟ ବୋର୍ଡରେ ସାମିଲ ହୋଇଛନ୍ତି।

ତେବେ ଏମାନେ ୨ ପ୍ରମୁଖ ଟ୍ରଷ୍ଟି ସାର ରତନ ଟାଟା ଟ୍ରଷ୍ଟ ଆଣ୍ଡ୍ ଆଲାଏଡ ଟ୍ରଷ୍ଟ ଏବଂ ସାର ଦୋରାବ୍‌ଜି ଟ୍ରଷ୍ଟ ଆଣ୍ଡ୍ ଆଲାଏଡ ଟ୍ରଷ୍ଟରେ ସାମିଲ ହୋଇନାହାନ୍ତି। ମାୟା ଟାଟା କ୍ୟାପିଟାଲରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଟାଟା ଡିଜିଟାଲ ଅଧିନ ଟାଟା ନ୍ୟୁ ଆପ୍ ପରିଚାଳନା ଟିମରେ କାର୍ଯ୍ୟ କରୁଛନ୍ତି। ସେହିଭଳି ଲିହ ଟାଟା ଇଣ୍ଡିଆନ ହୋଟେଲ୍ସରେ ଉପସଭାପତି ଭାବେ କାର୍ଯ୍ୟରତ। ସେ ଆଇଇ ବିଜନେସ ସ୍କୁଲରୁ ମାର୍କେଟିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସେବା ନିବୃତ ଟ୍ରଷ୍ଟି ଅର୍ନାଜ କୋତୱାଲ ବୋର୍ଡରେ ଏହି ପରିବର୍ତ୍ତନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସେ ଅନ୍ୟ ଟ୍ରଷ୍ଟିମାନଙ୍କୁ ଚିଠି ଲେଖିଛନ୍ତି। ନୂଆ ଟ୍ରଷ୍ଟି ନିଯୁକ୍ତ କରିବା ଲାଗି ଯେଉଁ ଭଳି ତାଙ୍କୁ ଇସ୍ତଫା ଦେବାକୁ କୁହାଗଲା ତାହା ଠିକ୍ ନ ଥିବା କହିଛନ୍ତି ଶ୍ରୀ କୋତୱାଲ।

## ସୋଭରେନ ଗୋଲ୍ଡ ବଣ୍ଡ୍ ସ୍କିମ୍ ବନ୍ଦ ହେବ ବଜେଟ୍‌ରେ ଆସିପାରେ ନୂଆ ସ୍କିମ୍




**ନୂଆଦିଲ୍ଲୀ ୯।୧:** କେନ୍ଦ୍ର ସରକାର ସୋଭରେନ ଗୋଲ୍ଡ ବଣ୍ଡ୍ ସ୍କିମ୍‌କୁ ବନ୍ଦ କରିପାରନ୍ତି। ଫେବ୍ରୁଆରି ପହିଲାରେ ଆସିବାକୁ ଥିବା ବଜେଟରେ ଏହି ସ୍କିମ ଉପରେ ନୂଆ ଘୋଷଣା ହୋଇପାରେ। ବିଶେଷଜ୍ଞଙ୍କ କହିବା ମୁତାବକ, ବଜେଟରେ ସୋଭରେନ ଗୋଲ୍ଡ ବଣ୍ଡ୍‌କୁ ନେଇ ନୂଆ ଆବଣ୍ଟନ ସମ୍ଭାବନା ନେଇ କମ୍ ରହିଛି। ସୁନା ଦର ବୃଦ୍ଧି ହୋଇଥିବାରୁ ଏହାକୁ ନଜରରେ ରଖି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିପାରନ୍ତି। ସିଏନ୍‌ବିସିର ଲକ୍ଷ୍ମଣ ରାଏ କହିଛନ୍ତି, ବିଗତ ବର୍ଷ ଗୁଡିକରେ ୧୮,୫୦୦ କୋଟି ଟଙ୍କା ବିନିଯୋଗରେ ସୋଭରେନ ଗୋଲ୍ଡ ବଣ୍ଡ୍ ସ୍କିମ୍ ଘୋଷଣା କରାଯାଇଛି। ଏହି ସ୍କିମରେ ୨.୫% ସୁଧହାର ଯୋଗୁ ଏବେ ସରକାରଙ୍କୁ କ୍ଷତି ସହିବାକୁ ପଡୁଛି। ଏହାକୁ ଦେଖିଲେ ଯୋଜନାକୁ ଆଗକୁ ମଧ୍ୟ ଚଳାଇବା ନେଇ ଆଶା କ୍ଷୀଣ ରହିଛି। ସୁନା ଆମଦାନି କମାଇବା ଲାଗି ସରକାର ୨୦୧୫ରେ ଏହାକୁ ଲାଗୁ କରିଥିଲେ।

# ତୈଳ କମ୍ପାନିଙ୍କୁ ମିଳିବ ୩୫,୦୦୦ କୋଟିର ସବ୍‌ସିଡି

## ଘରୋଇ ଏଲ୍‌ପିଜି ବିକ୍ରି ଉପରେ ହୋଇଥିବା କ୍ଷତିର ଭରଣା ହେବ



**ନୂଆଦିଲ୍ଲୀ, ୧୦।୧:** ଚଳିତ ଆର୍ଥିକବର୍ଷ ଇନ୍ଧନ ବିକ୍ରିରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକ ସହିଥିବା କ୍ଷତିଭରଣା ପାଇଁ କେନ୍ଦ୍ର ସରକାର ସେମାନଙ୍କୁ ୩୫,୦୦୦ କୋଟି ଟଙ୍କାର ସବ୍‌ସିଡି ଯୋଗାଇଦେବେ। ଭାରତୀୟ ତୈଳ ନିଗମ(ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେଶନ୍ ଲିମିଟେଡ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ୍ ଲିମିଟେଡ୍ (ଏଚ୍‌ପିସିଏଲ୍) ୨୦୨୪ ମାର୍ଚ୍ଚରୁ ୧୪.୨ କିଲୋଗ୍ରାମଯୁକ୍ତ ଘରୋଇ ଏଲ୍‌ପିଜି ଦରକୁ ସିଲିଣ୍ଡର ପିଛା ୮୦୩ ଟଙ୍କାରେ ଅପରିବର୍ତ୍ତିତ ରଖିଛନ୍ତି। କଞ୍ଚାମାଲ ଦର ବୃଦ୍ଧି ସତ୍ତ୍ୱେ କମ୍ପାନିଗୁଡ଼ିକ ଦରରେ କୌଣସି ପରିବର୍ତ୍ତନ କରିନାହାନ୍ତି।ଫଳରେ ଏଲ୍‌ପିଜି ବିକ୍ରିରେ କ୍ଷତି ସହିଛନ୍ତି। ଏଥିଯୋଗୁ ୨୦୨୪-୨୫ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ କମ୍ପାନିଗୁଡ଼ିକର ଆୟରେ ବଡ଼ ହ୍ରାସ ଘଟିଛି।

ଚଳିତ ଆର୍ଥିକବର୍ଷ ଏଲ୍‌ପିଜି ବିକ୍ରିରେ କମ୍ପାନିଗୁଡ଼ିକର କ୍ଷତି ପ୍ରାୟ ୪୦,୫୦୦ କୋଟି ଟଙ୍କା ରହିବ ବୋଲି ଅନୁମାନ କରାଯାଇଛି। ଏହାର ଭରଣାପୂର୍ବକ କେନ୍ଦ୍ର ସରକାର ୩୫,୦୦୦ କୋଟି ଟଙ୍କା ପ୍ରଦାନ କରିବେ। ଦୁଇଟି ଆର୍ଥିକବର୍ଷରେ ଏହି ରାଶି ଯୋଗାଇ ଦିଆଯିବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀଜଣକ କହିଛନ୍ତି ଯେ, ଆଇଓସି, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ଚଳିତ ଆର୍ଥିକବର୍ଷରେ ୧୦,୦୦୦ କୋଟି ଟଙ୍କା ଏବଂ ପରବର୍ତ୍ତୀ ଆର୍ଥିକବର୍ଷରେ ଅବଶିଷ୍ଟ ୨୫,୦୦୦ କୋଟି ଟଙ୍କା ପାଇବେ। ଫେବ୍ରୁଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକବର୍ଷର ବଜେଟ୍‌କୁ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏଥିରେ ଏହି ସବ୍‌ସିଡି ବ୍ୟବସ୍ଥା କରାଯିବ। ବର୍ତ୍ତମାନ ୧୪.୨ କିଲୋଗ୍ରାମଯୁକ୍ତ ଘରୋଇ ଏଲ୍‌ପିଜି ସିଲିଣ୍ଡର ୮୦୩ ଟଙ୍କାରେ ବିକ୍ରି କରାଯାଉଛି। ସୂତ୍ରରୁ ଜଣାଯାଇଛି ଯେ, ସିଲିଣ୍ଡର ପିଛା କମ୍ପାନିଗୁଡ଼ିକ ପ୍ରାୟ ୨୪୦ ଟଙ୍କାର କ୍ଷତି ସହୁଛନ୍ତି। ଉଚ୍ଚ ବଜାର ଦରରୁ ଖାଉଟିଙ୍କୁ ଆଶ୍ୱସ୍ତି ଦେବା ପାଇଁ ଘରୋଇ ଏଲ୍‌ପିଜି ଦର କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ରହିଛି। ନିୟନ୍ତ୍ରିତ ଦର ସାଉଦି ସିପି(ଘରୋଇ ଏଲ୍‌ପିଜିର ଦର ନିର୍ଦ୍ଧାରଣ ପାଇଁ ବ୍ୟବହାର ହେଉଥିବା ଅନ୍ତରାଷ୍ଟ୍ରୀୟ ମାପକ)ଠାରୁ କମ୍। ଏଥିପାଇଁ ଇନ୍ଧନ ଯୋଗାଣକାରୀମାନେ ଏଲ୍‌ପିଜି ବିକ୍ରିରେ କ୍ଷତି ସହୁଛନ୍ତି। ନିୟମିତ ବ୍ୟବଧାନରେ କେନ୍ଦ୍ର ସରକାର ଆଇଓସି, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍‌କୁ ସେମାନଙ୍କ କ୍ଷତିଭରଣା କରିଥାନ୍ତି। ୨୦୨୧-୨୨ ଏବଂ ୨୦୨୨- ୨୩ରେ ଏହି କମ୍ପାନିତ୍ରୟଙ୍କୁ ୨୨,୦୦୦ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲା। ଆଲୋଚ୍ୟ ସମୟରେ କମ୍ପାନି ତ୍ରୟଙ୍କ କ୍ଷତି ପରିମାଣ ଥିଲା ୨୮,୨୪୯ କୋଟି ଟଙ୍କା। ଚଳିତ ଆର୍ଥିକବର୍ଷ ପାଇଁ ଏହି କମ୍ପାନି ତ୍ରୟ ୪୦,୫୦୦ କୋଟି ଟଙ୍କାର କ୍ଷତି ସହିବେ ବୋଲି ଆକଳନ କରାଯାଇଥିବାବେଳେ ଏଥିମଧ୍ୟରୁ ଆଇଓସିର ଅଂଶ ୧୯,୫୫୦ କୋଟି ଟଙ୍କା, ଏଚ୍‌ପିସିଏଲ୍‌ର ୧୦,୫୭୦ କୋଟି ଏବଂ ବିପିସିଏଲ୍‌ର ୧୦,୪୦୦ କୋଟି ଟଙ୍କା ରହିପାରେ ବୋଲି ଅନୁମାନ କରାଯାଇଛି। ୨୦୨୪ ମାର୍ଚ୍ଚ ୯ରୁ ଘରୋଇ ଏଲ୍‌ପିଜି ଦର ଅପରିବର୍ତ୍ତିତ ରହିଛି। ସାଧାରଣ ନିର୍ବାଚନ ଘୋଷଣାର ଠିକ୍ ପୂର୍ବରୁ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ଦର ୧୦୦ ଟଙ୍କା ହ୍ରାସ କରାଯାଇଥିଲା। ସୂତ୍ର ଅନୁସାରେ, ୨୦୨୪ରେ ଅନ୍ତର୍ଜାତୀୟ ବଜାରରେ ଏଲ୍‌ପିଜି ଦର ଉଚ୍ଚ ରହିଛି।

## ଆସନ୍ତା ଆର୍ଥିକ ବର୍ଷରେ ୬.୮% ଛୁଇଁବ ଅଭିବୃଦ୍ଧି: ବ୍ୟାଙ୍କ ଅଫ୍ ବରୋଦା

**ନୂଆଦିଲ୍ଲୀ, ୧୦।୧:** ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶ ୬.୮% ଅଭିବୃଦ୍ଧି ହାସଲ କରିବ। ଘରୋଇ ବଜାରର ବିଭିନ୍ନ କ୍ଷେତ୍ର ଏବେ ଦୃଢ଼ତା ଦେଖାଉଛନ୍ତି। ଏହାକୁ ଦେଖିଲେ ଦେଶର ଜିଡିପି ଦୃଢ଼ ଭାବେ ଅଗ୍ରସର ହେବ ବୋଲି ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏହାର ରିପୋର୍ଟରେ କୁହାଯାଇଛି। ଦେଶର ନୋମିନାଲ ଜିଡିପି ୧୦.୫% ବଢ଼ିବା ନେଇ ଏହି ରିପୋର୍ଟରେ ଆକଳନ କରାଯାଇଛି। ପାସେଞ୍ଜର ଯାନ ବିକ୍ରି, ସେବା କ୍ଷେତ୍ର ଅଭିବୃଦ୍ଧି ଏବଂ ଜିଏସ୍‌ଟି ସଂଗ୍ରହ ଭଳି ଦିଗଗୁଡିକ ଦେଶର ଅର୍ଥନୀତିର ଦୃଢ଼ ସ୍ଥିତିକୁ ଦର୍ଶାଉଛି। ସେହିଭଳି ରବି ଫସଲ ଉନ୍ନତ ହେବା ଯୋଗୁ ଏହା ଅର୍ଥନୀତି ଉପରେ ଉନ୍ନତ ପ୍ରଭାବ ପକାଇବ ବୋଲି ଏହି ରିପୋର୍ଟରେ କୁହାଯାଇଛି।

## ସ୍ତ୍ରୀଙ୍କ ବଦଳରେ ମାଆଙ୍କ ନାମରେ କରନ୍ତୁ ଏଫଡି, ମିଳିବ ବମ୍ପର ରିଟର୍ଣ୍ଣ

**ନୂଆଦିଲ୍ଲୀ, ୧୦।୧:** ଅଧିକାଂଶ ଲୋକ ଫିକ୍ସଡ ଡିପୋଜିଟରେ ବିନିଯୋଗ କରିବାକୁ ପସନ୍ଦ କରନ୍ତି, କାରଣ ସେମାନେ ଫିକ୍ସଡ ରିଟର୍ଣ୍ଣ ପାଆନ୍ତି ଓ ଆପଣଙ୍କର ବିନିଯୋଗ ପରିମାଣ ସୁରକ୍ଷିତ ରହିଥାଏ। କିନ୍ତୁ ଯଦି ଆପଣ ଫିକ୍ସଡ ଡିପୋଜିଟ ଉପରେ ଅଧିକ ରିଟର୍ନ ପାଇବାକୁ ଚାହୁଁଛନ୍ତି, ତେବେ ଏଥିପାଇଁ ମଧ୍ୟ ଏକ ଉପାୟ ଅଛି। ପ୍ରାୟତଃ ଲୋକମାନେ ଟ୍ୟାକ୍ସ ସଞ୍ଚୟ କରିବାକୁ ନିଜ ସ୍ତ୍ରୀଙ୍କ ନାମରେ ଏଫଡି କରନ୍ତି। ଯଦି ଆପଣ ଏଫଡିରେ ସର୍ବାଧିକ ରିଟର୍ନ ପାଇବାକୁ ଚାହାଁନ୍ତି, ତେବେ ସ୍ତ୍ରୀଙ୍କ ବଦଳରେ ଆପଣ ଆପଣଙ୍କ ମା'ଙ୍କ ନାମରେ (ଏଫଡି ନିବେଶ) କରନ୍ତୁ।ଯାହା ଅପାଣଙ୍କୁ ବମ୍ପର ଲାଭ ଦେବା ସହ ରିଟର୍ନ ମଧ୍ୟ ଦେବ। ସ୍ତ୍ରୀଙ୍କ ନାମରେ ଏଫଡି କଲେ ଆପଣ ନିଶ୍ଚିତ ଭାବରେ ଟ୍ୟାକ୍ସ ସଞ୍ଚୟ କରିପାରିବେ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଏଥିରେ ଆପଣ ଯେତେ ସୁଧ ପାଇବେ ନିଜ ନାମରେ କଲେ ମଧ୍ୟ ସେତିକି ସୁଧ ମିଳିବ। କିନ୍ତୁ ଯଦି ଆପଣ ଆପଣଙ୍କ ମା'ଙ୍କ ନାମରେ ଏଫଡି କରନ୍ତି, ତେବେ ଏହା ଉପରେ ଅଧିକ ସୁଧ ମିଳିବ। କିନ୍ତୁ ବିଶେଷ ଧ୍ୟାନ ଦିଅନ୍ତୁ ଯେ ଯଦି ଆପଣଙ୍କର ମାଙ୍କ ବୟସ ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ, ଅର୍ଥାତ ସେ ଜଣେ ବରିଷ୍ଠ ନାଗରିକ, ତେବେ କେବଳ ତାଙ୍କ ନାମରେ ଏଫ୍ଡି କରି ଆପଣ ୦.୫୦ ପ୍ରତିଶତ ଅଧିକ ରିଟର୍ନର ଲାଭ ପାଇପାରିବେ। ଯଦି ଆପଣଙ୍କର ମା'ର ବୟସ ୮୦ କିମ୍ବା ତା'ଠାରୁ ଅଧିକ ଅର୍ଥାତ ସେ ଜଣେ ସୁପର ସିନିୟର ନାଗରିକ, ତେବେ ଆପଣ ୦.୭୫ ରୁ ୦.୮୦ ପ୍ରତିଶତ ଅଧିକ ସୁଧ ପାଇପାରିବେ।

# ବର୍ଷକରେ ୮୧ହଜାର କାର୍ ବିକ୍ରି



**ଭୁବନେଶ୍ୱର, ୧୦।୧:** ନିକଟରେ ଶେଷ ହୋଇଥିବା ବର୍ଷ ୨୦୨୪ ଗାଡ଼ି ବଜାର ଲାଗି ଏକ ଭଲ ବର୍ଷ ସାବ୍ୟସ୍ତ ହୋଇଛି। ଏହି ବର୍ଷ ରାଜ୍ୟରେ ୮ ଲକ୍ଷ ୮ ହଜାର ୮୧୦ଟି ଗାଡ଼ି ବିକ୍ରି ହୋଇଥିଲା। ୨୦୨୩ରେ ସମୁଦାୟ ଗାଡ଼ି ବିକ୍ରି ୭,୩୭,୫୨୯ ଥିଲା। ଗତବର୍ଷ ରାଜ୍ୟରେ ୮୧,୪୯୮ଟି କାର୍ ବିକ୍ରି ହୋଇଛି ବୋଲି ଗାଡ଼ି ଡିଲରଙ୍କ ମହାସଂଘ ଏଫ୍‌ଏଡିଏ ଓଡ଼ିଶା ଶାଖା ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଛି। ବାର୍ଷିକ ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ୨୦୨୪ରେ ରାଜ୍ୟରେ ସବୁ ପ୍ରକାର ଗାଡ଼ିର ବିକ୍ରି ୨୦୨୩ ତୁଳନାରେ ବଢ଼ିଛି। ମୋଟ ବିକ୍ରି ୯.୬୬ ପ୍ରତିଶତ ବୃଦ୍ଧି ପାଇଛି। ଏହି ବର୍ଷ ୬,୪୩,୬୦୬ଟି ୨ଚକିଆ, ୨୩,୩୩୪ଟି ତିନିଚକିଆ, ୪୦,୨୯୮ଟି ବାଣିଜ୍ୟିକ ଯାନ ଓ ୨୦,୦୭୪ଟି ଟ୍ରାକ୍ଟର ବିକ୍ରି ହୋଇଛି। ୩ଚକିଆ ଗାଡ଼ି ବିକ୍ରିରେ ଅଭିବୃଦ୍ଧି ସର୍ବାଧିକ ୨୨.୨୩ ପ୍ରତିଶତ ରହିଛି। ୨୦୨୪ର ଶେଷ ମାସଟି କିନ୍ତୁ ଗାଡ଼ି ଡିଲର୍‌ମାନଙ୍କ ଲାଗି ଚିନ୍ତାର କାରଣ ପାଲଟିଥିଲା। ଗତବର୍ଷ ଡିସେମ୍ବରରେ ରାଜ୍ୟରେ ଗାଡ଼ି ବିକ୍ରି ୨୦୨୩ ତୁଳନାରେ ୧୯.୩୭ ପ୍ରତିଶତ ହ୍ରାସ ପାଇ ୫୦,୭୪୭କୁ ଖସିଆସିଥିଲା। ୩ଚକିଆକୁ ବାଦ୍ ଦେଲେ ଅନ୍ୟ ସବୁ ପ୍ରକାର ଗାଡ଼ିର ବିକ୍ରି ହ୍ରାସ ପାଇଥିଲା। ଡିସେମ୍ବରରେ ୨ଚକିଆ ବିକ୍ରି ୨୦.୯୧ ପ୍ରତିଶତ, ବାଣିଜ୍ୟିକ ଯାନ ୨୩.୪୯ ପ୍ରତିଶତ, କାର୍ ୧୫.୩୦ ପ୍ରତିଶତ ଓ ଟ୍ରାକ୍ଟର ବିକ୍ରି ୧୫.୮୮ ପ୍ରତିଶତ ହ୍ରାସ ପାଇଥିଲା। ଏ ସମ୍ପର୍କରେ ଏଫ୍‌ଏଡିଏ ଓଡ଼ିଶା ଶାଖାର ଅଧ୍ୟକ୍ଷ ଅଖିଲ ପୋଦାର କହିଛନ୍ତି ଯେ ଗ୍ରାମାଞ୍ଚଳରେ ଚାହିଦା କମ୍ ରହିବାରୁ ଡିସେମ୍ବର ଏକ ମନ୍ଥର ମାସ ସାବ୍ୟସ୍ତ ହୋଇଥିଲା। ପାଣିପାଗ ଓ ଫସଲ ହାନିର ପ୍ରଭାବ ମଧ୍ୟ ପଡ଼ିଥିଲା। ଧାନ କିଣା ବିଳମ୍ବ ହେବାର ପ୍ରଭାବ ମଧ୍ୟ ବଜାର ଉପରେ ପଡ଼ିଥିଲା। ଆଗାମୀ ଦିନରେ ସରକାରଙ୍କ ବ୍ୟୟ ବଢ଼ିଲେ ଜାନୁଆରିରେ ବଜାର ସ୍ଥିତିରେ ଉନ୍ନତି ଆସିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଉପଖଣ୍ଡସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ



**ପାଟଣାଗଡ,୧୦।୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ସ୍ତରୀୟ ଲୋକଉତ୍ସବ ଆଜି ପାଟଣାଗଡ ଗଙ୍ଗାଧର ପାର୍କ ରେ ଅନୁଷ୍ଠିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ରୂପେ ବଲାଙ୍ଗୀର ଏ ଡି ଏମ ପବିତ୍ର ମୋହନ ବେହେରା ଯୋଗଦେଇଥିଲେ । ଅନ୍ୟ ଅତିଥି ରୂପେ ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ପାଟଣାଗଡ ବିଡ଼ିଓ ସୁମନ ମିଞ୍ଜ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଉପସ୍ଥିତ ଥିଲେ ତା'ସହ ପାଟଣାଗଡ, ବେଲପଡା ଓ ଖପ୍ରାଖୋଲ ତହସିଲଦାର ଓ ପାଟଣାଗଡ ଅତିରିକ୍ତ ଜିଲ୍ଲାପାଳ ଆଦି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ବହୁତ ବିଳମ୍ବରେ ଆରମ୍ଭ ହୋଇଥିଲା ବେଳେ ଡ଼ାକିଥିବା କଳାକାର ଓ ଦର୍ଶକ ମାନେ ଭୋକ ରେ ଆଉଟୁ ପାଉଟୁ ହେଉଥିବା ଦେଖିବାକୁ ମିଳିଥିଲା ଆଉ ଗୋଟେ ଘଟଣା ଜେ ଯେତେବେଳେ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ ସେ ସମୟରେ ପାଟଣାଗଡ ବ୍ଲକ ଓ ଏନ ଏ ସି ଅଧ୍ୟକ୍ଷ ସହ ଖପ୍ରାଖୋଲ, ବେଲପଡା ବ୍ଲକ ଅଧ୍ୟକ୍ଷ ଙ୍କୁ ଷ୍ଟେଜ କୁ ଡକାଯାଇନଥିଲା ଆଉ କାର୍ଯ୍ୟକ୍ରମ ରେ ଷ୍ଟେଜ ରେ ସମ୍ମାନିତ ଓ ପୂଜାଅର୍ଚ୍ଚନା ପରେ ପାଟଣାଗଡ ଉପଜିଲ୍ଲାପାଳ ତାଙ୍କ ବକ୍ତବ୍ୟ ସମୟରେ ସମସ୍ତ ଲୋକ ପ୍ରତିନିଧି ବ୍ଲକ ଓ ଏନ ଏ ସି ଅଧ୍ୟକ୍ଷ ଙ୍କୁ ସଭାମଞ୍ଚ କୁ ଡାକିଥିଲେ କିନ୍ତୁ କେହି ମଞ୍ଚ କୁ ଆସିନଥିଲେ । ଏ ବିଷୟରେ ସାମ୍ବାଦିକ ବନ୍ଧୁମାନେ ଉପଜିଲ୍ଲାପାଳ ଙ୍କ ପ୍ରତିକ୍ରିୟା ନେବାରୁ ସେ କୌଣସି ଉତ୍ତର ଦେଇନଥିଲେ । ସଭା ସ୍ଥଳରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା କିନ୍ତୁ ଅଧ୍ୟକ୍ଷ ମାନଙ୍କ ଠାରୁ ସୂଚନା ମିଳିଛି ସେମାନଙ୍କୁ କାର୍ଯ୍ୟକ୍ରମ ର ପୂର୍ବଦିନ ୯ ତାରିଖ ରାତିରେ ଡାକିଥିବାରୁ ଆସି ନଥିବା ସୂଚନା ମିଳିଛି ।

## ଗଡ଼ଦେଉଳିଆରୁ ପୁରୁଣା ଅଭିଯୁକ୍ତ ଗିରଫ

**ବୈଶିଙ୍ଗା,୧୦।୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡ଼ଦେଉଳିଆରୁ ଦଶବର୍ଷ ପୁରୁଣା ଏକ ମୋକଦ୍ଦମାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ୨୦୧୫ ମସିହାରେ ଏହି ଗ୍ରାମର ନିଳକଣ୍ଠ ଭୂୟାଁ ଙ୍କ ପୁଅ ଗଗନ ଆର୍ଥିକ କାରବାର ଘଟଣାକୁ ନେଇ ଜନୈକ ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାରେ ବୈଶିଙ୍ଗା ଥାନାରେ ବିଭିନ୍ନ ଦଫାରେ ୧୪୭/୧୫ ନଂ ର ଏକ ମୋକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତେବେ ତଦନ୍ତ ଚାଲିଥିଲା ବେଳେ କୋର୍ଟଙ୍କ ବାରମ୍ବାର ନୋଟିସ ସତ୍ତ୍ୱେ ତଦନ୍ତରେ ସହଯୋଗ କରିନଥିବା ଦର୍ଶାଇ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଅଭିଯୁକ୍ତଙ୍କୁ ଗଡ଼ଦେଉଳିଆ ଗ୍ରାମରୁ ଗିରଫ ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବେତନଟୀ ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା।

# ଲୁହାପଥର ଲୁଟୁଛନ୍ତି ମାଫିଆ

## ନିଜ ମୁଣ୍ଡରୁ ଦୋଷ ହଟାଉଛି ଖଣି ବିଭାଗ




> ସବୁ ଦେଖି ନୀରବ ଜିଲ୍ଲା ପ୍ରଶାସନ
> ଲୋକ ଦେଖାଣିଆ ଭାବେ କିଛି ଗାଡି ଜବତ୍

**କେନ୍ଦୁଝର,୧୦।୧ (ସଂଚାର ବ୍ୟୁରୋ):** ଲୋକ ଦେଖାଣିଆ କିଛି ଗାଡିକୁ ଧରି ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଚାହୁଁଛି ଖଣି ବିଭାଗ। ନୟାଗଡ଼ ରେଳ ସ।ଇ ଡି ଙ୍ଗ ନିକଟରେ ଗଚ୍ଛିତ ଥିବା ଲୁହାପଥର ଉପରେ ଖଣି ମାଫିଆ ମାନେ କବଜା କରି ଚୋରା ଚାଲାଣ କରୁଥିବା ଜଣାପଡିଛି। ସେହି ଗଚ୍ଛିତ ଲୁହାପଥର ଷ୍ଟକୁ ଦିନ ରାତି ବେଆଇନ ଭାବେ ପରିବହନ ହେଉଛି ଲୁହାପଥର। ଏହାକୁ ନେଇ ବାରମ୍ବାର ଅଭିଯୋଗ ପରେ ବାମେବାରି ଚଢ଼ାଉ କରି ୩ଟି ଟ୍ରକ ଓ ଗୋଟିଏ ଜେସିବି ଜବତ କରିଛି। ୨୦୧୦ରୁ ନୟାଗଡ଼ ରେଳ ସାଇଡିଙ୍ଗ ନିକଟରେ ଗଦା ହୋଇଥିବା ଲୁହାପଥର ଲୁଟି ନେଉଛନ୍ତି ମାଫିଆ। ଖଣି ବାହାରେ ନୟାଗଡ଼-ପଳାସପଙ୍ଗା ରାସ୍ତାକଡ଼ରେ ପ୍ରାୟ ୪ ହଜାର ମେଟ୍ରିକ୍ ଟନ୍ ଖଣିଜ ଗଦା ହୋଇ ରହିଛି । ତେଣୁ ଏହାକୁ ଗଚ୍ଛିତ ରଖିଥିବା ରପ୍ତନିକାରୀ ସଂସ୍ଥାର ଷ୍ଟୋରିଂ ଲାଇସେନ୍ସ ରଦ୍ଦ ହୋଇଛି। ସଂପୃକ୍ତ ସଂସ୍ଥା ଲୁହାପଥର ରପ୍ତାନି କରି ନପାରିବାରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଦୀର୍ଘବର୍ଷ ପରେ ମଧ୍ୟ ଖଣି ବିଭାଗ ଏହାକୁ ଜବତ କରି ନିଲାମ କରୁନାହିଁ । ତେଣୁ କଙ୍କଡ଼ାକୁ ଗୋଳିପାଣି ସୁହାଇବା ଭଳି ମାଫିଆଙ୍କୁ ସୁହାଇଛି ପ୍ରଶାସନର କୋହଳ ମନୋବୃତ୍ତି । ଲୁହାପଥର ଲୁଟି ମାଫିଆଙ୍କ ପକେଟ୍ ଗରମ ହେଉଥିବା ବେଳେ ରାଜ୍ୟ ହରାଉଛି ରାଜସ୍ୱ ।

# ରାସ୍ତା ପ୍ରଶସ୍ତିକରଣ ପାଇଁ ତେଜୁଛି ଅସନ୍ତୋଷ

## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବାକୁ ଦାବି

**ସୋନପୁର,୧୦।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକର ୫୭ ତମ ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥ ଅବସ୍ଥିତ ଖମ୍ବେଶ୍ୱରୀପାଲି ପକାଉନ ହୋଟେଲ ଛକ ଠାରୁ ଡୁଙ୍ଗୁରିପାଲି ଦେଇ ବିଶିମୁଣ୍ଡା ଚାରିଛକ ଛକ ପର୍ଯ୍ୟନ୍ତ ୫.୫ ମିଟର ଚଉଡ଼ାର ପିଚୁ ରାସ୍ତା ପିଡବ୍ଲୁଡ଼ି ବିଭାଗ ପକ୍ଷରୁ ଏକ ନୂତନ ରାସ୍ତା ତିଆରି କରାଯାଉ ବୋଲି ଅଞ୍ଚଳ ର ଜନସାଧାରଣ ପକ୍ଷରୁ ଦାବି ହେଉଛି। ଖମ୍ବେଶ୍ୱରୀପାଲି କଲେଜର ଏହି ବାଇପାସ ରାସ୍ତା ଦେଇ ବିଶିମୁଣ୍ଡା ଚାରିଛକ ଛକ ପର୍ଯ୍ୟନ୍ତ ୫.୫ ମିଟର ଚଉଡ଼ା ରେ ଏକ ନୂତନ ପିଚୁ ରାସ୍ତା ହେଲେ ଏହି ଅଞ୍ଚଳର ବିକାଶ ଆହୁରି ହୋଇ ପାରିବ ବୁଦ୍ଧି ଜୀବୀ ମାନେ ସୂଚନା ଦେଇଛନ୍ତି ଖମ୍ବେଶ୍ୱରୀପାଲି ବାଇପାସ ରାସ୍ତା ବିଶିମୁଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତି କରଣ କରାଗଲେ ବହୁତ ଦିନର ରାସ୍ତା ସମସ୍ୟା ସମାଧାନ ହୋଇ ପାରିବ।ସୂଚନାଯୋଗ୍ୟ ଗ୍ରାମୀଣ ଅଞ୍ଚଳ ମଲ୍ଲିକମୁଣ୍ଡା ଠାରୁ ନାରାୟଣପୁର ଏବଂ କସୁରପାଲି ଠାରୁ ମକୁନ୍ଦପୁର ଦେଇ ପିଚୁ ରାସ୍ତା କରାଯାଇଛି। ଅଥଚ ଖମ୍ବେଶ୍ୱରୀପାଲି ଠାର ପ୍ରସିଦ୍ଧ କୋଉଶ୍ୱଲେ ସ୍ୱର ମନ୍ଦିର, ଖଲିଆପାଳିରେ ଭୀମଭୋଇଙ୍କ ସମାଧି ପୀଠ ଅଛି ଏଠାକୁ ରାଜ୍ୟ ବାହାରର ଅନେକ ଲୋକ ଆସି ଥାଆନ୍ତି। ଭୀମଭୋଇଙ୍କ ସମାଧି ପୀଠ ଖାଲିଆପାଲିକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଅନେକ ଆସିଥାନ୍ତି, କିନ୍ତୁ ଭଲ ରାସ୍ତା ନ ଥିବାରୁ ଅସୁବିଧା ର ସମ୍ମୁଖୀନ ହେଇ ଥାଆନ୍ତି। ମାଘମାସ ସମୟରେ ଖାଲିଆପାଲି ଠାରେ ମାଘମେଲା ଅନୁଷ୍ଠିତ ହୋଇଥାଏ ଭିଡ଼ ପ୍ରବଳ ହୋଇ ଥାଏ ବାବା ଧର୍ମ ଗ୍ରହଣ କରିଥିବା ଅନେକ ଭକ୍ତ ଆସି ଥାଆନ୍ତି। ଏହିଭଳି ଏକ ପର୍ଯ୍ୟଟନ ସ୍ଥଳୀ ରାସ୍ତାକୁ ଅଣଦେଖା କରାଯାଉଛି ବୋଲି ଜନସାଧାରଣ ପକ୍ଷରୁ ଅଭିଯୋଗ ହେଉଛି। ଯାହା ଫଳରେ ଏହି ଅଞ୍ଚଳ ର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଏହି ରାସ୍ତାର ପ୍ରଶସ୍ତି କରଣ ସହ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରେ ସାମିଲ କରିବାକୁ ସୋନପୁର ଜିଲ୍ଲା ପ୍ରଶାସନଙ୍କୁ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରୁଛନ୍ତି।

# ଏସ୍‌କେ ମାର୍ଟରେ ନିଆଁ



**ରାୟଗଡ଼ା,୧୦।୧ (ସଂଚାର ବ୍ୟୁରୋ):** ଏସକେ ମାର୍ଟରେ ଭୟାବହ ଅଗ୍ନିକାଣ୍ଡ । ଜଳିଗଲା ଲକ୍ଷାଧିକ ଟଙ୍କାର ଲୁଗା । କନଭେଣ୍ଟ ସ୍କୁଲ ଛକରେ ଥିବା ୪ ମହଲା ବିଶିଷ୍ଟ ଏସକେ ମାର୍ଟରେ ନିଆଁ ଲାଗିଛି । ମାର୍ଟ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛି । ପ୍ରବଳ ଧୂଆଁ ବାହାରୁଥିବାରୁ ନିଆଁକୁ ଆୟତ୍ତ କରିବାରେ ବାଧା ସୃଷ୍ଟି ହୋଇଛି। ମାର୍ଟ ଭିତରେ ଲୁଗା ଥିବାରୁ ନିଆଁ ଅଧିକ ବ୍ୟାପିଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ଅଗ୍ନିଶମ ଅଧିକାରୀ କହିଛନ୍ତି, ଏନେଇ ଅଗ୍ନିଶମ ଅଧିକାରୀ କହିଛନ୍ତି, ବହୁ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଛି। ପ୍ରାୟ ଘଣ୍ଟାଏ କାଳ ପରିଶ୍ରମ ପରେ ନିଆଁକୁ କାବୁ କରାଯାଇଛି। ତେବେ ଦୋକାନ ମାଲିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିଥିଲେ ନା ନାହିଁ ତାହାର ତଦାରଖ କରାଯିବ ।

# ବାଳିକାଙ୍କ ସୁରକ୍ଷାକୁ ସରକାରଙ୍କ ଗୁରୁତ୍ୱ




**କାକଟପୁର /ଅସ୍ତରଙ୍ଗ,୧୦।୧ (ସଂଚାର ବ୍ୟୁରୋ):** ବିଭିନ୍ନ ପରିସ୍ଥିତିରେ କିଶୋରୀ ବାଳିକା ମାନଙ୍କର ସୁରକ୍ଷା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସରକାରୀ ସ୍ତରରେ କରାଯାଉଛି। ଶୁକ୍ରବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସଭାଗୃହ ପରିସରରେ ମଣ୍ଡଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ମମତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଶସ୍ମିତା ବେହେରା, ମୁଖ୍ୟ ବକ୍ତା ଉପାଧକ୍ଷ ଦୃଜୟ ମିଶ୍ର, ସଂମ୍ମାନୀତ ଅତିଥି ମଣ୍ଡଳଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଜିଲ୍ଲା ସୁପରଭାଇଜର ବାଲ୍ୟବତୀ ମହାନ୍ତି, ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଅଶୋକ ମହାନ୍ତି, ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା, ସାଧନ ସଂଯୋଜକ ଅଭିମନ୍ୟୁ ସେଠୀ ପ୍ରମୁଖ ଉପସ୍ଥିତ କିଶୋରୀ ବାଳିକା ଙ୍କୁ ଶିଶୁନିର୍ଯାତନା, ପୋକ୍ସ ଆଇନି ଓ ଶିଶୁ ଶ୍ରମିକ ଏକ ଦଣ୍ଡନିୟ ଅପରାଧ ସମ୍ପର୍କରେ ସଚେତନ କରିବା ସହିତ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା। ଏହା ପରେ କିଶୋରୀ ବାଳିକା ମାନଙ୍କ ମଧ୍ୟରେ ରଚନା, ନୃତ୍ୟ, ଝୋଟି, ବିତର୍କ,ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅସ୍ତରଙ୍ଗ ବ୍ଲକ ଆଇସିଡିଏସର ସମସ୍ତ ସେକ୍ଟରର ୧୦ରୁ ୧୮ବର୍ଷ ବୟସର କିଶୋରୀ ବାଳିକା ମାନେ ଅଂଶଗ୍ରହଣ କରିଥିଲେ। ରଚନା ରେ ଲୋନୀ ପରିଡା ପ୍ରଥମ, ଶୁଭଶ୍ରୀ ନାୟକ ଦ୍ୱିତୀୟ, ପାୟଲ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ନୃତ୍ୟରେ ଗୁପଡ୍ୟାନ୍ସ ଛୁରିଆନା ପଂଚାୟତ ପ୍ରଥମ, ସୋନାଲି ବେହେରା ଦ୍ୱିତୀୟ, ଶୁଭଲକ୍ଷ୍ମୀ କାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଆରପିଏଫ୍ କନଷ୍ଟେବଲଙ୍କୁ ଧକ୍କା ଦେଲା ଟ୍ରେନ୍

**ବାଲେଶ୍ୱର,୧୦।୧(ସଂଚାର ବ୍ୟୁରୋ):** ସାମାନ୍ୟ ଅସାବଧାନତାରୁ ଘଟିଗଲା ବଡ଼ ଅଘଟଣ । ଷ୍ଟେସନରେ ମହିଳା ଆରପିଏଫ୍ କନଷ୍ଟେବଲଙ୍କୁ ଧକ୍କା ଦେଲା ଟ୍ରେନ୍ । ଏପରି ଏକ ଅଘଟଣ ଆଜି ବାଲେଶ୍ୱର ରେଳ ଷ୍ଟେସନରେ ଘଟିଛି । ଗୁରୁତର ଆରପିଏଫ୍



କନେଷ୍ଟବଳ ହେଲେ ଜି. କବିତା । ଜି. କବିତା ଆଜି ଷ୍ଟେସନର ୨ନଂ ପ୍ଲାଟଫର୍ମରୁ ରେଳ ଧାରଣା ଉପର ଦେଇ ୩ନଂ ପ୍ଲାଟଫର୍ମକୁ ଯାଉଥିଲେ । ସେହି ସମୟରେ ଭଦ୍ରକ ପଟୁ ଯାଜପୁର ଲୋକାଲ ଟ୍ରେନ ଆସୁଥିଲା । ଅନ୍ୟମନସ୍କ ଥିବାରୁ କବିତା ଟ୍ରେନ ଆସିବା ବାବଦରେ ଜାଣି ପାରିନଥିଲେ । ଫଳରେ ୩ନଂ ପ୍ଲଟଫର୍ମକୁ ଚଢିବା ପୂର୍ବରୁ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ କବିତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଛି ।

## ଜେଲ୍ ଗଲେ ଗଞ୍ଜେଇ ଚାଲାଣକାରୀ

**ଗଞ୍ଜାମ,୧୦।୧(ସଂଚାର ବ୍ୟୁରୋ):** ଦିଗପହଣ୍ଡି ଅବକାରୀ ଥାନା ଏସ୍‌ଆଇ ଅନୀତା ପ୍ରଧାନ ଗଜପତି ଜିଲା ମୋହନା ଥାନା କୀର୍ତ୍ତିଗି ଗ୍ରାମର ଜିତେନ୍ଦ୍ର ପାଇକଙ୍କୁ ଶୁକ୍ରବାର ବ୍ରହ୍ମପୁର ଜିଲା ଦୌରା ଜଜ କୋର୍ଟକୁ ଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୧୮୧/୨୪-୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଏକ ବାଇକ୍ ନଂ.ଓଆର ୦୭ ଟି -୫୦୪୩ ଯୋଗେ ଗଞ୍ଜେଇ ନେଇ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଗୁରୁବାର ମଧ୍ୟାହ୍ନରେ ପ୍ରାପ୍ତ ସୂଚନାକୁ ଭିତ୍ତିକରି ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଅବକାରୀ କର୍ମଚାରୀ ବୃନ୍ଦ ଅଭିଯୁକ୍ତଙ୍କ ବାଇକ୍‌କୁ ଅଟକାଇ ଖାନତଲାସ କରିଥିଲେ। ସେ ଧରିଥିବା ଏକ ବ୍ୟାଗ୍‌ରେ ୭ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅବକାରୀ ଏସ୍.ଆଇ ଅଭିଯୁକ୍ତଙ୍କୁ ଗିରଫ କରି ବାଇକ୍ ସହ ଅବକାରୀ ଥାନାକୁ ଉଠାଇ ନେଇଥିଲେ। ତଦନ୍ତ ପରେ ସେ ବେଆଇନ ଭାବେ ଗଞ୍ଜେଇ ବିକ୍ରି ପାଇଁ ବ୍ରହ୍ମପୁର ଯାଉଥିବା ସ୍ୱୀକାର କରିଥିଲେ। ଏହି ଚଢ଼ାଉ ଧରପଗଡ଼ରେ ଅବକାରୀ ଏସ୍.ଆଇ ଏନ. ତ୍ରିପତି, କନେଷ୍ଟବଳ ନୀର ବେହେରା, ଆଳଫଲତା ସାହୁ ସାମିଲ ଥିଲେ।



# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ



**ରାୟଗଡା,୧୦।୧(ସଂଚାର ବ୍ୟୁରୋ):** ଆସନ୍ତା ୨୬ ଜାନୁଆରୀରେ ପାଳିତ ହେବାକୁ ଥିବା ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାୟଗଡା ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ହେଉଥିବା ଏହି ବୈଠକରେ ଜିଲ୍ଲାପାଳ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମର ସମସ୍ତ ବ୍ୟବସ୍ଥା ତଥା କାର୍ଯ୍ୟକ୍ରମ ଅନୁଷ୍ଠାନକୁ ନିର୍ଦ୍ଦେଶନା କରିଥିଲେ । ବୈଠକରେ ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ତଥା ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ପୂର୍ବ ବର୍ଷର କାର୍ଯ୍ୟକ୍ରମ ବିବରଣୀ ପାଠ କରାଯାଇଥିଲା ଓ ଏବର୍ଷ ପାଇଁ ଚଳିତ ଯୋଜନା ଉପରେ ଆଲୋଚନା ହୋଇଥିଲା । ସମସ୍ତ ବ୍ୟବସ୍ଥା ନିକସିଆ କରି ଏହାକୁ ସଫଳ କରିବାକୁ ଏକ ଯୋଜନା ତିଆରି କରାଗଲା। ସାଧାରଣତନ୍ତ୍ର ଦିବସ ପାଳନ ଦିନରେ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ ଠାରୁ ୮.୦୦ ମଧ୍ୟରେ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ ହେବ। ପ୍ରମୁଖ କାର୍ଯ୍ୟକ୍ରମ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ହେବ । ସକାଳ ୮.୩୦ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହା ପରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ୟାରାଡ଼ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ ହେବ । ପ୍ୟାରାଡ଼ ପଡିଆରେ ବ୍ୟାରିକେଡ ଲଗାଇବା ସହିତ ତାର ସୁରକ୍ଷା ବ୍ୟବସ୍ଥା ଜୋରଦାର କରାଯିବ। ପୂର୍ତ୍ତ ବିଭାଗ ଓ ଅନ୍ୟାନ୍ୟ ବିଭାଗ ଏକ ଯୋଗସଜ୍ଜତାରେ କାମ କରିବାକୁ ଦାୟିତ୍ୱ ଦିଆଯାଇଛି । ଏହି ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପକାରାଗାର, ସ୍ୱଧାର ଗୃହ, ଏବଂ ବରିଷ୍ଠ ନାଗରିକମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ ।

# ଘୁମୁରା ଉତ୍ସବ ଉଦ୍‌ଘାଟିତ

## ନୃତ୍ୟ, ବାଦ୍ୟରେ ଦୁଲୁକିଲା କେସିଙ୍ଗା ସହର



**କେସିଙ୍ଗା,୧୦।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସହରସ୍ଥିତ ବୁଢାଡ଼ଙ୍ଗର ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ମଶାଲ ଯାତ୍ରା ଆନନ୍ଦ ଉଲ୍ଲାସର ସହିତ ମହାଆଡମ୍ବରରେ ଘୁମୁରା, ଆଦିବାସୀ ନୃତ୍ୟ ସହ ସହର ପରିକ୍ରମା ବେଳେ ଦୁଲୁକି ଉଠିଥିଲା ସହର ଜାତୀୟ ରାଜପଥ। ଏହି ମଶାଲ ଯାତ୍ରାରେ ଅଧ୍ୟକ୍ଷ ନୃପରାଜ ଯାଦବ ମଶାଲ ଧରି ସହର ପରିକ୍ରମା କରି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ବୁଢ଼ାରାଜା ମଞ୍ଚ ରେ ମଶାଲ ସ୍ଥାପନ କରାଯାଇ ଥିଲା। ଏହି ମାଶାଲ ଯାତ୍ରାରେ ସମସ୍ତ ପାରିଷଦ ବୃନ୍ଦ,ଉପାଧ୍ୟକ୍ଷା, ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ,ସମସ୍ତ କର୍ମଚାରୀଙ୍କ ସମେତ ବିଭିନ୍ନ ମହିଳା ଗ୍ରୁପ ଯୋଗଦାନ କରିଥିଲେ। ଏହି ମଞ୍ଚରେ ଲୋକନୃତ୍ୟ, ଲୋକଗୀତ, ଝୋଟି, ହୁଳହୁଳି, ମୁରୁଜ, ଶଙ୍ଖ ଫୁଙ୍କା, କବିତା ପାଠୋତ୍ସବ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ପାଳନ ଅବସରରେ କେସିଙ୍ଗା ସହରର ଜନସାଧାରଣଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ଲୋକଗୀତ ଓ ଲୋକନୃତ୍ୟ ଭଳି ଆକର୍ଷଣୀୟ ପ୍ରତିଯୋଗିତା ସହ କବି ଓ କବୟିତ୍ରୀମାନଙ୍କ ପାଇଁ ମଧ୍ୟ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା।

# ଜଣେ ଡାକ୍ତରରେ ଚାଲିଛି ୨୪ ଘଣ୍ଟିଆ ସେବା



**ବଲାଙ୍ଗୀର,୧୦।୧(ସଂଚାର ବ୍ୟୁରୋ):** ପ୍ରାୟ ରାଜସ୍ୱ ଗ୍ରାମ ଗୁଡ଼ିକରେ ସରକାରୀ ପ୍ରାଥମିକ ସ୍ୱାସ୍ଥ କେନ୍ଦ୍ର ଖୋଲି ଡାକ୍ତର ନିଯୁକ୍ତ କରୁଛନ୍ତି । କିନ୍ତୁ ବଲାଙ୍ଗୀର ଚୁଲିଫୁଙ୍କା ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସ୍ୱାସ୍ଥ୍ୟସେବାକୁ ପ୍ରଭାବିକ କରିଛି। ଜଣେ ମାତ୍ର ଡାକ୍ତରରେ ୨୪ ଘଣ୍ଟିଆ ରୋଗୀ ସେବା ଚାଲିଛି । ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏନେଇ କିନ୍ତୁ ପ୍ରଶାସନର ନଜର ନାହିଁ । ବଲାଙ୍ଗୀରର କଣ୍ଟାବାଞ୍ଜିର ଚୁଲିଫୁଙ୍କା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ଚୁଲିଫୁଙ୍କା ପଞ୍ଚାୟତ ସମେତ କପିଳାଭଟା, କୁଣ୍ଡାବୁଟୁଲା, ବଳଧା, ଗନ୍ଧରାବନ୍ଦ ପଞ୍ଚାୟତର ଲୋକଙ୍କ ଭରସାର ସ୍ୱାସ୍ଥ୍ୟକେନ୍ଦ୍ର । କିନ୍ତୁ ଏଠି ମାତ୍ର ଜଣେ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟସେବା। ଷ୍ଟାଫ୍ ନର୍ସ, ଏ.ଏନ.ଏମ. ଦିଦି, ଫର୍ମାସିଷ୍ଟ, କି ଆଟେଣ୍ଡାଟ କେହି ନାହାଁନ୍ତି । ଫଳରେ ଜଣେ ସୁରକ୍ଷାକର୍ମୀଙ୍କୁ ଭରସା କରି ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି ଜଣେ ଡାକ୍ତର । ୨ବର୍ଷ ହେଲାଣି ଅବ୍ୟବସ୍ଥା ଘେରରେ ସ୍ୱାସ୍ଥ୍ୟକେନ୍ଦ୍ର। ମହିଳା ସ୍ୱାସ୍ଥ୍ୟକର୍ମୀ ନଥିବାରୁ ମହିଳା ରୋଗୀ ହଇରାଣ ହେଉଛନ୍ତି । ଦୁର୍ଘଟଣାରେ ଆହାତ ଲୋକ ଡାକ୍ତରଖାନା ଆସିଲେ ଡ୍ରେସିଂ ହୋଇପାରୁନି । ତେବେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କର୍ମଚାରୀ ନିଯୁକ୍ତି କରାନଗଲେ ଆନ୍ଦୋଳନକୁ ଓହ୍ଲାଇନେ ବୋଲି ସ୍ଥାନୀୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେପଟେ ସିନ୍ଧେକେଲା ଡାକ୍ତରଖାନାର ମେଡିକାଲ ଅଫିସର କହିଛନ୍ତି, ଗାଁ ଲୋକଙ୍କ ଅଭିଯୋଗ ଆସିଛି । ବଲାଙ୍ଗୀର ସିଡିଏମଓଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରାଯିବ ।

## ପକ୍ଷୀ ସଂରକ୍ଷଣକୁ ଗୁରୁତ୍ୱ

**ବରଗଡ଼,୧୦।୧(ସଂଚାର ବ୍ୟୁରୋ):** ପକ୍ଷୀ ସଂରକ୍ଷଣ ପାଇଁ ଛାତ୍ରାବସ୍ଥାରୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ହାଇସ୍କୁଲରେ ବୁଧବାର ଜାତୀୟ ପକ୍ଷୀ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଜାତୀୟ ପକ୍ଷୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ପରିସଂସ୍ଥାରେ ପକ୍ଷୀ ଜଗତ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ମଞ୍ଜୁ ନାୟକ ପ୍ରଥମ, ନୈନାଶ୍ରୀ ପ୍ରଧାନ ଦ୍ୱିତୀୟ ଏବଂ ପ୍ରିୟଦର୍ଶିନୀ ଦେହେରୀ ତୃତୀୟ ହୋଇଥିଲେ। ପ୍ରଧାନ ଶିକ୍ଷକ ପକ୍ଷୀ ସଂରକ୍ଷଣର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ।

## ଲଘୁଖଣିଜ ଚୋରାଚାଲାଣ ପ୍ରତିବାଦରେ ବିଜେଡିର ଗଣବିକ୍ଷୋଭ

**ନୀଳଗିରି,୧୦।୧(ସଂଚାର ବ୍ୟୁରୋ):** ପ୍ରାକୃତିକ ସମ୍ପଦରେ ଭରପୁର ନୀଳଗିରି ମାଟିରେ ଭରି ରହିଥିବା ଲଘୁଖଣିଜ ସମ୍ପଦର ଚୋରାଚାଲାଣ ରୋକିବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଥିବା କୁ ନେଇ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅଭିଯୋଗ ଆଣିଛନ୍ତି। ସୁକ୍ରବାର ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଏକ ବିଶାଳ ବିକ୍ଷୋଭ ସମାବେଶରେ ସୁକାନ୍ତ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଗଣବିକ୍ଷୋଭ ସମାବେଶରେ ପୂର୍ବତନମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଜେଡି ନଗରସଭାପତି ରବୀନ୍ଦ୍ର ପରିଡା, ତୁଙ୍ଗ ଆଦିବାସୀ ନେତା ମଦନ ମୋହନ ମାଝୀ, ବାଲେଶ୍ୱର ଭିଟାମାଟି ସୁରକ୍ଷା ମଂଚର ଆବାହକ ଅରୁଣ ଜେନା, ବାହାନଗା ବ୍ଲକ ଅଧ୍ୟକ୍ଷ ଶରତ ରାଜ, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ପ୍ରଫୁଲ୍ଲ ପରିଡା, ଭାଗବତ ଖିଲାର, ରାଜୀବ ଦାସବାବୁ ପ୍ରମୁଖ ଉପସ୍ଥିତ ରହି ରାଜ୍ୟସରକାରଙ୍କ ଅପରିଣାମଦର୍ଶୀତା ପାଇଁ କୋଟିକୋଟି ଟଙ୍କା ରାଜସ୍ୱ ହାନି ହେଉଥିବା ଅଭିଯୋଗ କରିଛନ୍ତି। ପଥର, ମୋରମ, ବାଲି, ମାଟି ଚୋରାରେ ଚାଲାଣ ହେଉଥିବା ବେଳେ ଏହାକୁ ନିଲାମ କରାଯାଇ ପ୍ରକୃତ ଲିଜଧାରିଙ୍କୁ ପ୍ରଦାନ କଲେ ରାଜ୍ୟସରକାରଙ୍କ ରାଜକୋଷକୁ ରାଜସ୍ୱ ଯାଇପାରନ୍ତା। ଫଳରେ ଦିନରେ ଲୁଟ୍ ହେଉଥିବା ଖଣିଜ ସମ୍ପଦର ପ୍ରକୃତ ବିନିଯୋଗ ହୋଇପାରନ୍ତା ବୋଲି ସମାବେଶ ସଭାର ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏଥିସହିତ ନୀଳଗିରି ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଛତୁଫୁଟିବା ଭଳି ଇଟାଭାଟି ନିର୍ମାଣ ହେବା ସହିତ କୁଳଡିହା ଅଭୟାରଣ୍ୟ ଇକୋ ସେନ୍ସେଟିଭ୍ ମଧ୍ୟରେ ବେଆଇନ୍ ଇଟାଭାଟି ନିର୍ମାଣ ହେବାଫଳରେ ବନ୍ୟଜନ୍ତୁ ସୁରକ୍ଷା ସହିତ ଉକ୍ତ ଅଞ୍ଚଳରେ ଧୂଆଁଯୋଗୁଁ ପ୍ରଦୂଷଣର ମାତ୍ରା ବଢିବା ସଙ୍ଗେସଙ୍ଗେ ମନୁଷ୍ୟ ଓ ଜୀବଜଗତ ପ୍ରତି ବିପଦ ସୃଷ୍ଟି ହୋଇଥିବା ଅଭିଯୋଗ କରି ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ଏକ ଲିଖିତ ଅଭିଯୋଗ କରାଯାଇଛି। ନୀଳଗିରି ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ନୀଳଗିରି ତହସିଲଦାର ସୋନମ୍ ଦାସଙ୍କୁ ବିଜେଡିର ଏକ ପ୍ରତିନିଧିଦଳ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହିତ ସମାଧାନ ନହେଲେ ଆଗାମୀ ୨୯ତାରିଖ ବାଲେଶ ଏକହଜାରରୁ ଉର୍ଦ୍ଧ୍ୱଲୋକ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।




## ଆଲୁମିନା ପାଉଡର ଜବତ୍, ଦୁଇ ଗିରଫ



**ଲାଞ୍ଜିଗଡ଼,୧୦।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଚନ୍ଦନପୁର ଗ୍ରାମ ନିକଟରୁ ଆଲୁମିନା ପାଉଡର ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚମ୍ପାଦେଇପୁର ଗ୍ରାମର ହଳଧର ସାହୁ ଓ ଖମନଖୁଣ୍ଟି ଗ୍ରାମର ବଇଲା କନ୍ଧପାଣି। ସୂଚନାନୁସାରେ ବୁଧବାର ରାତିରେ ଲାଞ୍ଜିଗଡ଼ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ କୌଣସି ସୂତ୍ରରୁ ଆଲୁମିନା ପାଉଡର ଚୋରା ଚାଲାଣ ହେଉଥିବା ଖବର ପାଇ ଏସ୍‌ଆଇ ବଳଭଦ୍ର ଗୌଡ ଓ ପୁଲିସ ବଳ ସହ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରି ସେମାନଙ୍କଠାରୁ ୫ ଟନ ୮ କୁଇଣ୍ଟାଲ ଆଲୁମିନା ପାଉଡର ବୋଝେଇ ୨ ଟ୍ରାକ୍ଟର, ୨ ବୋଲେରୋ ପିକ୍‌ଅପ, ଗୋଟିଏ କାର୍, ନଗଦ ୫୦ ହଜାର ଜବତ କରିଥିଲେ। ଏ ନେଇ ଲାଞ୍ଜିଗଡ ଥାନାରେ କେସ୍ ନଂ.୧/୨୫ରେ ଏକ ମାମଲା ରୁଜୁ କରଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।